ଆମରି ଅସ୍ମିତାର କଥା
ଆସ ଆମେ ଓଡ଼ିଶାକୁ ଚିହ୍ନି ଭଲ ପାଇବା...

ଆମ ଓଡ଼ିଶା

# ଆମ ଓଡ଼ିଶା

https://aamaodisha.org.in

Volume : 1 • Issue: 2 • ବର୍ଷ-୧ • ସଂଖ୍ୟା-୨ • ୧-୭ ଅଗଷ୍ଟ ୨୦୨୫, ଭୁବନେଶ୍ୱର • 1-7 August 2025, Bhubaneswar ₹ 10

## ଜଣେ ଦର୍ଶନ ଛାତ୍ରର ପ୍ରଶ୍ନ

'ଆମ ଓଡ଼ିଶା'ର ନବକଳେବର ଉତ୍ସବ ପର ସପ୍ତାହଟି ମୋ ପାଇଁ ଏକାଧିକ କାରଣରୁ ଉଲ୍ଲେଖନୀୟ ହୋଇ ରହିବ। ଦୁଇଦିନ ଧରି ଦର୍ଶନ ଶାସ୍ତ୍ରର ଅଧ୍ୟାପକ ଓ ଛାତ୍ରମାନଙ୍କ ଗହଣରେ ସମୟ କାଟିବାର ସୁଯୋଗ ମିଳିଲା। ପ୍ରଥମ ଦିନ ପ୍ରଫେସର ହୃଦାନନ୍ଦ ରାୟଙ୍କର ଶ୍ରାଦ୍ଧ ଉତ୍ସବରେ ଯୋଗଦେଇ ଅତ୍ୟନ୍ତ ଆନନ୍ଦ ଅନୁଭବ କଲି। ପ୍ରଫେସର ହୃଦାନନ୍ଦ ରାୟଙ୍କୁ କିଏ କେମିତି ଜାଣନ୍ତି ମୁଁ ଜାଣେନାହିଁ। ଆମର ଉତ୍ତର ପିଢ଼ି ନିକଟରେ ମୁଁ ତାଙ୍କୁ ଆମ ଓଡ଼ିଶାର ଜଣେ ଅସ୍ମିତା ପୁରୁଷ ଭାବେ ଉପସ୍ଥାପିତ କରିବାକୁ ଚାହେଁ। ସେ ଜଣେ ମେଧାବୀ ଛାତ୍ର ଥିଲେ। ରେଭେନ୍ସା କଲିଜିଏଟ୍ ସ୍କୁଲ୍, ରେଭେନ୍ସା କଲେଜ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ କରି ଦର୍ଶନ ଶାସ୍ତ୍ରର ଅଧ୍ୟାପକ ଭାବେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ଅଧ୍ୟାପନା ସହିତ ତାଙ୍କର ବାଗ୍ମିତା ଆମମାନଙ୍କୁ ଯଥେଷ୍ଟ ପ୍ରଭାବିତ କରିଥିଲା। ଆଜିକାଲିର ଛାତ୍ରଛାତ୍ରୀମାନେ ତାଙ୍କୁ ଶୁଣିବାରୁ ବଞ୍ଚିତ ହୋଇଥିବାରୁ ତାଙ୍କର ବାଗ୍ମିତାର ପ୍ରଭାବକୁ ଅନୁମାନ କରିପାରିବେ ନାହିଁ। ଆମେମାନେ ସେ ଦୃଷ୍ଟିରୁ ଭାଗ୍ୟବାନ ଥିଲୁ। ବାଗ୍ମିତା ସହିତ ଭଞ୍ଜ ସାହିତ୍ୟର ଜଣେ ପ୍ରବକ୍ତା ଭାବରେ ତାଙ୍କର ପଟାନ୍ତର ନାହିଁ। 'କଳିଙ୍ଗ ଭାରତୀ'ର ମାଧ୍ୟମରେ ଭଞ୍ଜ ସାହିତ୍ୟକୁ ସାଧାରଣ ଲୋକଙ୍କ ପାଖରେ ବ୍ୟାଖ୍ୟା କରି ପହଞ୍ଚାଇବାରେ ତାଙ୍କର ଅବଦାନକୁ ଓଡ଼ିଆ ଜାତି ଚିରକାଳ ସ୍ମରଣ ରଖିବ। ବହୁ ମୁଲ୍ୟବାନ ପୁସ୍ତକ ରଚନା କରି ସେ ଓଡ଼ିଶାର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ପରଦିନ ସନ୍ଧ୍ୟାରେ କଟକରେ ଉତ୍କଳ ସାହିତ୍ୟ ସମାଜର ଶତାବ୍ଦୀ ଭବନରେ 'ଓଡ଼ିଶାରେ ଦର୍ଶନ ଶାସ୍ତ୍ର ଶିକ୍ଷାର ଇତିହାସ' ପୁସ୍ତକ ଉନ୍ମୋଚିତ ହେଲା। ବହୁ ମାନଗଣ୍ୟ ବ୍ୟକ୍ତି, ସାହିତ୍ୟିକ ବନ୍ଧୁ, ଦର୍ଶନ ଶାସ୍ତ୍ରର ବରିଷ୍ଠ ଅଧ୍ୟାପକମାନଙ୍କ ଉପସ୍ଥିତିରେ ଅଧ୍ୟାପକ ନାରାୟଣ ମହାନ୍ତିଙ୍କ ଲିଖିତ ଏଇ ପୁସ୍ତକଟିର କେବଳ ଶୁଭଉନ୍ମୋଚନ ହେଲାନାହିଁ ବରଂ ଏହାର ଏକ ଉଚ୍ଚକୋଟୀର ସମୀକ୍ଷା ଆଲୋଚନା ମଧ୍ୟ ହେଲା। ଦର୍ଶନ ଶାସ୍ତ୍ରରେ ଡିଗ୍ରୀ ଲାଭକରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିମାନେ ଦର୍ଶନ ଶାସ୍ତ୍ରର ଉପାଦେୟତା ସଂପର୍କରେ ନିଜର ମତ ମନ୍ତବ୍ୟ ରଖିଥିଲେ। ଦୁଇ ଦିନର ଦୁଇଟି ସମାବେଶରେ ଦାର୍ଶନିକ ବନ୍ଧୁମାନଙ୍କ ଗହଣରେ ରହି ମୋ ମନରେ ଥିବା ଦାର୍ଶନିକ ସୁଲଭ ଜିଜ୍ଞାସା ଜାଗି ଉଠିଥିଲା। ପ୍ରଥମ ଦିନରୁ ପ୍ରଫେସର ହୃଦାନନ୍ଦ ରାୟଙ୍କ ଜୀବନୀରୁ କେତୋଟି କଥା ମୋତେ ମୂଳରୁ ଆନ୍ଦୋଳିତ କରୁଥିଲା। ହୃଦାନନ୍ଦ ବାବୁ ନବମ ଶ୍ରେଣୀର ଛାତ୍ର ଥିଲାବେଳର ଘଟଣା। ପ୍ରଧାନ ଶିକ୍ଷକ ଓଡ଼ିଆ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ଉପରେ ପୁସ୍ତକ ରଚନା କରିଥିଲେ। ଓଡ଼ିଆମାନେ ତାଙ୍କର ପାରମ୍ପରିକ ଖାଦ୍ୟ ପଖାଳ ଓ ଶୁଖୁଆକୁ ପରିତ୍ୟାଗ କରି ଅନ୍ୟ ଖାଦ୍ୟ ପ୍ରତି ଆକର୍ଷିତ ହେବା ଫଳରେ ଦୁର୍ବଳ ହେଇଯାଉଛନ୍ତି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପାରମ୍ପରିକ ଖାଦ୍ୟକୁ ପରିହାର ନ କରି ଖାଦ୍ୟକୁ ଚୋବାଇ ଚୋବାଇ ଖାଇବାକୁ ଗୁରୁତ୍ୱ ସେ ଦେଉଥିଲେ। ଚିନି ବଦଳରେ ଗୁଡ଼ ଓ ଗଜାମୁଗ ଖାଇବାକୁ ପରାମର୍ଶ ଦେଉଥିଲେ। ଗୁଡ଼ ଲୌହ ସାରଯୁକ୍ତ ହୋଇଥିବାରୁ ଆମକୁ ଶକ୍ତିଦିଏ। ବାଛୁରୀକୁ ଯେପରି ତା ମା ଠାରୁ ଖାଣ୍ଟି କ୍ଷୀର ସୁସ୍ଥ ରଖେ ଆମେ ମଧ୍ୟ ଗଜାମୁଗ ଖାଇଲେ ତା ପରି ସୁସ୍ଥ ରହି ପାରିବା। ତେଣୁ ପ୍ରଧାନ ଶିକ୍ଷକ ଛାତ୍ରମାନଙ୍କର ଜଳଖିଆରେ ସିଙ୍ଗଡ଼ା ଓ ମିଠା ନ ଦେଇ ଗଜାମୁଗ ଏବଂ ଗୁଡ଼ର ପିଠା ଦେବାପାଇଁ ନିର୍ଦ୍ଦେଶ ଦେଲେ। ନବମ ଶ୍ରେଣୀର ଛାତ୍ର ହୃଦାନନ୍ଦ ବାବୁ ଏ ପ୍ରକାର ନିର୍ଦ୍ଦେଶ ବିରୁଦ୍ଧରେ ଯାଇ ଏହାକୁ ଅମାନ୍ୟ କରିବା ପାଇଁ ଅନ୍ୟ ଛାତ୍ରମାନଙ୍କ ଆଗରେ ବିକଳ୍ପ ଯୁକ୍ତି ବାଢ଼ିଲେ। ଏଭଳି ଗୋଟିଏ ପ୍ରତିବାଦର କଥା ପ୍ରଧାନ ଶିକ୍ଷକଙ୍କ କାନରେ ପଡ଼ିଲା। ହୃଦାନନ୍ଦ ବାବୁଙ୍କୁ ପ୍ରଧାନ ଶିକ୍ଷକ ଡକାଇ କାହିଁକି ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶ୍ନ କରିଥିଲେ। ହୃଦାନନ୍ଦ ବାବୁ ତାଙ୍କର ଯୁକ୍ତି ବଳରେ ପ୍ରଧାନ ଶିକ୍ଷକଙ୍କୁ ପ୍ରଭାବିତ କରିପାରିଥିଲେ। ଏହା ଥିଲା ସେତେବେଳର ଛାତ୍ର ଓ ଶିକ୍ଷକମାନଙ୍କ ଭିତରେ ସଂପର୍କର ଗୋଟେ ଛୋଟିଆ ଉଦାହରଣ। ଛାତ୍ର ଅବସ୍ଥାରେ ହୃଦାନନ୍ଦ ବାବୁଙ୍କ ଯୁକ୍ତି ଓ ବାଗ୍ମିତା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ତାଙ୍କ ପିତା ଓ ଅନ୍ୟମାନେ ସେ ଓକିଲାତି ବୃତ୍ତିରେ ପ୍ରବେଶ କରନ୍ତୁ ବୋଲି ଇଚ୍ଛା କରୁଥିଲେ। କିନ୍ତୁ ହୃଦାନନ୍ଦ ବାବୁ ଅନ୍ୟ କୌଣସି ବିଷୟ ପ୍ରତି ଆକର୍ଷିତ ନ ହୋଇ ଦର୍ଶନ ଶାସ୍ତ୍ର ପ୍ରତି ତାଙ୍କର ରୁଚି ଓ ଆକର୍ଷଣକୁ ଜୀବନ ବ୍ୟାପି ଅତୁଟ ରଖିଲେ।



ଆମ ଘରର ହାଲ୍‌ଚାଲ୍

ମୋ ମନର ପ୍ରଶ୍ନଟି ହେଲା ଆଜିକାଲି ଆମ ପାଠ୍ୟକ୍ରମ ଓ ବ୍ୟବସ୍ଥାରେ ସେପରି ଆକର୍ଷଣ ଆଉ କାହିଁକି ନାହିଁ? ବିଦେଶରେ ପାଠ ପଢ଼ୁଥିବା ବେଳେ ଆମେ ଲକ୍ଷ୍ୟ କରିଛୁ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ମାନଙ୍କରେ ଦର୍ଶନ ଶାସ୍ତ୍ରର ଗୁରୁତ୍ୱ ଅଧିକ ଥାଏ। ଦର୍ଶନ ଶାସ୍ତ୍ରକୁ କଳା ଓ ବିଜ୍ଞାନ ମଧ୍ୟରେ ସମନ୍ୱୟ ରକ୍ଷାକରୁଥିବା ଏକ ସଂଯୋଗ ସେତୁ ବୋଲି ବିଚାର କରାଯାଉଥିଲା। ଦର୍ଶନ ଶାସ୍ତ୍ର ଅଧ୍ୟୟନ ଏକ ବୌଦ୍ଧିକ ବିଳାସ ନୁହେଁ। ନିଜକୁ ଏବଂ ନିଜ ଚାରିପଟେ ଥିବା ଦୁନିଆକୁ ବୁଝିବା ପାଇଁ ଆବଶ୍ୟକ ପଡୁଥିବା ମୌଳିକ ପ୍ରଶ୍ନଗୁଡ଼ିକୁ ଏହା ଉତ୍‌ଥାପନ କରେ । ଦର୍ଶନ ଶାସ୍ତ୍ର ମଣିଷ ସମାଜ ଓ ଦୁନିଆର ଗୁଢ଼ ତତ୍ତ୍ୱ ଗୁଡ଼ିକୁ ବୁଝି ବୁଝାଇବା ପାଇଁ ସାମର୍ଥ୍ୟ ଯୋଗାଏ। ପ୍ରଶ୍ନ ପଚାରିବାର ମୌଳିକ ଅଭ୍ୟାସ ଉପରେ ଏହା ଅଧିକ ଗୁରତ୍ୱ ଦିଏ। ଫଳରେ ଆମର ଆଦିମ ପ୍ରକୃତି ଜିଜ୍ଞାସା ଓ ଯୁକ୍ତିପ୍ରବଣତା ଏଥିରୁ ବଳ ପାଆନ୍ତି। ବିଦେଶର ପାଠ୍ୟକ୍ରମମାନଙ୍କରେ ସେଥିପାଇଁ ଏହାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। କିନ୍ତୁ ଆମ ବ୍ୟବସ୍ଥାରେ ଏହାର ଓଲଟା ହେଉଛି। ପ୍ରଶ୍ନ ପଚାରିବାର ଅଭ୍ୟାସକୁ ବିଦ୍ୟାଳୟମାନଙ୍କରେ ଆଉ ଉତ୍ସାହିତ କରାଯାଉନାହିଁ। ପିଲାର ଅନୁସନ୍ଧିତ୍ସା ମରିମରି ଯାଉଛି। ଆମ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ପ୍ରଶ୍ନକୁ ଆଉ କେହି ଭଲପାଉ ନାହାନ୍ତି। ଭଲ ଛାତ୍ର କୌଣସି ପ୍ରଶ୍ନକୁ ଡରେନାହିଁ। ଓଲଟା କଠିନରୁ କଠିନ ପ୍ରଶ୍ନକୁ ଆହ୍ୱାନ କରେ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅସଲ ପରୀକ୍ଷା ହେଲା ପ୍ରଶ୍ନ ପଚାରି ଉତ୍ତର ଦାୟିତ୍ୱ ଆଦାୟ କରିବା। ଏବେ କିନ୍ତୁ ଦେଖାଯାଉଛି ଆମ ନେତାମାନେ ପ୍ରଶ୍ନକୁ ଆଉ ଭଲପାଉ ନାହାନ୍ତି। ପଚାରିଲେ ଉତ୍ତର ମିଳୁନାହିଁ। ମିଳିଲେ ଅପ୍ରାସଙ୍ଗିକ ମନେ ହେଉଛନ୍ତି।

ଆଜି ଏ ସଂପର୍କରେ କାହିଁକି ଏପରି ଆଲୋଚନା କରାଯାଉଛି ବୋଲି କେହି କେହି ପ୍ରଶ୍ନ କରିପାରନ୍ତି। ସେଥିପାଇଁ ନିକଟ ଅତୀତରେ ଘଟିଥିବା କେତେଗୋଟି କଥାକୁ ଦେଖି ଜଣେ ଭଲ ଦର୍ଶନ ଛାତ୍ର ଯେଉଁ ପ୍ରଶ୍ନଗୁଡ଼ିକ ପଚାରିବ ମୁଁ ତାହାକୁ ହିଁ ଉଲ୍ଲେଖ କରିବାକୁ ଚାହୁଁଛି। ଏ ସରକାରର ବର୍ଷ ପୂର୍ତ୍ତି ପରଠାରୁ କେଜାଣି କାହିଁକି ଏଭଳି ଘଟଣାମାନ ଘଟୁଛି ଯାହାକୁ ସହଜରେ ଗ୍ରହଣ କରିହେଉନାହିଁ। ମନରେ ଅନେକ ପ୍ରଶ୍ନ ଉଠୁଛି ଅଥଚ ତା'ର ଉତ୍ତର କେହି ଦେବାକୁ ପ୍ରସ୍ତୁତ ନୁହନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରାର ଅବ୍ୟବସ୍ଥାରୁ ଏହା ଏକରକମ ଆରମ୍ଭ ହୋଇଛି ବୋଲି କୁହାଯାଇପାରେ। ଜଗନ୍ନାଥଙ୍କ ରଥ ଅଟକିଗଲା। କାହିଁକି ଓ ଏ ଦାୟିତ୍ୱ କାହାର ଆମେ ଜାଣିପାରିଲୁ ନାହିଁ। ପଚାରିଲେ କହୁଛନ୍ତି ତଦନ୍ତ ଚାଲିଛି। ଅତୀତର ଅନେକ ତଦନ୍ତ ରିପୋର୍ଟ ଏବେବି ସେହିପରି ପଡ଼ିରହିଛି। କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ। ଏହି ତଦନ୍ତର ରିପୋର୍ଟ ଅବସ୍ଥା ସେହିପରି ହେବନାହିଁ ତ ?

ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ଅଧ୍ୟାପକଙ୍କ ନିର୍ଯ୍ୟାତନାର ଶିକାର ହୋଇ ଆତ୍ମାହୁତି ଦେଲା। ଏଭଳି କିଛି ଅଘଟଣ ଘଟିବ ବୋଲି ପୂର୍ବାଭାସ ଥିଲା। ବେଳହୁଁ ସତର୍କ ହୋଇଥିଲେ ଏହାକୁ ଏଡାଯାଇ ପାରିଥାନ୍ତା। କିନ୍ତୁ ତାହା ହେଲାନାହିଁ। ଫଳରେ ଯାହା ହେଲା ତାହାକୁ ସହଜରେ ଗ୍ରହଣ କରିହେଉନାହିଁ। ପ୍ରଥମ କଥା ହେଲା ଆତ୍ମହତ୍ୟା ଉଦ୍ୟମ ଏକ ଅପରାଧ। ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିବା ବ୍ୟକ୍ତି ଯେତିକି ଅପରାଧୀ ଏଭଳି ଏକ ଅପରାଧ ପାଇଁ ପରିସ୍ଥିତି ସୃଷ୍ଟି କରିଥିବା ବ୍ୟକ୍ତି ଓ ଅନୁଷ୍ଠାନ ମଧ୍ୟ ସେତିକି ଦାୟୀ। ଆମ ରାଜନୈତିକ ବ୍ୟବସ୍ଥାରେ କ୍ଷମତାସୀନ ବ୍ୟକ୍ତିମାନେ ପରିସ୍ଥିତିର ଚାପରେ ନିଜକୁ ବଞ୍ଚାଇବାକୁ ଯାଇ ଯେଉଁ ପଦକ୍ଷେପମାନ ଗ୍ରହଣ କରନ୍ତି ତାହା ମଧ୍ୟ ସହଜରେ ଗ୍ରହଣ କରିହେଉନାହିଁ। ଏଥିପାଇଁ କ୍ଷମତାସୀନ ଦଳ ସହିତ ବିରୋଧୀ ରାଜନୈତିକ ଦଳ ମଧ୍ୟ ଅନୁରୂପ ଭାବେ ଦାୟୀ। କ୍ଷମତାସୀନ ଦଳକୁ କୌଣସି ନା କୌଣସି ଉପାୟରେ ଅପଦସ୍ଥ କରିବା ପାଇଁ ବିରୋଧୀମାନେ ସୁଯୋଗ ଉଣ୍ଡି ରହିବା ସ୍ୱାଭାବିକ। କିନ୍ତୁ ଯେଉଁ ପ୍ରତିବାଦ କଲେ ଏବଂ ଯେଉଁ ବାଟରେ ଏହାକୁ ଆଗେଇ ନେଲେ ସେମାନେ କ୍ଷମତାରେ ଥିବା ସମୟରେ କଣ କରୁଥିଲେ ସେକଥା ମନେ ପକେଇଥିଲେ ଭଲ ହୋଇଥାନ୍ତା। ପ୍ରତିକୂଳ ପରିସ୍ଥିତିରୁ ଧ୍ୟାନ ଏଡାଇବାକୁ ଯାଇ ଆମ କ୍ଷମତାସୀନ ବ୍ୟକ୍ତିମାନେ ଆଉ ଏକ ଉପାୟ ଅବଲମ୍ବନ କରୁଛନ୍ତି। ମୋଟା ଅଙ୍କର କ୍ଷତିପୂରଣ ଦେଇ ସେ ସବୁକିଛିକୁ ବଜାର ବ୍ୟବସ୍ଥାରେ କିଣି ନେବାପାଇଁ ଉଦ୍ୟମ କରୁଛନ୍ତି। ଏ ଘଟଣାରେ ସୌମ୍ୟାଶ୍ରୀର ଜୀବନର ମୂଲ୍ୟ ୨୦ ଲକ୍ଷ ଟଙ୍କା ବୋଲି ସରକାର ସ୍ଥିର କଲେ। ବିରୋଧୀ ଦଳ ଓ ଅନ୍ୟମାନେ ୨୦ ଲକ୍ଷ ଯଥେଷ୍ଟ ନୁହେଁ ୫୦ ଲକ୍ଷ ଦାବି କଲେ। ସୌମ୍ୟାଶ୍ରୀର ଅପମୃତ୍ୟୁ ପାଇଁ ସାଧାରଣ କରଦାତା କାହିଁକି ଏହାକୁ ଭରଣା କରିବ ? ବରଂ ଏହାକୁ ଦୋଷୀଠାରୁ ଆଦାୟ କରିବା ବ୍ୟବସ୍ଥା ହେଉ। କ୍ଷତିପୂରଣ ପ୍ରଦାନ ଦାବିର ଏ ପ୍ରତିଯୋଗିତା ଏଭଳି ଅଘଟଣକୁ ଅଧିକ ଉତ୍ସାହିତ କରୁନାହିଁ କି ? ପରବର୍ତ୍ତୀ ଘଟଣାକ୍ରମ ଏଭଳି ସଂଦେହକୁ ଅଧିକ ଦୃଢ଼ୀଭୂତ କରୁଛି ବୋଲି କହିଲେ ଭୁଲ୍ ହେବ କି? ସୌମ୍ୟାଶ୍ରୀର ମୃତ୍ୟୁଜନିତ ଦୁଃଖ ଓ ଅଭାବକୁ ୨୦ ଲକ୍ଷ ଟଙ୍କାରେ ପୂରଣ କରିଦେବାର ଉଦ୍ୟମ ଆଦୌ

▶ ଅବଶିଷ୍ଟ ପୃଷ୍ଠା ୪




ରାହୁଲ ରାଜଗାଦି ଓ ରାହୁ ମହାଗ୍ରହ
ପୃଷ୍ଠା ୨



କାହା ସ୍ୱାର୍ଥରେ ଏ ଅଘୋଷିତ ଅସାଧୁ ମେଣ୍ଟ !
ପୃଷ୍ଠା ୩



'ଅପରେସନ ସିନ୍ଦୂର': ଅନୁତ୍ତରିତ ପ୍ରଶ୍ନ
ପୃଷ୍ଠା ୫



ଜଗନ୍ନାଥଙ୍କୁ ଛାଡ଼ିଦେଲେ ଆମର ଆଉ ଅଛି କ'ଣ ?
ପୃଷ୍ଠା ୬-୭



ମହାନଦୀର 'ଅପମୃତ୍ୟୁ', ଦାୟୀ କିଏ ?
ପୃଷ୍ଠା ୧୦

# ରାହୁଲ ରାଜଗାଦି ଓ ରାହୁ ମହାଗ୍ରହ



ଜ୍ୟୋତିର୍ବିଦ୍ ବିଭୂଦାନନ୍ଦ ଶତପଥୀ



ପଣ୍ଡିତ ନେହେରୁ , ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀଙ୍କ ଭଳି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ପ୍ରତିଷ୍ଠା କଂଗ୍ରେସର ଯୁବରାଜ ରାହୁଲ ଗାନ୍ଧୀଙ୍କୁ ଭାରାକ୍ରାନ୍ତ କରୁ ନାହିଁ ତ? ଯୋଗ୍ୟତା ଭିତ୍ତିରେ ସେ କ'ଣ ପ୍ରକୃତ ଦାୟାଦ? ଏଭଳି ପ୍ରଶ୍ନ ଉଙ୍କି ମାରେ ଅଧିକାଂଶ ଭାରତୀୟଙ୍କ ମନରେ। କଂଗ୍ରେସର ପାରମ୍ପରିକ ଭୋଟବ୍ୟାଙ୍କର ପ୍ରଭାବରେ ତଥା ପରିବାରର ପୂର୍ବ ପତିଆରା ଓ ପ୍ରତିଷ୍ଠା ମାଧ୍ୟମରେ ତାଙ୍କ ପଛରେ ଏକ ବିରାଟ ଜନ ସମର୍ଥନ ରହିଅଛି। ଯଦିଓ, କ୍ରମବର୍ଦ୍ଧିଷ୍ଣୁ ହ୍ରାସ ତାଙ୍କୁ, ସୋନିଆ ଗାନ୍ଧୀ ତଥା କଂଗ୍ରେସପ୍ରେମୀଙ୍କୁ ବିଚଳିତ କରୁଥିବ ଏଥିରେ ସନ୍ଦେହ ନାହିଁ। ଏଭଳି ପରିସ୍ଥିତିରେ ୨୦୨୯ ଲୋକସଭା ନିର୍ବାଚନ ପାଇଁ ଭାରତର ସର୍ବ ପୁରାତନ ଦଳ କଂଗ୍ରେସର ଦ୍ୱିତୀୟ କ୍ଷମତା କେନ୍ଦ୍ର ରାହୁଲ ଗାନ୍ଧୀଙ୍କର ପ୍ରଧାନମନ୍ତ୍ରୀ ପ୍ରାର୍ଥିତ୍ୱର ଏକ ଜ୍ୟୋତିଷିକ ଅନୁଶୀଳନ କରିବାର କ୍ଷୁଦ୍ର ପ୍ରୟାସ କରୁଅଛୁ ମାତ୍ର। ତା'ସହ ଆଗାମୀ ବିହାର ନିର୍ବାଚନରେ ତାଙ୍କର ପ୍ରଭାବ କିପରି ରହିବ, ତାହା ମଧ୍ୟ ବିଚାର କରାଯାଇଛି। ଏଠାରେ ପ୍ରଣିଧାନଯୋଗ୍ୟ ଯେ ଆମେ ଗୁଗୁଲ ମାଧ୍ୟମରେ ପାଇଥିବା ରାହୁଲଙ୍କର ଏକାଧିକ ଜନ୍ମ ବିବରଣୀ ମଧ୍ୟରୁ ଯେଉଁଟି ତାଙ୍କ ଜୀବନର ଘଟଣାବଳୀ ସହ ସାମଞ୍ଜସ୍ୟ ରଖୁଛି, ତାହାକୁ ଆଧାର କରି ଆମ୍ଭର ଏ ଫଳାଦେଶ କରୁଅଛୁ। ଏହା କେବଳ ଜ୍ୟୋତିଷ ବିଦ୍ୟାର ସାରସ୍ୱତ ଦିଗ ଉଦ୍ଦେଶ୍ୟରେ ସମର୍ପିତ। କୌଣସି ରାଜନୈତିକ ଦଳ ପ୍ରତି ଆମ୍ଭର ତିଳେ ମାତ୍ର ଆନୁଗତ୍ୟ ଅବା ପକ୍ଷପାତିତା ନାହିଁ।

**ରାହୁଲ ଗାନ୍ଧୀଙ୍କ ଜନ୍ମ ବିବରଣୀ- ୧୯ ଜୁନ୍ ୧୯୭୦ ସକାଳ ୫.୫୦, ନୂଆଦିଲ୍ଲୀ।**

ବିବରଣୀ ଅନୁସାରେ ରାହୁଲ ଗାନ୍ଧୀଙ୍କର ବିଛା ରାଶି, ଜ୍ୟେଷ୍ଠା ନକ୍ଷତ୍ର ଓ ମିଥୁନ ଲଗ୍ନ। ଲଗ୍ନ ଉପନକ୍ଷତ୍ରାଧିପତି ବୃହସ୍ପତି ମଙ୍ଗଳଙ୍କର ନକ୍ଷତ୍ରରେ ଅଛି। ତେଣୁ ଜାତକ ସାମାନ୍ୟ ଅହଂଗୁଣ ସମ୍ପନ୍ନ ତଥା ଅତ୍ୟଧିକ ଆତ୍ମବିଶ୍ୱାସ ପାଇଁ ଭୁଲ୍ କରି ବସିବେ ଏବଂ ସଠିକ୍ ସିଦ୍ଧାନ୍ତ ନେବାରେ ବିଫଳ ହେବେ। ଜାତକର ଦଶମ ସ୍ଥାନ ବ୍ୟକ୍ତିର କର୍ମ କ୍ଷେତ୍ରରେ ସଫଳତାକୁ ଦର୍ଶାଏ। ଦଶମ ସ୍ଥାନ ସହ ଏକାଦଶ ସ୍ଥାନ, ନବମ ସ୍ଥାନ, ପଞ୍ଚମ ସ୍ଥାନ, ଷଷ୍ଠ ଏବଂ ସପ୍ତମ ସ୍ଥାନକୁ ମଧ୍ୟ ବିଚାରକୁ ନିଆଯାଏ। ଜନ୍ମ କୁଣ୍ଡଳୀର ଦଶମାଧିପତି ବୃହସ୍ପତି ବକ୍ରୀ। ପୁନଃ କେପି ଜ୍ୟୋତିଷ ଅନୁଯାୟୀ, ଦଶମ ସ୍ଥାନର ଉପନକ୍ଷତ୍ରାଧିପତି ବୁଧ ଚନ୍ଦ୍ରଙ୍କ ନକ୍ଷତ୍ରରେ ରହିଛି। ଚନ୍ଦ୍ର ଜାତକରେ ବିଛା ରାଶିରେ ନୀଚସ୍ଥ। ପୁନଃ ଚନ୍ଦ୍ର ଲଗ୍ନାଧିପତି ବୁଧଙ୍କର ଶତ୍ରୁ। ଭାବ ଚକ୍ର (କେପି ଜ୍ୟୋତିଷ) ଅନୁଯାୟୀ, ଶନି ଦଶମାଧିପତି ଏବଂ ଶନି ମଧ୍ୟ ନୀଚସ୍ଥ ମେଷ ରାଶିରେ । ତେଣୁ, ଏଭଳି ଯୋଗ ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ କରିବା ପାଇଁ ବାଧା ଦେବ। ଭାବ କୁଣ୍ଡଳୀ ଅନୁଯାୟୀ, ଷଷ୍ଠ ସ୍ଥାନ ( ଯାହା ପ୍ରତିଯୋଗିତାକୁ ସୂଚାଏ)ର ଅଧିପତି ମଙ୍ଗଳ ଶତ୍ରୁଗ୍ରହୀ। ଷଷ୍ଠଭାବର ଉପନକ୍ଷତ୍ରାଧିପତି ବୁଧ ଚନ୍ଦ୍ରଙ୍କ ନକ୍ଷତ୍ରରେ। ଉପନକ୍ଷତ୍ରାଧିପତି ବୁଧ ଚନ୍ଦ୍ରଙ୍କ ନକ୍ଷତ୍ରରେ ଥିବାରୁ ଷଷ୍ଠ, ଦ୍ୱାଦଶ,ଦ୍ୱିତୀୟ, ତୃତୀୟ, ପ୍ରଥମ ଓ ପଞ୍ଚମ ଘରର ଫଳ ଦେବେ। ଫଳତଃ, ଏହା ରାହୁଲଙ୍କ ପ୍ରଧାନମନ୍ତ୍ରୀତ୍ୱ ପାଇଁ ବାଧାର ସୂଚନା ଦିଏ। ସପ୍ତମ ସ୍ଥାନ(ଯାହା ଜନତାଙ୍କର ସହଯୋଗ)କୁ ଦର୍ଶାଏ ତା'ର ଉପନକ୍ଷତ୍ରାଧିପତି ବୃହସ୍ପତି ମଙ୍ଗଳଙ୍କ ନକ୍ଷତ୍ରରେ, ତେଣୁ ବୃହସ୍ପତି ପ୍ରଥମ, ଷଷ୍ଠ,ସପ୍ତମ ଏବଂ ଏକାଦଶ ଭାବର ଫଳ ଦେବେ। ଏଥିରେ ମଧ୍ୟମ ଫଳପ୍ରାପ୍ତି ହେବ। ଏ ସବୁକୁ ଦେଖିଲେ ରାହୁଲଙ୍କ ପ୍ରଧାନମନ୍ତ୍ରୀ ହେବା ସମ୍ଭବ ହୋଇ ନ ପାରେ। ଏକାଦଶ ସ୍ଥାନ ଇଚ୍ଛାପୂର୍ତ୍ତିର ସୂଚନା ଦିଏ। ଜନ୍ମ କୁଣ୍ଡଳୀ ଅନୁଯାୟୀ ଏକାଦଶପତି ମଙ୍ଗଳ ଲଗ୍ନରେ ଶତ୍ରୁଗ୍ରହୀ। ପୁନଃ କେପି ଜ୍ୟୋତିଷ ଅନୁଯାୟୀ, ଏକାଦଶ ସ୍ଥାନର ଉପନକ୍ଷତ୍ରାଧିପତି ଶନି ଶୁକ୍ରଙ୍କ ନକ୍ଷତ୍ରରେ। ଶୁକ୍ର ଦ୍ୱିତୀୟ ସ୍ଥାନରେ। ତେଣୁ ଶନି ଦ୍ୱିତୀୟ, ଦ୍ୱାଦଶ, ଅଷ୍ଟମ, ନବମ ଏବଂ ଦଶମ ସ୍ଥାନର ଫଳ ଦେବେ। ତେଣୁ, ସମ୍ପୂର୍ଣ୍ଣ ଇଚ୍ଛାପୂର୍ତ୍ତି ଅସମ୍ଭବ। ବର୍ତ୍ତମାନ ରାହୁଲ ଗାନ୍ଧୀଙ୍କର ରାହୁ ମହାଦଶା ୧୪-୦୨-୨୦୨୪ରୁ ୧୪-୦୨-୨୦୪୨ ପର୍ଯ୍ୟନ୍ତ ଚାଲିବ। ରାହୁ ନବମ ସ୍ଥାନରେ ସ୍ୱ-ନକ୍ଷତ୍ରରେ ଅଛନ୍ତି। କେତୁ ମଧ୍ୟ କେତୁଙ୍କ ନକ୍ଷତ୍ରରେ। ତେଣୁ ନବମ, ତୃତୀୟଭାବର ପ୍ରଭାବରେ ରାହୁଲଙ୍କ ଭାଗ୍ୟରେ ହଠାତ୍ ପରିବର୍ତ୍ତନ ହେବାର ସୂଚନା ମିଳେ। ତଥାପି ଆମ ଦୃଷ୍ଟିରେ ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ଆଶା କ୍ଷୀଣ। ଏକ ବଳିଷ୍ଠ ବିପକ୍ଷ ନେତା ହୋଇପାରନ୍ତି।

ଆଗାମୀ ରାହୁରେ ବୃହସ୍ପତି ଅନ୍ତର୍ଦ୍ଦଶା ୨୭-୧୦-୨୦୨୬ ରୁ ୨୦୨୯ ମସିହା ମାର୍ଚ୍ଚ ମାସ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ରାହୁରେ ବୃହସ୍ପତି ସମୟରେ ବୃହସ୍ପତି ମଙ୍ଗଳଙ୍କ ନକ୍ଷତ୍ରରେ ଥିବାରୁ ବୃହସ୍ପତି ସମୟରେ ପ୍ରଥମ, ପଞ୍ଚମ, ଷଷ୍ଠ, ସପ୍ତମ ଏବଂ ଏକାଦଶଭାବର ଫଳ ଦେବେ। ଏହି ସମୟରେ ରାହୁଲ ଅଧିକ କ୍ଷମତାଶାଳୀ ହେବେ। ଉକ୍ତ ସମୟରେ ଗୋଚରରେ ବୃହସ୍ପତି ୧୯ ମାର୍ଚ୍ଚ ୨୦୨୯ରୁ ୧୪ ଜୁଲାଇ ୨୦୨୯ ପର୍ଯ୍ୟନ୍ତ ବକ୍ରୀ ରହିବେ। ଫଳତଃ, ଗୋଚରର ବକ୍ରୀ ବୃହସ୍ପତି ଏବଂ ଜନ୍ମ ଜାତକର ବକ୍ରୀ ବୃହସ୍ପତିଙ୍କ ପ୍ରଭାବରୁ ସୁ-ଉଚ୍ଚ ଫଳ ପାଇପାରନ୍ତି। ପରାକ୍ରମ, ପ୍ରତିଷ୍ଠା ତଥା ଲୋକସଭାରେ ସ୍ଥାନ ସଂଖ୍ୟା ଯଥେଷ୍ଟ ବଢ଼ିବ( ଯଦି ଏହି ସମୟରେ ନିର୍ବାଚନ ହୁଏ)। ଏ ସମୟ ରାହୁଲଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ। ପରବର୍ତ୍ତୀ ଶନି ଅନ୍ତର୍ଦ୍ଦଶାରେ ୨୨-୦୩-୨୦୨୯ରୁ ୨୦୩୨ ମସିହା ମଧ୍ୟରେ ଶନି ଶୁକ୍ରଙ୍କ ନକ୍ଷତ୍ରରେ ଥିବାରୁ ଶନି ଅନ୍ତର୍ଦ୍ଦଶା ଦ୍ୱିତୀୟ, ଏକାଦଶ, ଦ୍ୱାଦଶ, ପଞ୍ଚମ, ଅଷ୍ଟମ, ନବମ ଏବଂ ଦଶମଭାବର ଫଳ ଦେବାକୁ ସକ୍ଷମ ହେବେ। ତେଣୁ ଏ ସମୟରେ ରାହୁଲଙ୍କ ପାଇଁ ମିଶ୍ର ଫଳାଫଳ ମିଳିବ।

**ଅଙ୍କ ଜ୍ୟୋତିଷ- ରାହୁଲଙ୍କର ଜନ୍ମ ୧୯/୦୬/୧୯୭୦, ତେଣୁ ମୁଳାଙ୍କ ୧(୧+୯=୧୦=୧) ଭାଗ୍ୟାଙ୍କ — ୬(୧+୯+୬+୧+୯+୭+୦= ୩୩ , ୩+୩=୬), କୁଆଙ୍କ —୩ (୭+୦=୭, ୧୦-୭ = ୩) ରାହୁଲଙ୍କର ନାମାଙ୍କ =**

Rahul ୨+୧+୫+୬+୩= ୧୭ , Gandhi= ୩+୧+୫+୪+୫+୧= ୧୯ ତେଣୁ, ରାହୁଲ ଗାନ୍ଧୀଙ୍କର ନାମାଙ୍କ ୧୭+୧୯= ୩୬, ୩+୬=୯। ଏଠାରେ ପ୍ରଣିଧାନଯୋଗ୍ୟ, ରାହୁଲ ଗାନ୍ଧୀଙ୍କର ମୁଳାଙ୍କ ଓ ଭାଗ୍ୟାଙ୍କ ନାମାଙ୍କ ପରସ୍ପରର ଅନୁକୂଳ, ନାମାଙ୍କ ୯ ମାଷ୍ଟର ନମ୍ବର ୩୬ ରୁ ଆସିଅଛି। ୩ ଓ ୬ ଦେବ ଗୁରୁ ଓ ଦାନବ ଗୁରୁ ଅଟନ୍ତି। ତେଣୁ, ରାହୁଲ ଗାନ୍ଧୀଙ୍କ ବ୍ୟବହାରରେ ଅତ୍ୟଧିକ ବିରୋଧାଭାସ ଦେଖିବାକୁ ମିଳିବ। ଏହି ୩ ଓ ୬ ନମ୍ବରର ସଂଯୋଗ ତାଙ୍କୁ ପ୍ରଧାନମନ୍ତ୍ରୀ କରାଇ ଦେବନାହିଁ। ଯଦିଓ, ରାହୁଲଙ୍କର ନାମାଙ୍କ ୯ ଯାହା ମଙ୍ଗଳଙ୍କୁ ଦର୍ଶାଏ। ମଙ୍ଗଳ ଉତ୍ସାହ, ସ୍ୱତଃସ୍ଫୂର୍ତ୍ତ ଭାବାବେଗ ତଥା ପ୍ରବଳ ଇଚ୍ଛାଶକ୍ତିର କାରକ। ତେଣୁ ରାହୁଲ ଗାନ୍ଧୀ ଜଣେ ପ୍ରବଳ ଇଚ୍ଛାଶକ୍ତିର ଅଧିକାରୀ ଓ ଉତ୍ସାହୀ ବ୍ୟକ୍ତିତ୍ୱ। ନାମାଙ୍କ ୯ ଓ ଭାଗ୍ୟାଙ୍କ ୬ (୩୩= ୩+୩=୬) ଏଭଳି ଯୋଡ଼ି ସଫଳତାରେ ବାଧା ଆଣିଥାନ୍ତି। ରାହୁଲଙ୍କର ଚଳିତ ବର୍ଷର ବର୍ଷାଙ୍କ ୭( ୧୯-୦୬-୨୦୨୫) ୧+୯+୬+୨+୨+୫=୨୫(୨+୫=୭)। ତେଣୁ ରାହୁଲଙ୍କର ମୁଳାଙ୍କ ୧ ଏବଂ ବର୍ଷାଙ୍କ ୭ ଯଦିଓ ପରସ୍ପରର ଅନୁକୂଳ ତଥାପି ସେଥିରେ ବିଚାରଗତ ଭିନ୍ନତା ଥାଏ। ତେଣୁ, ରାହୁଲଙ୍କୁ ଅନେକ କ୍ଷେତ୍ରରେ ବୁଝାମଣା କରିବାକୁ ପଡ଼ିବ ଯାହା ପୂର୍ଣ୍ଣ ସଫଳତା ଦେଇପାରିବ ନାହିଁ ଏବଂ ଏହା ବିହାର ନିର୍ବାଚନରେ ପ୍ରତିଫଳିତ ହେବ।


**ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମ ତାରିଖ ୧୭-୦୯-୧୯୫୦।ତେଣୁମୋଦୀଙ୍କମୁଳାଙ୍କ ୮(୧+୭),ଭାଗ୍ୟାଙ୍କ ୫(୧+୭+୦+୯+୧+୯+୫+୦=୩୨,୩+୨=୫), କୁଆଙ୍କ-୫( ୧୦-୫), ନାମାଙ୍କ- ୫ Narendra ୨୫( ୫+୧+୨+୫+୫+୪+୨+୧)**

Modi ୧୬(୪+୭+୪+୧) = ୨୫+୧୬=୪୧= ୫ (୪+୧)। ମୋଦୀଙ୍କ ମୁଳାଙ୍କ ୮, ଭାଗ୍ୟାଙ୍କ ୫, କୁଆଙ୍କ ୫ ଏବଂ ନାମାଙ୍କ ମଧ୍ୟ ୫ ।ଯାହା ମୋଦୀଙ୍କୁ ସଫଳତାର ଚରମ ସୋପାନରେ ଅଧିଷ୍ଠିତ କରିଛି। କାରଣ ଏ ସବୁ ନମ୍ବର ପରସ୍ପରର ଅନୁକୂଳ। ମୋଦୀଙ୍କର ଚଳିତ ବର୍ଷର ବର୍ଷାଙ୍କ ୮ ( ୧୭-୦୯-୨୦୨୫= ୧+୭+୯+୨+୨+୫= ୨୬ (୨+୬=୮)। ତେଣୁ ଏ ବର୍ଷ ମୋଦୀଙ୍କର ନିଜସ୍ୱ ବର୍ଷାଙ୍କ ୮ ଏବଂ ତାଙ୍କର ଜନ୍ମ ସମୟର ମୁଳାଙ୍କ ୮ ସହ ମେଳ ଖାଉଛି। ତେଣୁ ମୋଦୀ ଏ ବର୍ଷ ବିରୋଧ ସତ୍ତ୍ୱେ ସଫଳତାର ଶୀର୍ଷରେ ରହିବେ। ଯାହା ଆଗାମୀ ବିହାର ନିର୍ବାଚନରେ ପ୍ରତିଫଳିତ ହେବ।

ବିହାର ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱର ପ୍ରବଳ ଦାବିଦାର ତେଜସ୍ୱୀ ଯାଦବ ଯିଏ ଇଣ୍ଡିଆ-ମେଣ୍ଟର ପ୍ରତିନିଧିତ୍ୱ କରନ୍ତି, ତାଙ୍କର ଜନ୍ମ ବିବରଣୀ - ୦୯-୧୧-୧୯୮୯। ତାଙ୍କର ମୁଳାଙ୍କ ୯, ଭାଗ୍ୟାଙ୍କ ୨ ( ୯ + ୧ + ୧ + ୧ + ୯ + ୮ + ୯ = ୩୮ ) ୩୮(୩+୮=୧୧) ୧୧(୧+୧=୨), କୁଆଙ୍କ- ୨ ( ୮+୯=୧୭=୧+୭=୮)(୧୦-୮=୨)। ଏ ବର୍ଷର ବର୍ଷାଙ୍କ ୨ ( ୯+୧+୧+୨+୨+୫=୨୦=୨) ତେଣୁ, ତେଜସ୍ୱୀ ଯାଦବଙ୍କର ମୁଳାଙ୍କ ଏବଂ ଏ ବର୍ଷର ବର୍ଷାଙ୍କଙ୍କ ମଧ୍ୟରେ ଅନୁକୂଳ ସଂପର୍କ ଥିବାରୁ ତେଜସ୍ୱୀ ଯାଦବଙ୍କର ଭାଗ୍ୟ ମଧ୍ୟ ଟାଣ।

ନୀତୀଶ କୁମାରଙ୍କ ଜନ୍ମ ବିବରଣୀ - ୦୧-୦୩-୧୯୫୧। ନୀତୀଶ କୁମାରଙ୍କ ମୁଳାଙ୍କ ୧, ଭାଗ୍ୟାଙ୍କ ୨(୧+୩+୧+୯+୫+୧=୨୦=୨), କୁଆଙ୍କ-୪(୫+୧=୬)(୧୦-୬=୪), ଏ ବର୍ଷର ବର୍ଷାଙ୍କ ୪( ୧+୩+୨+୨+୫=୧୩= ୧+୩=୪)। ତେଣୁ, ନୀତୀଶଙ୍କ ଭାଗ୍ୟ ଅତି ଉଜ୍ଜ୍ୱଳ। ଶାସକବିରୋଧି ବାତାବରଣ ପରିଦୃଷ୍ଟ ହେଉଥିଲେ ବି ନୀତୀଶଙ୍କର ଭାଗ୍ୟ ତାଙ୍କୁ ସଫଳତା ଦେବ। ତା'ସହିତ ଅଙ୍କ ଜ୍ୟୋତିଷ ଅନୁଯାୟୀ, ମୋଦୀଙ୍କର ପ୍ରଚଣ୍ଡ ଭାଗ୍ୟ ଜୋର ନୀତୀଶଙ୍କୁ ପୁନଃ ଗାଦିରେ ବସାଇପାରେ। ଯଦି ନୀତୀଶ କୁମାର ନିର୍ବାଚନ ବୈତରଣୀରେ ନିଜକୁ ଝାସ ଦିଅନ୍ତି।

ଫୋନ୍: ୯୩୩୮୦୧୭୧୩୪




# କାହା ସ୍ୱାର୍ଥରେ ଏ ଅଘୋଷିତ ଅସାଧୁ ମେଣ୍ଟ !

**ଅଘୋଷିତ ଅସାଧୁ ମେଣ୍ଟର କରାମତି ଏତେ ଶକ୍ତିଶାଳୀ ଯେ ବହୁ ଚର୍ଚ୍ଚିତ ଖଣି ଦୁର୍ନୀତି, ଚିଟ୍‌ଫଣ୍ଡ ଠକେଇ, କୋଇଲା ଖଣି ଆବଣ୍ଟନ ପାଇଁ ଅନୈତିକ ସୁପାରିସ ଏବଂ ଲୁହାପଥର ଚୋରାଚାଲାଣ ବେଳେ ବ୍ଲାକ୍‌ରୋଜ୍ ବୁଡ଼ି ଆଦି ଅନେକ ଘଟଣାରୁ ବର୍ତ୍ତି ଯାଇଥିଲେ ନବୀନ। ପ୍ରତିଦାନ ସ୍ୱରୂପ ମୋଦୀ ସରକାରଙ୍କୁ ସବୁ ପ୍ରସଙ୍ଗରେ ଆଖିବୁଜା ସମର୍ଥନ ଦେଇ ଆସିଥିଲା ବିଜେଡି। ଏପରି କି ନିର୍ବାଚନ ପରାଜୟ ପରେ ମଧ୍ୟ ବିଜେପି ସହ ନବୀନଙ୍କ ଅସାଧୁ ମେଣ୍ଟ ଅପରିବର୍ତ୍ତିତ ରହିଛି। ତେଣୁ ନବୀନ ଏବେ ବି ନିରାପଦ...**

୨୦୨୪ ନିର୍ବାଚନରେ ନାଟକୀୟ ବିପର୍ଯ୍ୟୟର ସାମ୍ନା କରିଥିବା ବିଜୁ ଜନତା ଦଳ (ବିଜେଡି)ର ସ୍ଥିତି ଓ ଭବିଷ୍ୟତକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଦୀର୍ଘ ଅଢ଼େଇ ଦଶନ୍ଧି ଧରି ନିରଙ୍କୁଶ କ୍ଷମତା ଉପଭୋଗ କରି ଆସିଥିବା ବିଜେଡି ଗୋଟିଏ 'ପରାଜୟ ଝଟ୍‌କା'ରେ ଏମିତି ଦୋହଲିଯିବାର କାରଣ କ'ଣ? ଲୋକସଭାରେ ମୂଳପୋଛ ହୋଇଥିଲେ ହେଁ ସମ୍ମାନଜନକ ସିଟ୍ ପାଇ ବିଜେଡି ବିଧାନସଭାରେ ଏବେ ବି ମୁଖ୍ୟ ବିରୋଧୀଦଳ। ତେଣୁ ଦଳକୁ ପୁନର୍ବାର ଶକ୍ତିଶାଳୀ ତଥା ଲୋକାଭିମୁଖୀ କରିବା ଦିଗରେ ଅନ୍ତରାୟ କେଉଁଠି? ୧୯୯୫ ନିର୍ବାଚନରେ ବିଜୁବାବୁଙ୍କ ତତ୍କାଳୀନ ଜନତା ଦଳ ୪୬ ଆସନ ପାଇ ବିରୋଧୀ ଦଳରେ ବସିଥିଲା। ବିଜୁବାବୁ ବିରୋଧୀ ଦଳ ନେତା ପଦ ଛାଡ଼ି ଆସିକା ସାଂସଦ ଭାବେ ଦିଲ୍ଲୀ ପଳାଇଲେ। ୧୯୯୭ ଏପ୍ରିଲ୍‌ରେ ତାଙ୍କ ଦେହାନ୍ତ ହେଲା। ବିଜୁଙ୍କ ନାମରେ ଭୋଟ୍ ଥିବା ଆଶାରେ ହେଉ ଅବା ଅନ୍ୟ କୌଣସି କାରଣରୁ - ୭ ମାସ ପରେ ତତ୍କାଳୀନ ଜନତା ଦଳକୁ ବିଭାଜିତ କରି ବିଜୁ ଅନୁଗତମାନେ ତାଙ୍କ ନାମରେ ଗଠନ କଲେ ଗଠନ କଲେ ଆଞ୍ଚଳିକ ଦଳ ବିଜେଡି। ଦୁଇ ବର୍ଷ ପରେ ଏହି ଦଳ ଯେ ରାଜ୍ୟରେ କ୍ଷମତାସୀନ ହେବ ଓ ୨୪ ବର୍ଷ ଧରି ନିରଙ୍କୁଶ ଶାସନ ଉପଭୋଗ କରିବ- ତାହା ସେତେବେଳେ କେହି ଅନୁମାନ କରିନଥିବେ! ତେବେ ନବେ ଦଶକର ଏହି ପ୍ରେକ୍ଷାପଟ୍ଟଟି ବିଜେଡିର ସାମ୍ପ୍ରତିକ ବିଷାଦ ପର୍ବକୁ ଲାଘବ କରିବା ଓ ଭବିଷ୍ୟତ ଆଶା ସଞ୍ଚାର ପାଇଁ ଯଥଷ୍ଟ ନୁହେଁ କି? ଏହା ସତ୍ତ୍ୱେ ତିନି ଦଶନ୍ଧିର ଆଞ୍ଚଳିକ ଦଳ ଆଶା ବଦଳରେ ହତାଶା ମଧ୍ୟକୁ ଠେଲି ହୋଇଯିବାର ରହସ୍ୟ କ'ଣ? ଏହାର ସରଳ ଉତ୍ତରଟି ହେଲା ବିଜେଡିରେ ସ୍ୱାଭାବିକ ନେତୃତ୍ୱର ଅଭାବ। ଆରମ୍ଭରୁ ରାଜନୀତିକୁ ନାକ ଟେକୁଥିବା ନବୀନଙ୍କୁ କେବଳ ବିଜୁଙ୍କ ଦାୟାଦ ହୋଇଥିବାରୁ ନ୍ୟାୟରେ ବିଜେଡିର ମୁଖ୍ୟ କରାଗଲା। ରାଜନୈତିକ ଅଭିଜ୍ଞତାର ଅଭାବ ଯୋଗୁଁ ତାଙ୍କଠାରେ ଦଳ ପରିଚାଳନାର ଦକ୍ଷତା ନଥିଲା। ଆତ୍ମବିଶ୍ୱାସ ଅଭାବରୁ ଅସୁରକ୍ଷାର ଭାବ, ସନ୍ଦେହୀ ପ୍ରବୃତ୍ତି ଯୋଗୁଁ ସେ ଦଳୀୟ ସହଯୋଗୀଙ୍କୁ ବିଶ୍ୱାସକୁ ନେଉନଥିଲେ। ଏସବୁ ନବୀନଙ୍କୁ ଦଳର ସ୍ୱାଭାବିକ ନେତା ଭାବେ ପ୍ରତିଷ୍ଠିତ କରିବା ବଦଳରେ ତାଙ୍କୁ ଆତ୍ମକୈନ୍ଦ୍ରିକ ଓ ଚୌକିସର୍ବସ୍ୱ କରିଥିଲା। ପରିଣାମସ୍ୱରୂପ ଦଳର ବରିଷ୍ଠ ତଥା ଅନୁଭବୀ ନେତାମାନଙ୍କୁ ସେ ନିଜ ପ୍ରତିଦ୍ୱନ୍ଦ୍ୱୀ ଭାବେ ସନ୍ଦେହ କରିବା ଆରମ୍ଭ କରିଥିଲେ।

ପ୍ରାକ୍ତନ ଜନତା ଦଳର ଯେଉଁ ନେତାମାନେ ନବୀନଙ୍କୁ ଆଣି ବିଜେଡି ଗଠନ କରିଥିଲେ, ଦଳୀୟ ସମ୍ବିଧାନ ପ୍ରସ୍ତୁତି ବେଳେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଅନ୍ଧାରରେ ରଖାଯାଇଥିଲା। ଅଳ୍ପସଂଖ୍ୟକ ବିଶ୍ୱସ୍ତଙ୍କୁ ଧରି ନବୀନ ଦଳୀୟ ସମ୍ବିଧାନକୁ ବଦଳାଇ ସେଥିରୁ ରାଜନୈତିକ ବ୍ୟାପାର କମିଟି (ପିଏସି)କୁ ଗୌଣ କରିବା କାରସାଦିର ସୁରାକ ପାଇନଥିଲେ ଖୋଦ୍ ପିଏସି ଅଧ୍ୟକ୍ଷ ବିଜୟ ମହାପାତ୍ର କିମ୍ବା ତାଙ୍କ ସମର୍ଥକମାନେ। ସେହିପରି ୨୦୦୦ ନିର୍ବାଚନ ପୂର୍ବରୁ ବିଜେଡି-ବିଜେପି ମଧ୍ୟରେ ଲୋକସଭା ଓ ବିଧାନସଭା ଆସନ ବଣ୍ଟା ସୂତ୍ର ଚୂଡ଼ାନ୍ତ ହୋଇଥିଲା ଜଣେ/ଦୁଇ ଜଣ ନେତାଙ୍କ ମନ୍ତ୍ରଣାରେ।

ସେହି ହାତଗଣତି ବିଶ୍ୱସ୍ତ ନେତାଙ୍କ ପରାମର୍ଶରେ ନବୀନ ଚୂଡ଼ାନ୍ତ କରିଥିଲେ ବିଜେଡି ପ୍ରାର୍ଥୀ ତାଲିକା। ନାମାଙ୍କନପତ୍ର ଯାଞ୍ଚ ଚାଲିଥିବା ବେଳେ ଦଳର ପ୍ରତିଷ୍ଠାତା ସଦସ୍ୟ ବିଜୟ ମହାପାତ୍ରଙ୍କ ଟିକେଟ୍ ବାତିଲ୍ କରି ତାଙ୍କୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବଞ୍ଚିତ କରିବା ଘଟଣା ଥିଲା ରାଜ୍ୟ ରାଜନୀତିରେ ଅଭୂତପୂର୍ବ। ନିର୍ବାଚନ ବିଜୟ ପରେ ଦଳ ଭାଗରେ ପଡ଼ିଥିବା ମନ୍ତ୍ରୀ ପଦ ପୂରଣ କରାଯାଇଥିଲା ଅବସରପ୍ରାପ୍ତ ପ୍ରଶାସକ ପ୍ୟାରୀମୋହନ ମହାପାତ୍ରଙ୍କ ପରାମର୍ଶରେ। ଦେଢ଼ ବର୍ଷ ନଯାଉଣୁ ଆଉ ଏକ ପ୍ରାୟୋଜିତ ଅବିଶ୍ୱାସ ଦଂଶନ କରିଥିଲା ନବୀନଙ୍କୁ। ସୁପର୍ କ୍ଲାସ ଠିକାଦାରଙ୍କ ଟଙ୍କାରେ ନେତୃତ୍ୱ ପରିବର୍ତ୍ତନ ମସୁଧା ଚାଲିଛି ବୋଲି ତାଙ୍କ ବିଶ୍ୱସ୍ତ ପରାମର୍ଶଦାତା ଶ୍ରୀ ମହାପାତ୍ର ବୁଝାଇଦେବା ପରେ ନବୀନ ଆରମ୍ଭ କରିଥିଲେ ଆକସ୍ମିକ କାର୍ଯ୍ୟାନୁଷ୍ଠାନ। 'ସନ୍ଦେହର ଛାଇରେ' ଥିବା କହି ସେ ଦଳର ବରିଷ୍ଠ ନେତା ନଳିନୀକାନ୍ତ ମହାନ୍ତି, ଡ. କମଳା ଦାସ ଓ ବିଜେପି ନେତା ପ୍ରଶାନ୍ତ ନନ୍ଦଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ଘଟଣା ଥିଲା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ। ଏପରିକି ନଳିନୀବାବୁ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଦୂରଦର୍ଶନର ସନ୍ଧ୍ୟା ଖବର ଦେଖୁଥିବା ବେଳେ ନିଜ ବହିଷ୍କାର ସୂଚନା ପାଇ ନିରବରେ ସଚିବାଳୟ ଛାଡ଼ିଥିଲେ।

ଦଳ ଅଗୋଚରରେ ନବୀନ ୫ ମିନିଟ୍ର ମନ୍ତ୍ରିମଣ୍ଡଳ ବୈଠକ ଡାକି ୨୦୦୪ ଫେବ୍ରୁଆରିରେ ହଠାତ୍ ବିଧାନସଭା ଭଙ୍ଗ ଘୋଷଣା କରି ସମସ୍ତଙ୍କୁ ଚମକାଇଥିଲେ। ଦଳୀୟ ନେତାଙ୍କୁ ବିଶ୍ୱାସକୁ ନନେଇ ନବୀନ ପ୍ୟାରୀମୋହନଙ୍କ ପରାମର୍ଶରେ ସେହି ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଚୂଡ଼ାନ୍ତ କରିଥିଲେ। ପୂର୍ବ ନିର୍ବାଚନ ତୁଳନାରେ ମେଣ୍ଟର ଦୁଇ ଅଂଶୀଦାର କମ୍ ଆସନ ପାଇ ସରକାର ଗଢ଼ିଲେ ସତ, ମାତ୍ର ନିଜ ଚୌକିର ସୁରକ୍ଷା ପାଇଁ ସେ ମେଣ୍ଟ ଯେ ଅଂଶୀଦାରକୁ ଧୋକା ଦେବାକୁ ପଛେଇ ନଥିଲେ-ତାହାକୁ ବିଜେପି ନେତୃତ୍ୱ ଜାଣି ପାରିଥିଲେ। ସେହି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଉଭା ହୋଇଥିବା ମେଣ୍ଟ ବିଦ୍ରୋହୀଙ୍କ ବିଜୟ ପାଇଁ ସେ ଗୁପ୍ତ ପାଣ୍ଠିର ବ୍ୟବସ୍ଥା କରିଥିଲେ। ନିର୍ବାଚନ ପରେ ସେମାନେ ହେଲେ ବିଜେଡିର ସହଯୋଗୀ ସଦସ୍ୟ।

୨୦୦୮ କନ୍ଧମାଳ ଦଙ୍ଗା ପରେ ମେଣ୍ଟରେ ଫାଟ ପଡ଼ିଲା। 'ମୋର ପ୍ରତ୍ୟେକଟି ଅସ୍ଥି ଧର୍ମନିରପେକ୍ଷ' କହି ବିଜେପି ଠାରୁ ସମ୍ପର୍କ ଛିନ୍ନ କଲେ ନବୀନ। ୨୦୦୯ ନିର୍ବାଚନରେ ଏକାକୀ ଲଢ଼ି ବିଜେଡି ସରକାର ଗଠନ କଲା। ଏହା ପରେ ୨୦୧୪ ଓ ୨୦୧୯ର ବ୍ୟୟବହୁଳ ନିର୍ବାଚନରେ ତାଙ୍କ ଦଳ ଏକତରଫା ବିଜୟ ହାସଲ କଲା। ତେବେ ନିର୍ବାଚନୀ ସଫଳତାରେ ବିଭୋର ନେତୃତ୍ୱ କିପରି ଦଳର ନୀତି, ଆଦର୍ଶ ଓ ଆଭିମୁଖ୍ୟରୁ ଦୂରେଇ ଯାଇଥିଲେ-ତାହା ସ୍ମରଣ କରାଯାଇପାରେ। ୨୦୦୦ ନିର୍ବାଚନ ବେଳେ ଘୋଷିତ ବିଜେଡିର ୨୨ ସୂତ୍ରୀ ଇସ୍ତାହାରରେ ପ୍ରମୁଖ ପ୍ରତିଶ୍ରୁତି ଥିଲା କେନ୍ଦ୍ରରୁ ଓଡ଼ିଶାର ହକ୍ ଅସୁଲ୍ ଓ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ। ଏହାକୁ ହାସଲ କରିବା ଦିଗରେ ବିଜେଡି ନେତୃତ୍ୱ କେବେ ଠୋସ୍ ଉଦ୍ୟମ କରିନଥିଲେ କି ଚାପ ପ୍ରୟୋଗ କରିନଥିଲେ। ଶେଷରେ ନବଗଠିତ ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ ଓ ଛତିଶଗଡ଼ ଆଦି ରାଜ୍ୟକୁ ମିଳିଲା ସ୍ୱତନ୍ତ୍ର ପାହ୍ୟା, ଓଡ଼ିଶା ଓଡ଼ିଶା ବାଦ୍ ପଡ଼ିଲା। ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ସମେତ ରାଜ୍ୟସ୍ୱାର୍ଥ ସହ ଜଡ଼ିତ କେତେକ ପ୍ରସଙ୍ଗରେ ବିଜେଡି ନେତାମାନେ ଅତୀତରେ ମେଣ୍ଟ ଚୁକ୍ତିର ପୁନର୍ବିଚାର ତଥା ପ୍ରସଙ୍ଗଭିତ୍ତିକ ବୁଝାମଣା ସକାଶେ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ ବିଜେପି ତୁଷ୍ଟୀକରଣ ନୀତିରେ ନବୀନ ରହିଲେ ନିରବ।



ତେବେ ୨୦୦୯ରୁ ବିଜେପି ସହ ସମସ୍ତ ସମ୍ପର୍କ ଛିନ୍ନ ହୋଇଥିଲେ ମଧ୍ୟ କେଉଁ କାରଣରୁ ବିଜେଡି ନେତୃତ୍ୱ ଏବେ ବି ବିଜେପିର ଶରଣାପନ୍ନ, ତାହା ଜାଣିହେଉ ନାହିଁ।

୨୦୦୯ରେ ବିଜେଡି ଏକାକୀ ଲଢ଼ି ସରକାର ଗଢ଼ିବା ବେଳକୁ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର କ୍ଷମତାସୀନ ଥିଲା। ଠିକ୍ ଏତିକି ବେଳେ ସାରା ଦେଶରେ ଚହଳ ସୃଷ୍ଟି କଲା 'ଓଡ଼ିଶାର ଖଣି ଦୁର୍ନୀତି'। ଏଭଳି ଜଘନ୍ୟ ଅପବାଦରେ ବିଚଳିତ ନବୀନ କେନ୍ଦ୍ର ସରକାରଙ୍କ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ଲକ୍ଷ୍ୟରେ ତୁରନ୍ତ ଘୋଷଣା କଲେ 'ସମଦୂରତ୍ୱ' ନୀତି। ଅର୍ଥାତ୍ ଆଞ୍ଚଳିକ ଦଳ ବିଜେଡି ଉଭୟ ବିଜେପି ଓ କଂଗ୍ରେସ ଠାରୁ ସମଦୂରତ୍ୱ ବଜାୟ ରଖିବ। ଏହାପରେ ଉଦାର ଅଭିମୁଖ୍ୟ ଗ୍ରହଣ କରିଥିଲେ ୟୁପିଏ ସରକାର। କେନ୍ଦ୍ରୀୟ ସଂସ୍ଥା ସିବିଆଇ କିମ୍ବା ଇଡ଼ି ଦ୍ୱାରା ଖଣି ଦୁର୍ନୀତିର ତଦନ୍ତ କରିବା ବଦଳରେ କେନ୍ଦ୍ର ସରକାର ଏହି ଦୁର୍ନୀତିର ତଦନ୍ତ ପାଇଁ ଗଠନ କଲେ ଜଷ୍ଟିସ୍ ଏମ୍. ବି.ଶାହା କମିଶନ୍। ୨୦୧୩ରେ ଜଷ୍ଟିସ୍ ଶାହା କମିଶନ୍ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ ମଧ୍ୟ ୟୁପିଏ ସରକାର କାର୍ଯ୍ୟାନୁଷ୍ଠାନ ରିପୋର୍ଟ (ଏଟିଆର୍) ପ୍ରସ୍ତୁତ ନକରି ଚୁପ୍ ରହିଲେ।

୨୦୧୪ ନିର୍ବାଚନରେ ନବୀନଙ୍କ ବିଜେଡ଼ି ପୁନର୍ବାର ରାଜ୍ୟରେ କ୍ଷମତାସୀନ ହେବା ବେଳକୁ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କ୍ଷମତାସୀନ ହେଲା ଏନ୍‌ଡ଼ିଏ ସରକାର। ସିବିଆଇ ତଦନ୍ତ ବିନା ଏତେ ବଡ଼ ଦୁର୍ନୀତିର ସତ୍ୟାନୁସନ୍ଧାନ ଓ ମୂଳୋତ୍ପାଟନ ସମ୍ଭବ ନୁହେଁ ବୋଲି ଜଷ୍ଟିସ୍ ଶାହା ତାଙ୍କ ରିପୋର୍ଟରେ ସର୍ବାଦୌ ଗୁରୁତ୍ୱ ଦେଇଥିଲେ ମଧ୍ୟ ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ମୋଦି ସରକାର ସେ ଦିଗରେ ଆଗେଇ ନଥିଲେ। ଫଳରେ ବହୁର୍ଚ୍ଚିତ ଖଣି ଦୁର୍ନୀତିରୁ ସମ୍ପୂର୍ଣ୍ଣ ନିରାପଦ ରହିଲେ ନବୀନ ସରକାର। ଏହାର କିଛି ଦିନ ପରେ ନବୀନ ଛନ୍ଦିହେଲେ ହଜାର ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଜାଲିଆତିରେ। ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ତଦନ୍ତ କ୍ଷିପ୍ର ହେଲା। ବିଜେଡ଼ିର କିଛି ସାଂସଦ ଓ ବିଧାୟକ ଚଢ଼ାଉ ତଥା ଗିରଫଦାରୀର ସମ୍ମୁଖୀନ ହେଲେ। ତେବେ ନବୀନ ନିବାସରେ କାର୍ଯ୍ୟରତ ସରୋଜ ସାହୁଙ୍କୁ ସିବିଆଇ ସମନ୍ କରିବା ପରେ ହଠାତ୍ କ'ଣ ହେଲା କେଜାଣି ତଦନ୍ତକାରୀ ସଂସ୍ଥାର ଖୋଳତାଡ଼ ଆଶ୍ଚର୍ଯ୍ୟଜନକ ଭାବେ ବନ୍ଦ ହୋଇଗଲା। ବରଂ ସିବିଆଇ ଦଳ ଏଠାରୁ ପେଡ଼ିପୁଟୁଳା ବାନ୍ଧି ସବୁ ଦିନ ପାଇଁ ଚାଲିଲେ ପଶ୍ଚିମବଂଗକୁ। ଏହାଛଡ଼ା କିଛି ଶିଳ୍ପ ସଂସ୍ଥାଙ୍କୁ କୋଇଲା ଖଣି ଦେବାପାଇଁ ଅନୈତିକ ସୁପାରିସ କରି ବିବାଦୀୟ ହୋଇଥିବା ନବୀନ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ବିନା ନିରାପଦ ରହିଲେ।

ନବୀନଙ୍କ ବ୍ୟକ୍ତିଗତ ସୁରକ୍ଷାର ପ୍ରତିଦାନ ସ୍ୱରୂପ ୨୦୧୪ରୁ ୨୦୨୪ ଯାଏ ଦୀର୍ଘ ୧୦ ବର୍ଷ ଧରି ମୋଦି ସରକାରଙ୍କ ସମସ୍ତ ବିଲ୍‌କୁ ଖୋଲା ସମର୍ଥନ ଦେବାରେ ନବୀନଙ୍କ ବିଜେଡି ଆଦୌ ହେଳା କରିନଥିଲା। କେବଳ ସେତିକି ନୁହେଁ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଦୁଇ ଦୁଇଥର ବିଜେଡି ସମର୍ଥନରେ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହେବା ନବୀନଙ୍କ ଆତ୍ମସମର୍ପଣ ଅଧ୍ୟାୟର ଅଂଶବିଶେଷ ବୋଲି କୁହାଯାଇପାରେ। ଏସବୁ ଘଟଣାବଳୀରୁ ସ୍ପଷ୍ଟ ଯେ ନବୀନଙ୍କ ବ୍ୟକ୍ତିଗତ ସୁରକ୍ଷା ଆଗରେ ଦଳର ନୀତି, ଆଦର୍ଶ ମୂଲ୍ୟହୀନ। ୨୦୨୪ ନିର୍ବାଚନରେ ବିଜେପି-ବିଜେଡି ପରମଶତ୍ରୁ ପାଲଟିବା ପରେ ବି ବିଜେପି ପ୍ରତି ନବୀନଙ୍କ ଆତ୍ମସମର୍ପଣ ମୁଦ୍ରା ଅପରିବର୍ତ୍ତିତ ରହିବା ରହସ୍ୟଜନକ। ବିଜେଡ଼ିର ଦୁଇ ଜଣ ରାଜ୍ୟସଭା ସାଂସଦ ଇସ୍ତଫା ଦେଇ ବିଜେପି ସାଂସଦ ଭାବେ ପୁଣି ନିର୍ବାଚିତ ହେବା ଓ ଏହା ପରେ ପରେ ୱାକଫ୍ ବିଲ୍ ସପକ୍ଷରେ ବିଜେଡିର ୭ ଜଣ ରାଜ୍ୟସଭା ସାଂସଦ ଭୋଟ୍ ଦେବା ଓ ଜଣେ ଅନୁପସ୍ଥିତ ରହିବା ଘଟଣା ବିଜେଡି ବିଭାଜନକୁ ଇଙ୍ଗିତ କରିଥିଲେ ହେଁ ଦଳର ଏକତା ପ୍ରଶ୍ନରେ ନବୀନଙ୍କ ନୀରବତା କି ବାର୍ତ୍ତା ଦେଉଛି- ତାହା ତର୍ଜମା ସାପେକ୍ଷ।

୨୦୨୪ ନିର୍ବାଚନର ହାଇଭୋଲ୍ଟେଜ୍ ପ୍ରଚାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦଳର କେନ୍ଦ୍ରୀୟ ନେତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ବିଶ୍ୱସ୍ତ ତାମିଲ୍‌ବାବୁ ପାଣ୍ଡିଆନ୍‌ଙ୍କୁ ଯେଉଁ ଢ଼ଙ୍ଗରେ ଟାର୍ଗେଟ୍ କଲେ, ତାହା ଥିଲା ବିରଳ। ମୋଦି କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ଓ ବାସଭବନ ସମେତ ରାଜ୍ୟର ପ୍ରତ୍ୟେକ କ୍ଷେତ୍ର ଅଣଓଡ଼ିଆ ମାଫିଆଙ୍କ କବ୍ଜାରେ। ରାଜ୍ୟର ଧନ-ସମ୍ପତ୍ତିକୁ ସେହି ମାଫିଆ ଗୋଷ୍ଠୀ ଲୁଟ୍ କରୁଛି। ସେମାନଙ୍କ ଆଖିବୁଜା ଦୁର୍ନୀତିରେ ରାଜ୍ୟରେ ଧ୍ୱଂସଲୀଳା ଚାଲିଛି। ଖୋଦ୍ ମୁଖ୍ୟମନ୍ତ୍ରୀ ଏହାକୁ ପ୍ରଶ୍ରୟ ଦେଉଛନ୍ତି। ଚାଷୀକୁଳ ହତାଶ, ଯୁବକ-ଯୁବତୀଙ୍କ ସ୍ୱପ୍ନ ଧୂଳିସାତ, ପେଟ ପୋଷିବା ପାଇଁ ସେମାନେ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯାଉଛନ୍ତି। ଏ ସରକାରରେ ପ୍ରଭୁ ଶ୍ରୀଜଗନ୍ନାଥ ବି ନିରାପଦ ନୁହଁନ୍ତି। ତାଙ୍କ ରତ୍ନ ଭଣ୍ଡାର ଚାବିକୁ ସେହି କୋଟେରୀ ହଡ଼ପ କରି ତାମିଲ୍‌ନାଡୁ ନେଇଯାଇଛନ୍ତି। ସେମାନେ ଧରାପଡ଼ିବା ଆଶଙ୍କା ଥିବାରୁ ତଦନ୍ତ ରିପୋର୍ଟ ପ୍ରକାଶ କରାଯାଉ ନାହିଁ। ସେମାନଙ୍କୁ କେବେ ଛଡ଼ାଯିବ ନାହିଁ, ବିଜେପି କ୍ଷମତାକୁ ଆସିଲେ ତାମିଲନାଡୁରୁ ଚାବି ଅଣାଯିବ। ନବୀନଙ୍କୁ ଟାର୍ଗେଟ୍ କରି ମୋଦି କହିଥିଲେ, 'ଓଡ଼ିଆ ଜାଣି ନଥିବା ଜଣେ ନେତାଙ୍କୁ ରାଜ୍ୟବାସୀ ୨୪ ବର୍ଷ ଧରି ଭୋଟ୍ ଦେଉଛନ୍ତି। ରାଜ୍ୟର ୩୦ ଜିଲ୍ଲାର ନାମ ସେ କହିପାରିବେ କି?' ଭୋଟରଙ୍କୁ ସତର୍କ କରାଇ ମୋଦି କହିଥିଲେ, ଯଦି ଆପଣମାନେ ଏଥର ନବୀନଙ୍କୁ ଭୋଟ୍ ଦେବେ ସେ ଜଣେ ଅଣଓଡ଼ିଆକୁ ନିଜ ଉତ୍ତରାଧିକାରୀ ସଜାଇ ତା' ହାତରେ ରାଜ୍ୟ ଶାସନ ଟେକି ଦେବେ।

ଶେଷରେ ନିର୍ବାଚନୀ ଫଳ ଗଲା ବିଜେପି ସପକ୍ଷରେ। ରାଜ୍ୟରେ ବିଜେପି ସରକାର ଇତିମଧ୍ୟରେ ୧୩ ମାସ ପୂରଣ କରିଛି, ଅଥଚ ପ୍ରଧାନମନ୍ତ୍ରୀଙ୍କ ସମେତ ଦଳର କେନ୍ଦ୍ରୀୟ ନେତାମାନେ ଯେଉଁ ନବୀନ-ପାଣ୍ଡିଆନ୍ ଯୋଡ଼ିର ଦୁର୍ନୀତି ଫର୍ଦ୍ଦ ଉନ୍ମୋଚନ କରି ଭୋଟ୍ ମାଗିଥିଲେ, ସେଥିରୁ ଗୋଟିଏ ହେଲେ ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦେଇ ନାହାନ୍ତି ରାଜ୍ୟ ବିଜେପି ସରକାର। କେବେ ଦେବେ କି ଆଦୌ ନଦେବେ ତାହା ମଧ୍ୟ ଅଜଣା। ସୁତରାଂ ବିଜେପି ସରକାରରେ ନବୀନ-ପାଣ୍ଡିଆନ୍ ବେଶ୍ ନିରାପଦ ବୋଲି ଧାରଣା ଘନୀଭୂତ ହେବା ସ୍ୱାଭାବିକ। ଏଭଳି ପରିସ୍ଥିତିରେ ରାଜ୍ୟ ବିଜେପି ନେତାଙ୍କ ନୀରବତା ବେଶ୍ ସନ୍ଦେହଜନକ। ଅନ୍ୟ ପକ୍ଷରେ ପରିଚୟ ଗୋପନ ରଖିବା ସର୍ତ୍ତରେ ବିଜେପିର ହାତଗଣତି ନେତାଙ୍କ ସୂଚନା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ସେମାନଙ୍କ ସୂଚନା ହେଲା-ବିଜେଡିର ଉପଯୁକ୍ତ ଉପଚାର ପାଇଁ କେନ୍ଦ୍ରୀୟ ନେତୃତ୍ୱ ରଣନୀତି ପ୍ରସ୍ତୁତ କରୁଛନ୍ତି। ପ୍ରସ୍ତାବିତ କସରତ ଆରମ୍ଭ ହେବାକୁ ଟିକେ ସମୟ ଲାଗିବ। ବିଜେଡିକୁ ନିୟନ୍ତ୍ରଣ କରୁଥିବା ଅସଲ ନେତା ବହୁ ପୂର୍ବରୁ ବିଜେପି କବ୍ଜାରେ, ତାଙ୍କ ପ୍ରଚ୍ଛନ୍ନ ରଣନୀତିରେ ବିଜେପି ଏଠାରେ ନିର୍ବାଚନୀ ସଫଳତା ଲାଭ କରିଥିଲେ ମଧ୍ୟ ବିଜେଡି ପ୍ରତି ଲୋକଙ୍କ ଆସ୍ଥା ସେହି ପରିମାଣରେ ତୁଟି ନାହିଁ। ଓଡ଼ିଶାରେ ଏବେ କଂଗ୍ରେସ ମୁଣ୍ଡ ଟେକୁଥିବାରୁ ସେହି ପ୍ରବାହକୁ ବିଜେଡି ଜରିଆରେ ରୋକି ହେବ। ତେଣୁ ବିଜେଡିକୁ ଏବେ ମୂଳପୋଛ କରିବା ବଦଳରେ ତାହାକୁ ବିଜେପିର 'ବି' ଟିମ୍ ଭାବେ ବ୍ୟବହାର କରିବା ଲକ୍ଷ୍ୟରେ କସରତ ଜାରି ରହିଛି। ମୋଟାମୋଟି ଭାବେ ଓଡ଼ିଶାରେ ବିଜେପି ନିଜ ରାଜନୈତିକ ବିସ୍ତାର ସମ୍ପୂର୍ଣ୍ଣ ନକରିବା ଯାଏ, ବିଜେଡି ନେତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରହିବା ସମ୍ଭାବନା ଅଧିକ। ଠିକ୍ ଏତିକି ବେଳେ ସଂସଦରେ 'ଅପରେସନ୍ ସିନ୍ଦୁର'କୁ ନେଇ ବିତର୍କ ଚାଲିଥିବା ବେଳେ ମୋଦି ସରକାରଙ୍କୁ ବିଜେଡି ରାଜ୍ୟସଭା ସାଂସଦଙ୍କ ସମର୍ଥନ ଉଭୟ ପକ୍ଷଙ୍କ ଅସାଧୁ ମେଣ୍ଟକୁ ପୁଣି ତାଜା କରିଛି।

## ପ୍ରଥମ ପୃଷ୍ଠାରୁ...

# ଜଣେ ଦର୍ଶନ...

ତର୍କସଂଗତ ନୁହେଁ। ଅନ୍ୟ ପକ୍ଷରେ ସୌମ୍ୟାଶ୍ରୀକୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିବା ଛାତ୍ରଟିର ଅବସ୍ଥା ସଂପର୍କରେ କେହି ଆଲୋଚନା କରୁନାହାନ୍ତି। କିମ୍ବା ତାହାର ସାହସ ପାଇଁ ପୁରସ୍କାର କଥା ଚିନ୍ତା ମଧ୍ୟ କରୁନାହାନ୍ତି। ସୌମ୍ୟାଶ୍ରୀ ଘଟଣା ପରେ ପରେ ଆଉ ଯେଉଁ ଘଟଣାଗୁଡ଼ିକ ପଦାକୁ ଆସିଲା ସେଗୁଡ଼ିକ ବିଷୟରେ ଚିନ୍ତାକଲେ ଆହୁରି ଅନେକ ଗୁଡ଼ିଏ ପ୍ରଶ୍ନ ଆମକୁ ବ୍ୟଥିତ କରୁଛି। ଯାଜପୁର ଜିଲ୍ଲାର ହକି ପ୍ରଶିକ୍ଷକ ତାଙ୍କର ଦୁଇ ବନ୍ଧୁଙ୍କ ସହିତ ଜଣେ ଖେଳାଳିଙ୍କୁ ଦୁଷ୍କର୍ମ କଲେ। ଘଟଣା ଘଟିଲା ୩ ତାରିଖ, ଅଭିଯୋଗ ହେଲା ୧୬ ତାରିଖ, ପୁଣି ଉପରିସ୍ଥ ଅଫିସରଙ୍କୁ ୧୮ ତାରିଖରେ ଅଭିଯୋଗ କଲାପରେ ୨୦ ତାରିଖରେ ପୁଲିସରେ ଏତାଲା ହେଲା। ୨୨ ତାରିଖରେ ଅଭିଯୁକ୍ତମାନେ ଗିରଫ ହେଲେ । ସୌମ୍ୟାଶ୍ରୀ ଘଟଣା ୧୩ ତାରିଖରେ ଘଟିନଥିଲେ ଏକଥାଟି ପଦାକୁ ଆସିନଥାନ୍ତା ବୋଲି ସଂଦେହ କଲେ କ'ଣ ଭୁଲ୍ ହେବ? ଜୁଲାଇ ୧୭ ତାରିଖରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ଛାତ୍ରୀଙ୍କୁ ନେଇ ଦୁଷ୍କର୍ମ କଲେ। ଜୁଲାଇ ୧୯ ତାରିଖରେ ପୁରୀ ଜିଲ୍ଲାର ବଳଙ୍ଗାରେ ତିନିଜଣ ଯୁବକ ଜଣେ ବାଳିକାଙ୍କୁ ଜଳାଇ ଦେବାକୁ ଚେଷ୍ଟାକଲେ। ଜୁଲାଇ ୨୦ ତାରିଖରେ ଛାତ୍ର କଂଗ୍ରେସର ସଭାପତି ଅନୁରୂପ ଦୁଷ୍କର୍ମ ଅଭିଯୋଗରେ ଗିରଫ ହେଲେ। ଜୁଲାଇ ୨୧ ତାରିଖରେ ଅରୂପାନନ୍ଦ କଲେଜର ଦୁଇ ଅଧ୍ୟାପକ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଦେଇଥିବା ଅଭିଯୋଗରେ ନିଲମ୍ବିତ ହେଲେ। ଜୁଲାଇ ୨୭ ତାରିଖରେ ବିଜୁ ଜନତା ଦଳର ଜଣେ ନିର୍ବାଚିତ ନେତା ଦୁଷ୍କର୍ମ ଅଭିଯୋଗରେ ଗିରଫ ହେଲେ। ଯୁବ କଂଗ୍ରେସର ସଭାପତି ଓ ବିଜୁ ଜନତା ଦଳର କର୍ପୋରେଟରଙ୍କ ଘଟଣା ଆଉ କେତୋଟି ପ୍ରଶ୍ନର ଅପେକ୍ଷା ରଖୁଛି। କଂଗେସ ନେତାଙ୍କ ଦୁଷ୍କର୍ମଟି ମାର୍ଚ୍ଚ ମାସରେ ହୋଇଥିବା ବେଳେ ଅଭିଯୋଗଟି ହେଲା ଚାରିମାସ ପରେ ଜୁଲାଇ ୨୦ ତାରିଖରେ। ଠିକ୍ ସେହିପରି ବିଜୁ ଜନତା ଦଳର ନେତାଙ୍କର ଦୁଷ୍କର୍ମ ୨୦୨୩ ମସିହାରେ ହୋଇଥିବା ବେଳେ ଅଭିଯୋଗ ହେଲା ଜୁଲାଇ ମାସ ୨୩ ତାରିଖରେ। ସ୍ୱତଃ ମନକୁ ପ୍ରଶ୍ନ ଉଠେ ଘଟଣା ଘଟିଥିବା ବେଳେ ଅଭିଯୋଗ ଆଣିବାରେ ଏତେ ବିଳମ୍ବ କାହିଁକି ହେଲା? ଦୁଇ ବିରୋଧୀ ଦଳଙ୍କୁ ଅଡୁଆରେ ପକାଇବା ପାଇଁ ଏହା ଏକ ପ୍ରାୟୋଜିତ ଉଦ୍ୟମ ନୁହେଁ ତ? ସବୁଠାରୁ ଆମୋଦଦାୟକ ଅଭିଯୋଗଟି ଧବଳେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ଆଣିଛନ୍ତି। ଗତ ଜାନୁଆରି ମାସରେ ଆସିଥିବା ଅଭିଯୋଗର ପୁନରାବୃତ୍ତି ପୁଣି ଥରେ ଜୁଲାଇ ମାସରେ କରାଯାଇଛି। ଏପରି ହେଲେ ସାରା ଓଡ଼ିଶାରେ ଆଉ କେହି ଅଧ୍ୟକ୍ଷ ହେବାକୁ ରାଜିହେବେ ନାହିଁ। ସେ ସମସ୍ତ ଅଧ୍ୟକ୍ଷଙ୍କ ସୁରକ୍ଷା ପାଇଁ ଆତ୍ମାହୁତି ଦେବାପାଇଁ ପ୍ରସ୍ତୁତ ଅଛନ୍ତି। ଏଭଳି କହିବସିଲେ ଚିଠାଟି ଏତେ ଲମ୍ବା ହେବ ଯେ କେହି କେହି ହୁଏତ କହିବାକୁ ଆରମ୍ଭ କରିବେ ଯେ ଏମିତି ତ ସବୁଆଡ଼େ ହେଉଛି। ଏହାକୁ ନେଇ ଏତେ ବଡ଼ ଆଲୋଚନାର କିଛି ମୂଲ୍ୟ ନାହିଁ। ଏ ସମସ୍ତ ବ୍ୟାପାରରେ ରାଜନୈତିକ ଦଳମାନଙ୍କର ଭୂମିକା ଆମକୁ ସବୁଠାରୁ ଅଧିକ ବ୍ୟଥିତ କରୁଛି। ସମସ୍ତେ ଗୋଟିଏ ଲାଉର ମଞ୍ଜିପରି ମନେ ହେଉଛନ୍ତି। ଯେକୌଣସି ଅଘଟଣ ଘଟିଲେ କ୍ଷମତାସୀନ ଦଳ ଅପବାଦ ଭୟରେ କୌଣସି ଉପାୟରେ ବଞ୍ଚିବାକୁ ଚାହୁଁଛି ତ ବିରୋଧୀମାନେ କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ଅପଦସ୍ଥ କରିବାକୁ ଉଦ୍ୟମ କରୁଛନ୍ତି। ନାରୀର ସ୍ୱାଭିମାନ, ସୁରକ୍ଷା ଓ ସଶକ୍ତୀକରଣ କଥା ମିଥ୍ୟା । ଏକମାତ୍ର ସତ୍ୟ ହେଲା ଆଗାମୀ ନିର୍ବାଚନ କିପରି ଜିତିବା ।

# 'ଅପରେସନ ସିନ୍ଦୂର': ଅନୁତ୍ତରିତ ପ୍ରଶ୍ନ




ଆମ ଓଡ଼ିଶା ବ୍ୟୁରୋ

ଗତ ସୋମବାର, ମଙ୍ଗଳବାର ଓ ବୁଧବାର ତିନି ଦିନ ଧରି ସଂସଦରେ 'ଅପରେସନ ସିନ୍ଦୂର' ଉପରେ ୧୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଘମାଘୋଟ ଆଲୋଚନା ହେଲା। ବିରୋଧୀ ଦଳ ମାନଙ୍କ ପକ୍ଷରୁ ମୋଦୀ ସରକାରଙ୍କୁ ଅନେକ ଶାଣିତ ପ୍ରଶ୍ନ ପଚରାଗଲା। ଲୋକସଭା ଓ ରାଜ୍ୟସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ପ୍ରିୟଙ୍କା ଗାନ୍ଧୀ, ଗୌରବ ଗୋଗୋଇ, ଅଖିଳେଶ ଯାଦବ, ସୁପ୍ରିୟା ସୁଲେ, କାନିମୋରି ଆଦି ଅନେକ ନେତା ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୂରକୁ ନେଇ ସରକାରଙ୍କୁ ଗୁଡ଼େଇ ତୁଡ଼େଇ ପ୍ରଶ୍ନ ପଚାରିଥିଲେ। ସରକାରଙ୍କ ତରଫରୁ ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡା, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଆଦି ବିରୋଧୀଙ୍କ ପ୍ରଶ୍ନର ରଖିଲେ। ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ଆଲୋଚନାର ଉତ୍ତର ରଖିଲେ। ଦୀର୍ଘ ୧୦୨ ମିନିଟର ନିଜ ଭାଷଣରେ ମୋଦୀ ତାଙ୍କ ସ୍ୱଭାବସୁଲଭ ଢଙ୍ଗରେ ବିରୋଧୀ ଦଳ- ବିଶେଷ କରି କଂଗ୍ରେସ- ଉପରେ ଶାଣିତ ଆକ୍ରମଣ କଲେ; ପାକିସ୍ତାନ ସହ ସବୁ ସମସ୍ୟା ପାଇଁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜୱାହରଲାଲ ନେହରୁଙ୍କୁ ଦାୟୀ କଲେ ଓ ଆତଙ୍କବାଦ ସମସ୍ୟାର ମୁକାବିଲା କରିବା କ୍ଷେତ୍ରରେ ତାଙ୍କ ସରକାରଙ୍କ ସଫଳତା ବଖାଣିଲେ ।

କିନ୍ତୁ ଏ ଦୀର୍ଘ ଆଲୋଚନା ସତ୍ତ୍ୱେ କେତୋଟି ମୌଳିକ ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ମିଳିପାରିଲା ନାହିଁ। ଏଥି ମଧ୍ୟରୁ ସବୁଠାରୁ ବଡ଼ ପ୍ରଶ୍ନଟି ହେଲା: କେଉଁ ପରିସ୍ଥିତିରେ ଏବଂ କାହା ପ୍ରରୋଚନାରେ 'ଅପରେସନ ସିନ୍ଦୂର' ସ୍ଥଗିତ ରଖାଗଲା ? ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅବଶ୍ୟ ଏକଥା କହିଲେ ଯେ 'ବିଶ୍ୱର କୌଣସି ନେତା ଭାରତକୁ ଯୁଦ୍ଧ ବନ୍ଦ କରିବାକୁ କହି ନ ଥିଲେ'। କିନ୍ତୁ ସେ ଏ ପ୍ରଶ୍ନର ଉତ୍ତର ଦେଲେନାହିଁ ଯେ ମେ' ୧୦ ତାରିଖରେ ଯୁଦ୍ଧ ବିରାମ ଘୋଷଣା ଭାରତ ସରକାରଙ୍କ ବଦଳରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାହିଁକି କଲେ? ଏହାପରେ ମଧ୍ୟ ଟ୍ରମ୍ପ ବାରମ୍ବାର (ଏପର୍ଯ୍ୟନ୍ତ ସମୁଦାୟ ୨୯ ଥର) ଦାବି କରି ଆସୁଛନ୍ତି ଯେ ତାଙ୍କ ହସ୍ତକ୍ଷେପ ପରେ ହିଁ ଭାରତ ପାକିସ୍ତାନ ଅସ୍ତ୍ର ବିରତି ପାଇଁ ରାଜି ହେଲେ। ଏହା ସତ୍ତ୍ୱେ ଭାରତ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରୁନାହିଁ କାହିଁକି? ନିଜ ବକ୍ତବ୍ୟରେ ମୋଦୀ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିବା ତ ଦୂର କଥା, ତାଙ୍କ ନାଁ ନେବାକୁ ମଧ୍ୟ ଉଚିତ ମଣିଲେ ନାହିଁ । ଏହାର କାରଣ କଣ? ଏ ପ୍ରସଙ୍ଗରେ ସରକାରଙ୍କର ଓ ବିଶେଷ କରି ମୋଦୀଙ୍କର ଅହେତୁକ ନୀରବତା ପରୋକ୍ଷରେ ଟ୍ରମ୍ପଙ୍କ ଦାବିକୁ ସତ ପ୍ରମାଣିତ କରିବା ସହ କାଶ୍ମୀର ପ୍ରସଙ୍ଗରେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପକୁ ଗ୍ରହଣ ନ କରିବା ପାଇଁ ଭାରତର ସର୍ବସମ୍ମତ ନୀତିର ବିରୁଦ୍ଧାଚରଣ କରୁନାହିଁ କି? ନିଜ ଭାଷଣରେ ମୋଦୀ ପାକିସ୍ତାନର ନାଁ ୪୦ ଥର, କଂଗ୍ରେସର ନାଁ ୨୧ ଥର, 'ସିନ୍ଦୂର'ର ନାଁ ୧୬ ଥର ଓ ନେହେରୁଙ୍କ ନାଁ ୯ ଥର ଉଚ୍ଚାରଣ କରିଥିଲା ବେଳେ ଟ୍ରମ୍ପଙ୍କ ନାଁ ଥରେ ମଧ୍ୟ ନେଲେନାହିଁ । ସେହିପରି ପାକିସ୍ତାନ ପକ୍ଷରୁ ଚୀନ ଯୁଦ୍ଧ ଲଢ଼ୁଥିଲା ବୋଲି ସ୍ପଷ୍ଟ ଜଣା ପଡୁଥିଲେ ମଧ୍ୟ ଚୀନର ଭୂମିକା ବିଷୟରେ ପଦୁଟିଏ କହିଲେ ନାହିଁ। ଚୀନର ନାଁ ଥରେ ଉଚ୍ଚାରଣ କଲେ ସତ; କିନ୍ତୁ ତାହା ଥିଲା 'ଅକ୍ଷୟ ଚୀନ' ପ୍ରସଙ୍ଗରେ ନେହେରୁଙ୍କୁ ଆକ୍ରମଣ କରିବା ପାଇଁ। ଆମେରିକା/ଟ୍ରମ୍ପ ଓ ଚୀନର ନାଁ ନେବାରେ ଏଭଳି କୁଣ୍ଠା ଜନସାଧାରଣଙ୍କ ମଧ୍ୟରେ ଏ ଧାରଣାକୁ ଦୃଢ଼ୀଭୂତ କରୁଛି ଯେ ସରକାର କିଛି ଲୁଚାଇବାକୁ ଚେଷ୍ଟା କରୁଛନ୍ତି ବା "ଅପରେସନ ସିନ୍ଦୂର"ରେ ଆମେରିକାର ଭୂମିକା ସମ୍ପର୍କରେ ଉଲ୍ଲେଖ କରିବା ପାଇଁ ସାହସ ଜୁଟାଇ ପାରୁ ନାହାଁନ୍ତି ।

ସଂସଦରେ ସମୁଦାୟ ଆଲୋଚନାରେ ଅନୁତ୍ତରିତ ରହିଥିବା ଦ୍ୱିତୀୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଟି ଥିଲା "ଅପରେସନ ସିନ୍ଦୂର"ରେ ଭାରତୀୟ ସେନା ବାହିନୀ କଣ ସବୁ କ୍ଷତି ସହିଲା? ବିଶେଷ କରି ଭାରତ କେତୋଟି ଯୁଦ୍ଧ ବିମାନ (ରାଫେଲ) ହରାଇଲା ? ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏ ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦେବା ବଦଳରେ ଏଭଳି ପ୍ରସଙ୍ଗ ସେନା ବାହିନୀର ମନୋବଳକୁ ହ୍ରାସ କରିବ ବୋଲି କହି ପ୍ରଶ୍ନ ଉଠାଇ ଥିବା ବିରୋଧୀ ଦଳମାନଙ୍କୁ ନିନ୍ଦା କରିଥିଲେ। କିନ୍ତୁ ପହଲଗାମ୍ ଆକ୍ରମଣର ଅଳ୍ପ କିଛିଦିନ ପରେ ଚିଫ ଅଫ ଡିଫେନ୍ସ ଷ୍ଟାଫ୍ (ସି ଡ଼ି ଏସ) ଜେନେରାଲ ଅନିଲ ଚୌହାନ ଏ ସମ୍ପର୍କରେ ଆନ୍ତର୍ଜାତିକ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଏ ସମ୍ପର୍କରେ ପଚରା ଯାଇଥିବା ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ ଏହାକୁ ସ୍ପଷ୍ଟ ଭାବେ ଖଣ୍ଡନ କରିବା ବଦଳରେ ଏଭଳି ଉତ୍ତର ଦେଇଥିଲେ ଯାହା ପରୋକ୍ଷରେ ଯୁଦ୍ଧ ବିମାନ ହରାଇବା କଥାକୁ ସ୍ୱୀକାର କରୁଥିଲା। ସେ କହିଥିଲେ ଯେ "କ୍ଷତି ହେବା ବଡ଼ କଥା ନୁହେଁ । ବଡ଼ କଥା ହେଉଛି ଏହାପରେ ଆମେ କଣ କଲୁ; ନିଜ ଭୁଲକୁ କେମିତି ସୁଧାରିଲୁ?" ଯଦି ପ୍ରକୃତରେ ଭାରତ କୌଣସି ଯୁଦ୍ଧ ବିମାନ ହରାଇ ନ ଥିଲା ତେବେ ସରକାର ଅନୀଲ ଚୌହାନଙ୍କ ଏ ବକ୍ତବ୍ୟକୁ ସେତେବେଳେ ବା ସଂସଦରେ ଏ ପ୍ରସଙ୍ଗରେ ଆଲୋଚନା ବେଳେ ଖଣ୍ଡନ କଲେନାହିଁ କାହିଁକି ?

ତୃତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଯାହାର ଉତ୍ତର ସରକାରଙ୍କ ଠାରୁ ମିଳିଲା ନାହିଁ, ତାହା ହେଲା: ବୈସରାନଠାରେ ଶହ ଶହ ପର୍ଯ୍ୟଟକ ଥିଲାବେଳେ ସେଠି ଜଣେ ମଧ୍ୟ ସୁରକ୍ଷା କର୍ମୀ ନ ଥିଲେ କାହିଁକି? ଦିନ ଦ୍ୱିପ୍ରହରରେ ଆତଙ୍କବାଦୀ ଏତେ ବଡ଼ ଘଟଣା ଅନାୟସରେ ଘଟାଇ ଚାଲିଗଲେ; ଅଥଚ ଗୁଇନ୍ଦା ବିଭାଗ ଏହାର କୌଣସି ସୁରାକ ପାଇଲା ନାହିଁ କେମିତି? ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଆତଙ୍କବାଦୀ ସୀମା ପାର କରି ୪୦୦ କିଲୋମିଟର ଭିତରକୁ ଆସିଲେ କିପରି? ଏବଂ ସର୍ବୋପରି ଏପ୍ରିଲ ୨୨ ପରଠାରୁ ପହଲଗାମ ଆକ୍ରମଣରେ ସଂପୃକ୍ତ ଆତଙ୍କବାଦୀଙ୍କୁ ଖୋଜା ଚାଲିଥିଲା ବେଳେ ସେମାନଙ୍କୁ ମଧ୍ୟରୁ ଦୁଇ ଜଣ ଠିକ୍ ସଂସଦରେ ଆଲୋଚନା ହେବାର ଅବ୍ୟବହିତ ପୂର୍ବରୁ 'ଅପରେସନ ମହାଦେବ'ରେ ନିହତ ହେଲେ କିପରି ? ଏଭଳି ବିରଳ ସଂଯୋଗ ସ୍ୱାଭାବିକ ଭାବେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି ଯେ ନିହତ ଦୁଇ ଜଣ ପ୍ରକୃତରେ ପହଲଗାମ ଆକ୍ରମଣରେ ସଂପୃକ୍ତ ଆତଙ୍କବାଦୀ ତ?

ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଲେ ଯେ ଜାତିସଂଘରେ ଥିବା ୧୯୩ ଦେଶଙ୍କ ମଧ୍ୟରୁ କେବଳ ତିନୋଟି ଦେଶ - ଚୀନ, ତୁର୍କୀ ଓ ଆଜେରବାଇଜାନ - ହିଁ ପାକିସ୍ଥାନକୁ ସମର୍ଥନ କରିଥିଲେ । ଅନ୍ୟ ସବୁ ରାଷ୍ଟ୍ର ଭାରତକୁ ସମର୍ଥନ କରିଥିଲେ । କିନ୍ତୁ ପହଲଗାମ ପରବର୍ତ୍ତୀ ଘଟଣାକ୍ରମ ପ୍ରଧାନମନ୍ତ୍ରୀଙ୍କର ଏ ଦାବିକୁ ଆଦୌ ପ୍ରମାଣ କରୁନାହିଁ । ଅବଶ୍ୟ ଏକଥା ସତ ଯେ ଅଧିକାଂଶ ଦେଶ ପହଲଗାମ୍ ଆକ୍ରମଣକୁ ନିନ୍ଦା କଲେ । କିନ୍ତୁ ଏଥିପାଇଁ ପାକିସ୍ତାନକୁ ଦାୟୀ କଲେନାହିଁ । ଅର୍ଥାତ ଏହି ଘଟଣା ପଛରେ ପାକିସ୍ତାନର ହାତ ଥିଲା ବୋଲି ଭାରତ ତରଫରୁ କରା ଯାଇଥିବା ଅଭିଯୋଗକୁ ଅଧିକାଂଶ ଦେଶ ଗ୍ରହଣ କଲେନାହିଁ । ସତ କଥା ହେଲା କେବଳ ଇସ୍ରାଏଲକୁ ଛାଡ଼ି ଅନ୍ୟ କୌଣସି ଦେଶ ଭାରତକୁ ଖୋଲା ସମର୍ଥନ କଲେନାହିଁ । ଏପରିକି ଋଷିଆ ପରି ଭାରତର 'ସବୁ ଋତୁର ମିତ୍ର' ମଧ୍ୟ ଭାରତକୁ ଖୋଲା ସମର୍ଥନ କଲାନାହିଁ। ଆଉ ମୋଦୀଙ୍କ ପରମ ବନ୍ଧୁ ଟ୍ରମ୍ପ ପହଲଗାମ ଘଟଣାର ଅସଲ ନାୟକ ଓ ପାକ ସେନାଧ୍ୟକ୍ଷ ଅସୀମ ମୁନିରଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରି ଭାରତକୁ ଆନ୍ତର୍ଜାତିକ ସ୍ତରରେ ଅପଦସ୍ତ କଲେ । କେବଳ ଯେ ଯୁଦ୍ଧ ଚାଲିଥିଲା ବେଳେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଉ ଏମ୍ ଏଫ୍) ପାକିସ୍ତାନକୁ ୧.୧ ବିଲିଅନ ଡଲାର ଋଣ ମଞ୍ଜୁର କଲା ତା ନୁହେଁ; ପାକିସ୍ତାନକୁ ଆତଙ୍କବାଦର ମୁକାବିଲା ପାଇଁ ଜାତିସଂଘ ସୁରକ୍ଷା ପରିଷଦର ଏକ କମିଟିର ଉପାଧ୍ୟକ୍ଷ କରାଗଲା । ଏହା 'ବିରାଡ଼ିକୁ ମାଛ ଜଗିବାର ଦାୟିତ୍ୱ' ଦେଲାଭଳି କଥା । ଉଭୟ ଅର୍ଥନୀତି ଓ ସାମରିକ ଶକ୍ତି ଦୃଷ୍ଟିରୁ ଭାରତ ଭଳି ବିଶ୍ୱର ଏକ ପ୍ରମୁଖ ଦେଶ କାହିଁକି ପାକିସ୍ତାନକୁ ଏକଘରିକିଆ କରି ପାରିଲା ନାହିଁ ? ଆନ୍ତର୍ଜାତିକ ସ୍ତରରେ ଏହାକୁ ସମ୍ମାନଜନକ ସ୍ଥାନ ଦେବାକୁ କାହିଁକି ପ୍ରତିହତ କରି ପାରିଲା ନାହିଁ? ଏହା ଭାରତର କୁଟନୈତିକ ବିଫଳତା ନୁହେଁ କି?

୧୬ ଘଣ୍ଟାର ଆଲୋଚନା ପରେ ମଧ୍ୟ ଏସବୁ ପ୍ରଶ୍ନର ଉତ୍ତର ନ ମିଳିବା ସନ୍ଦେହ ସୃଷ୍ଟି କରୁଛି ଯେ ରାଜନୈତିକ ବାଧ୍ୟବାଧକତା ଯୋଗୁଁ ପହଲଗାମ ଘଟଣାରେ ସରକାର ଦେଶବାସୀଙ୍କୁ ପ୍ରକୃତ ଏବଂ ସମସ୍ତ ତଥ୍ୟ ଜଣାଇବାକୁ ଚାହୁଁ ନାହାଁନ୍ତି।



‘ଆମ ଓଡ଼ିଶା’ର ପ୍ରଥମ ସଂସ୍କରଣରେ ଆପଣମାନେ ପଢ଼ିଥିଲେ ମହାପ୍ରଭୁ ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ‘ଆମ ଓଡ଼ିଶା’ ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସାକ୍ଷତ୍କାରର ପ୍ରଥମ ଭାଗ, ଯେଉଁଥିରେ ଗଜପତି ତାଙ୍କ ଆଦ୍ୟ ଜୀବନ ଏବଂ ରାଜନୀତି ପ୍ରତି ତାଙ୍କ ଦୃଷ୍ଟିକୋଣ ସଂପର୍କରେ ଆଲୋକପାତ କରିଥିଲେ। ସାକ୍ଷାତ୍କାରର ଏହି ଦ୍ୱିତୀୟ ଏବଂ ଶେଷ ଭାଗରେ ଗଜପତି ଉତ୍କଳୀୟ ଜୀବନରେ ଜଗନ୍ନାଥଙ୍କ ସ୍ଥାନ ଓ ଶ୍ରୀମନ୍ଦିର ପରିଚାଳନା ସରକାର ହାତକୁ ନେବା ସଂପର୍କରେ ମତପ୍ରକାଶ କରିଛନ୍ତି।

# ଜଗନ୍ନାଥଙ୍କୁ ଛାଡ଼ିଦେଲେ ଆମର ଆଉ ଅଛି କ’ଣ ?

**■ ଆମେ ଜଗନ୍ନାଥଙ୍କ ପାଖକୁ ଆସିବା। ଆପଣଙ୍କୁ ପ୍ରାୟ ସମସ୍ତେ ଧରି ନିଅନ୍ତି ଆପଣ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଭଳି। ଅନେକ ଲୋକ ଆଜିକାଲି, ନେତାମାନେ ମଧ୍ୟ ଭଗବାନଙ୍କ ଅବତାର ବୋଲି ନିଜକୁ ଘୋଷଣା କଲେଣି, ସେ ଆଲୋଚନାକୁ ଆମେ ଯାଉନୁ। କିନ୍ତୁ ସାଧାରଣରେ ଓଡ଼ିଆମାନଙ୍କର, ଉତ୍କଳୀୟମାନଙ୍କର ଗୋଟିଏ ଧାରଣା ଅଛି ଯେ ଗଜପତି ମହାରାଜ ଆଦ୍ୟ ସେବକ, ଜଗନ୍ନାଥଙ୍କ ପ୍ରତିନିଧି। ଏବେ ଜଗନ୍ନାଥଙ୍କୁ ନେଇ ସମସ୍ତେ ବହୁତ୍ କଥା କହୁଛନ୍ତି। ଅସ୍ମିତା ବିଷୟରେ ଆଲୋଚନା କରିଲେ ଜଗନ୍ନାଥଙ୍କ କଥା ପ୍ରଥମେ ଆସୁଛି, ଓଡ଼ିଶାର ସବୁ କିଛିରେ, ବର୍ତ୍ତମାନ ଯିଏ ଛୋଟିଆ ଦୋକାନଟେ କରୁଛି ସେ ମଧ୍ୟ ଏବେ ଜଗନ୍ନାଥଙ୍କ ନାମରେ ଦୋକାନଟିକୁ ନାମିତ କରିବାକୁ ଚାହୁଁଛି, ଅନେକଗୁଡ଼ିଏ ପ୍ରତିଷ୍ଠାନ ତିଆରି ହୋଇଛି। ରାଜନୈତିକ ଦଳମାନେ ମଧ୍ୟ ଜଗନ୍ନାଥଙ୍କ ଚେତନାକୁ ନେଇ ତାଙ୍କ ରାଜନୀତି କରିବାରେ ସଙ୍କୋଚ କରୁନାହାନ୍ତି। ଜଗନ୍ନାଥ ଟିକେ ବହୁତ୍ ଜୋରରେ ସମସ୍ତଙ୍କ ଦ୍ୱାରା ବ୍ୟବହୃତ ହୋଇଯାଉନାହାନ୍ତି କି ?**

ଏଇଠି ଦେଖିବାକୁ ହେବ ଆମେ କଳି ଯୁଗରେ ଅଛୁ। ତେଣୁ ଜଗନ୍ନାଥଙ୍କର ନାମ ଆମେ ନଉଚେ, ଭାବନା ବି ଅଛି। ଆମେ ଯେହେତୁ ଓଡ଼ିଆ ସେ ଚିନ୍ତା ବା ସେ ମାନସିକ ସ୍ଥିତି ଆସିବ। ମହାପ୍ରଭୁଙ୍କ ସହିତ ଆମେ ଯୋଡ଼ି ହୋଇ ଅଛେ। କିନ୍ତୁ ମହାପ୍ରଭୁ କିଏ ? ଶ୍ରୀଜଗନ୍ନାଥ କିଏ କଣ ଆମେ ବୁଝିଲୁଣି ? ତାଙ୍କର ତତ୍ତ୍ୱ ବିଷୟରେ ଆମେ କିଛି ଜାଣିଲୁଣି ? ଆଉ ବାସ୍ତବରେ ଆମ ନିଜ ଜୀବନରେ ସେ ମହାପ୍ରଭୁଙ୍କ ପ୍ରତି ସେ ଉତ୍ତମ, ସାତ୍ତ୍ୱିକ ପବିତ୍ର ଭାବନା ଜାଗରଣ କରିବାର ବାଟ କ’ଣ ଆମେ ପାଇଲୁଣି ? ତେଣୁ କହିବାଟା ସହଜ କିନ୍ତୁ କରିବାଟା ଏତେ ସହଜ ନୁହେଁ। ତେଣୁ ନାଁ ତ ସମସ୍ତେ ନଉଛନ୍ତି। ଆପଣ ଯାହା କହିଲେ, କିଏ factory କରୁଛି, ଜଗନ୍ନାଥଙ୍କ cement କରୁଛି, ଜଗନ୍ନାଥଙ୍କର ଯୋତା ବି କରୁଛି..... (ହସ)... କିନ୍ତୁ ନାମ ବ୍ୟବହାର କରିବା ଆଉ ବାସ୍ତବରେ ମହାପ୍ରଭୁଙ୍କ ସହିତ ଯୋଡ଼ି ହେବା, ଅନ୍ତରର ଭାବନା ସହିତ ଏଇ ଦୁଇଟି ଜିନିଷ ହେଉଛି ସମ୍ପୂର୍ଣ୍ଣ ପୃଥକ୍। ଏଇଠି ଯାହା ଆମେ କହିଲୁ, କଳିଯୁଗରେ ଆମେ ଅଛୁ କିଛି ବାସ୍ତବ ଅନ୍ତରର ସ୍ଥିତି ବା ବାହ୍ୟ ସ୍ଥିତିରେ ବହୁତ୍ ପାର୍ଥକ୍ୟ ରହୁଛି ।

**■ ଜଗନ୍ନାଥଙ୍କ ବିଷୟରେ ତ ଆମକୁ ସ୍ୱୀକାର କରିବାକୁ ପଡ଼ିବ କି ଆମ ସମସ୍ତଙ୍କର କିଛି ନା କିଛି ଛୋଟ-ବଡ଼ ଅନୁଭୂତି ରହିଛି। ବ୍ୟକ୍ତିଗତ ଭାବରେ ମୁଁ ବାହାରକୁ ଗଲେ କେଉଁଠୁ ଆସିଛି ପଚାରିଲେ, ଓଡ଼ିଶା କହିଲେ ବହୁତ୍ କମ୍ ଲୋକ ବୁଝନ୍ତି, ଜଗନ୍ନାଥଙ୍କ ନା ନେଲା ମାତ୍ରେ ତାଙ୍କୁ ସମସ୍ତେ ପ୍ରାୟ ଗ୍ରହଣ କରି ପାରୁଛନ୍ତି। ସେ ଓଡ଼ିଆଙ୍କର ଗୋଟେ ପରିଚୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଠିକ୍ ସେଇ ଭଳି ଭାବରେ ଜଗନ୍ନାଥଙ୍କର ତତ୍ତ୍ୱ କଥା ଆପଣ କହୁଥିଲେ, ଜଗନ୍ନାଥଙ୍କର ମୂଲ୍ୟବୋଧ କଥା ଆପଣ କହୁଥିଲେ ଏବେ ସମସ୍ତେ ସ୍ୱୀକାର କରୁଛନ୍ତି ଯେ ଜଗନ୍ନାଥ ସାଧାରଣ ମଣିଷ ଭଳି ଜଣେ ଭଗବାନ ଏବଂ ସେ ମଧ୍ୟ ସାମ୍ପ୍ରଦାୟିକ ମନୋଭାବରୁ ଯଥେଷ୍ଟ ଊର୍ଦ୍ଧରେ। ଯାଉଁଥିପାଇଁ ଆମେ ଅନେକ ଗପ ଶୁଣିଛୁ କିମ୍ବା ବହୁତ୍ କଥା ଶୁଣିଛୁ। ଆମ ଓଡ଼ିଶା ଭିତରେ ମଧ୍ୟ ଆମେ ଅନେକ ପ୍ରମାଣ ଦେଇ ପାରିବା ଯେ ସେ ୟା ଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ। କିନ୍ତୁ କୌଣସି କୌଣସି କାରଣରୁ ସେ ମନ୍ଦିର ପରିଚାଳନାରେ ହେଉ ବା ଆମ ପାରମ୍ପରିକ ପରମ୍ପରାକୁ ଯେଉଁ ଭଳି ଢଙ୍ଗରେ ଆମେ ଚଳେଇ ଆସିଛୁ ବା ଯେଉଁମାନେ ସେ ଦାୟିତ୍ୱରେ ଅଛନ୍ତି ସେ ନେଇ ଆମ ଭିତରେ କିଛି କିନ୍ତୁ ପରନ୍ତୁ ଅଛି। କିନ୍ତୁ ଆମକୁ ଏଇଟାକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଜଗନ୍ନାଥ ଆମକୁ ଯେଉଁ ମୂଲ୍ୟବୋଧ ଦେଇଛନ୍ତି ତା ସମ୍ଭବତଃ ଓଡ଼ିଶା ପାଇଁ ଶ୍ରେଷ୍ଠ ସମ୍ପଦ ବା ସମ୍ପତ୍ତି। ତାକୁ ଆମେ ଠିକ୍ ଭାବରେ ହୁଏତ ବିନିଯୋଗ କରିପାରୁନେ ବା କରୁନେ। ଏ ବିଷୟରେ ଆପଣଙ୍କ ବିଚାର କଣ ?**

ଶ୍ରୀଜଗନ୍ନାଥ କୁହନ୍ତୁ ବା ସନାତନ ବୌଦ୍ଧିକ ଧର୍ମ କୁହନ୍ତୁ କୌଣସି ପାର୍ଥକ୍ୟ ନାହିଁ । କିନ୍ତୁ ଆମେ କେତେ ମାତ୍ରାରେ ନିଜର ବ୍ୟକ୍ତିଗତ ଜୀବନ ସେହି ଚିନ୍ତାଧାରାରେ, ସେହି ଆଧ୍ୟାତ୍ମିକ ବିଦ୍ୟା, ଜ୍ଞାନ ବା ମୂଲ୍ୟବୋଧରେ ପ୍ରତିଷ୍ଠା କରିପାରିଛେ ସେଇଟା ହେଉଛି ପ୍ରଶ୍ନ ! ଯାହା ଆମେ ଅବିକା ଆଲୋଚନା କରୁଥିଲୁ, ଆମେ ଯେଉଁ ସ୍କୁଲକୁ ଗଲୁ ସେଠି ଜଗନ୍ନାଥଙ୍କ ବିଷୟରେ କିଛି ଅଛି କି ? ବା ଜଗନ୍ନାଥଙ୍କର ମହିମା ବିଷୟରେ ସ୍କନ୍ଦ ପୁରାଣରେ ଯାହା ଅଛି ତାହା କେହି ଜାଣିଛନ୍ତି କି ସ୍କନ୍ଦ ପୁରାଣ ବହି କ’ଣ ? ଆମେ ପଚାରୁ ଜଗନ୍ନାଥଙ୍କ କଥା କେଉଁଥିରେ ଲେଖା ହେଇଛି ? ଶ୍ରୀକୃଷ୍ଣଙ୍କ କଥା ସେ କହିଦେବେ ଭାଗବତରେ ଲେଖା ହେଇଛି, ଶ୍ରୀରାମଙ୍କ କଥା ରାମାୟଣରେ ଲେଖା ହେଇଛି। ଜଗନ୍ନାଥଙ୍କ କଥା କେଉଁଠି ଅଛି ଜାଣି ପାରିବେ ନାହିଁ! ତେଣୁ ଆମେ ଯେଉଁ ସ୍କୁଲକୁ ଗଲୁ ସେଠି ନା ଭାଗବତ ଗୀତା ପଢ଼ା ଯାଉଥିଲା, ନା ରାମାୟଣ ହେଉଛି ନା ଭାଗବତ ହେଉଛି ନା ଜଗନ୍ନାଥଙ୍କ କଥା ହେଉଛି। ତେଣୁ ଆମେ ଦୋଷ କାହାକୁ ଦେବା ? ଆମର ଶିକ୍ଷା ପଦ୍ଧତି ଆମକୁ ଗୋଟେ ମେସିନ୍ କରିଦେଉଛି ବା ପଶ୍ଚାତ ଦେଶର ବ୍ୟକ୍ତି ଭଳି ଆମର ଗଠନ କରିଦେଉଛି। କିନ୍ତୁ ଆମେ ଜଗନ୍ନାଥ ଜଗନ୍ନାଥ ବୋଲି କହୁ, କାରଣ ଆମେ ଉତ୍କଳ ପ୍ରଦେଶରେ ଗୋଟେ ଉତ୍କଳୀୟ ପରିବାରରେ ଜନ୍ମଗ୍ରହଣ କରିଛେ। କିନ୍ତୁ ବାସ୍ତବରେ କ’ଣ ଆମେ ଜଗନ୍ନାଥ ସଂସ୍କୃତିରେ ଅନୁପ୍ରାଣିତ ହେଇଛେ? ପ୍ରତିଷ୍ଠିତ ହେଇଛେ? ବୁଝି ପାରିଛେ ? ଏଇଟା ହେଉଛି ବଡ଼ ପ୍ରଶ୍ନ !

**■ ସେଇକ୍ରମରେ ଆମେ ଆଉ ଟିକେ ଆଗକୁ ବଢ଼ିବା। ଏବେ ତ ଅସ୍ମିତାକୁ ନେଇ ବେଶ୍ ଆଲୋଚନା**

**କରାଯାଉଛି। କୁହାଯାଉଛି ସତେ ଯେପରି ଗୋଟେ ବିରାଟ ବଡ଼ ପରିବର୍ତ୍ତନ ଅସ୍ମିତାକୁ ନେଇ ହେଲା। ଯଦି ଆମେ ଅସ୍ମିତାକୁ ଏକ ପକ୍ଷରେ ରଖିବା ଏବଂ ଜଗନ୍ନାଥଙ୍କର ସହିତ ଆମ ସମ୍ପର୍କକୁ ବୁଝିବା, ଆମେ କୌଣସି ନା କୌଣସି ଜାଗାରେ ଅସ୍ମିତା ସହିତ ଜଗନ୍ନାଥଙ୍କୁ ଯୋଡ଼ି ପାରିବା କି?**

ଜଗନ୍ନାଥଙ୍କୁ ଛାଡ଼ି ଦେଲେ ଆମର ଆଉ ଅଛି କ'ଣ? (ହସ)... ତେଣୁ ଉତ୍କଳୀୟମାନଙ୍କ ପାଇଁ ଜଗନ୍ନାଥ ହେଉଛନ୍ତି ସର୍ବସ୍ୱ। ଆମେ ଯଦି ତାକୁ ଗୋଟେ ବୃହତ୍ ଛବିରେ ଦେଖିବା ତା'ହେଲେ ସେଇଟା ହେଉଛି ଆମର ସନାତନ ବୈଦିକ ସଂସ୍କୃତି। ସେଇଟା ହେଉଛି ଆମ ପରିଚୟ, ସେଇଟା ହେଉଛି ଆମ ଜୀବନ। କିନ୍ତୁ ଯାହା ଏବେ ଆମେ ଆଲୋଚନା କରୁଥିଲେ, ଶହ-ଶହ ବର୍ଷ ଧରି ଆସ୍ତେ ଆସ୍ତେ ଆମେ ସମସ୍ତେ ଦୂରେଇ ଯାଇଛେ। ଆଉ ବିଶେଷ କରି ଇଂରେଜମାନେ ଆସିଲେ ତାଙ୍କର ଶିକ୍ଷା ପଦ୍ଧତି ଆମ ଉପରେ ଲଦି ଦେଲେ। ଆଉ କହିଲେ ଯେ ଏ ସବୁ ବେଦ, ଗୀତା , ଭାଗବତ ଇତ୍ୟାଦି କୌଣସି ଆଧୁନିକ ସମାଜ ପାଇଁ, ପ୍ରଗତି ପାଇଁ ଆଦୌ ଆବଶ୍ୟକ ନାହିଁ। ଯା'କୁ ସବୁ ଛାଡ଼ି ଦିଅ; ଗୁରୁକୁଳ ଶିକ୍ଷା ବନ୍ଦ ହୋଇଗଲା। ବିଦେଶୀ ପଦ୍ଧତିରେ ଆମେ ପାଠ ପଢ଼ିଲୁ ଯାହା ଦ୍ୱାରା ବାସ୍ତବରେ ଆମର ମହାନ୍ ସାମାଜିକ ଓ ବୈଦିକ ଜୀବନ ଜଗନ୍ନାଥଙ୍କ ତତ୍ତ୍ୱ ଜ୍ଞାନ ସଂସ୍କୃତିଠୁ ଦୂରେଇ ଚାଲିଲା। ଜଗନ୍ନାଥ-ଜଗନ୍ନାଥ କହୁଛେ; କିନ୍ତୁ ଜଗନ୍ନାଥଙ୍କ ଭକ୍ତି, ଜଗନ୍ନାଥଙ୍କ ପ୍ରତି ଆନ୍ତରିକ ଭାବନା ଏତେ ସହଜରେ ଆସିବ ନାହିଁ। ଯଦି ଆସିବ କିଛି ସମୟ ପାଇଁ ଆସିବ ତା' ପରେ ଆମେ ସଂସାରକୁ ଗଲୁ, ବ୍ୟବସାୟକୁ ଗଲୁ, ଚାକିରିକୁ ଗଲୁ, ସେ ସବୁକୁ ପଛରେ କୋଉଠି ରହିଗଲା।

**■ ଆପଣ ଯାହା କହୁଛନ୍ତି... ଉତ୍କଳୀୟ ପରମ୍ପରାରେ ଜଗନ୍ନାଥ ହିଁ ଆମର ସର୍ବସ୍ୱ ବୋଲି ଯଦି ଆମେ କହିବା ଆମେ ତାଙ୍କ ପାଇଁ ଯଥେଷ୍ଟ କିଛି କରୁଛେ କି? ଯେଉଁ କଥାକୁ ନେଇକି ଆପଣ କହିଥିଲେ କି ଆଧ୍ୟାତ୍ମିକତା ଅବକ୍ଷୟକୁ ଦେଖି କେହି ଜଣେ ତ କିଛି କରିବା କଥା, ହୁଏତ ଆପଣଙ୍କୁ ସେ ଦୃଷ୍ଟିରୁ ଏ କ୍ଷେତ୍ରକୁ ଆସିବାକୁ ପଡ଼ିଲା। କିନ୍ତୁ ବର୍ତ୍ତମାନ ଜଗନ୍ନାଥଙ୍କ ପାଇଁ ଯାହା କରିବା କଥା ଆମେ କରୁଛେ କି?**

କରିବାଟା ସହଜ ନୁହେଁ! ବର୍ତ୍ତମାନ ସମସ୍ତଙ୍କ ଜୀବନ ଯେମିତି ହେଇଗଲାଣି ମେସିନ୍; କାହାରି ପାଖରେ ସମୟ ନାହିଁ, ସମସ୍ତେ ବ୍ୟସ୍ତ। ଆଗରୁ ଅନ୍ତତଃ ଆମେ ବସି ଘରେ ଗପସପ କରୁ, ତା'ପରେ ଆସିଗଲା ଟେଲିଭିଜନ, ତା'ପରେ ଆସିଗଲା ମୋବାଇଲ ...(ହସ).... ତା'ପରେ ଆସିଗଲା କମ୍ପ୍ୟୁଟର... ହଁ...(ହସ).. ଆଉ ଜଣେ ସାଧାରଣ ଲୋକ ତା'ର ଜୀବିକା ପାଇଁ, ତା'ର ପରିବାର ଚଳେଇବା ପାଇଁ ତାକୁ ଏତେ ସମୟ ତା'ର ଭୌତିକ କାର୍ଯ୍ୟରେ ନିୟୋଜିତ ରୁହେ ଯେ ତା'ର ଆଧ୍ୟାତ୍ମିକ ଜୀବନ, ଆଧ୍ୟାତ୍ମିକ ସାଧନା ଦୂରର କଥା ହେଇଯାଏ।

**■ ମୁଁ ସେୟା ପଚାରୁଥିଲି ଜଗନ୍ନାଥଙ୍କୁ ଆମେ ଯେଉଁ ଭଳି ଉଚ୍ଚରେ ରଖୁଛୁ ଆମ ଚିନ୍ତାରେ, ଚେତନାରେ ଏବଂ ଆମେ ଯେତେବେଳେ ଆମର ପ୍ରତିବେଶୀଙ୍କ କଥା ବା ଅନ୍ୟ ରାଜ୍ୟବାସୀଙ୍କ କଥା ଦେଖୁଚୁ ଅନୁରୂପ ଅନୁଷ୍ଠାନମାନଙ୍କର ଯେଉଭଳି ଶୃଙ୍ଖଳା, ଯେଉଭଳି ସ୍ଥିତି ଅଛି ଆର୍ଥିକ ସ୍ଥିତି ଠାରୁ ଆରମ୍ଭ କରି ତାଙ୍କ ଶୃଙ୍ଖଳିତ ବ୍ୟବସ୍ଥାଠୁ ଆରମ୍ଭ କରି ଆଉ ସବୁ ଅଛି ଅନେକ ସମୟରେ ଆମେ ତୁଳନା କଲେ ଆମେ ବେଳେ ବେଳେ ଟିକେ ହିନ୍ୟମନତାର ଶିକାର ହେଉ ଏବଂ ଜଗନ୍ନାଥଙ୍କୁ ନେଇ କିଛି ଅବ୍ୟବସ୍ଥା ହେଲେ। ୧୯୬୦ ମସିହାରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ହାତକୁ ନେଲେ। ଆପଣ ତା' ପୂର୍ବ ଅବସ୍ଥାକୁ ଦେଖିଛନ୍ତି ଏବଂ ତା' ପର ବ୍ୟବସ୍ଥାକୁ ମଧ୍ୟ ବହୁ ବର୍ଷ ଧରି ଦେଖି ଆସୁଛନ୍ତି। ଉଭୟ ବ୍ୟବସ୍ଥା ମଧ୍ୟରେ ଆପଣ କି ପାର୍ଥକ୍ୟ ଦେଖୁଛନ୍ତି?**

୧୯୬୦ ମସିହାରେ ଯେତେବେଳ ରାଜ୍ୟ ସରକାର ନେଲେ ସେତେବେଳେ ତ ଆମେ ପାଠ ପଢ଼ିଥିଲୁ। ଆମ ବାପା ଥିଲେ , ଦଦେଇ ଥିଲେ, ତେଣୁ ୧୦ ବର୍ଷ ଦଦେଇ ସେ ସମୟର ସେବା ଦେଇଛନ୍ତି।



**■ ଆପଣ ଜଣେ ଆଇନର ଛାତ୍ର ହିସାବରେ, ଇତିହାସର ଛାତ୍ର ହିସାବରେ ନିଜେ ଗଜପତିଙ୍କ ଦାୟିତ୍ୱ ନେଲେ। ପରେ ସରକାରୀ ବ୍ୟବସ୍ଥାରେ ଜଗନ୍ନାଥଙ୍କ ମନ୍ଦିର ପରିଚାଳନା ଯେମିତି ହେବା କଥା, ସେଥିରେ କିଛି ଅସୁବିଧା ରହିଛି କି?**

ଆପଣ ଶ୍ରୀମନ୍ଦିରକୁ ଯଦି ଆସିବେ ତାହେଲେ ପ୍ରଥମ କଥା ବୁଝିବାକୁ ହେବ ଯେ ଗୋଟିଏ ସାଧାରଣ ମନ୍ଦିର ନୁହେଁ। ସାଧାରଣ ଧାର୍ମିକ ଅନୁଷ୍ଠାନ ନୁହଁ। ଇଏ ହେଉଛି ସ୍ୱୟଂ ପରମାତ୍ମା, ପରମେଶ୍ୱରଙ୍କ ଘର। କୌଣସି ମଣିଷକୃତ ଦେବତା ନୁହନ୍ତି, ବ୍ରାହ୍ମଣଙ୍କ ଦ୍ୱାରା ପ୍ରତିଷ୍ଠିତ ନୁହନ୍ତି । ଇଏ ସ୍ୱୟଂ ପରମପିତା, ପରମାତ୍ମା, ପରଂବ୍ରହ୍ମ। ଶ୍ରୀମନ୍ଦିର ହେଉଛି ତାଙ୍କ ଘର। ଏହି କଥାଟି ଆମେ ଭଲ ଭାବରେ ବୁଝି ପାରିବା ଯଦି ଆମେ ସ୍କନ୍ଦ ପୁରାଣ ବା ବ୍ରହ୍ମପୁରାଣ ପଢ଼ିବା। ତେଣୁ ଇତିହାସ ଯଦି ଦେଖିବା ଯେତିକି ଆମର ମହାରାଜା ମାନେ ଥିଲେ ଉତ୍କଳର ଗଜପତିମାନେ ସେମାନେ ସଦାବେଳେ ଶ୍ରୀମନ୍ଦିରକୁ ଆଉ ମହାପ୍ରଭୁଙ୍କୁ ପ୍ରଥମ ସ୍ଥାନରେ ରଖୁଥିଲେ। ରାଜ୍ୟର ସେବା କାଗଜରେ(ବା ଏଜେଣ୍ଡାରେ) ମହାପ୍ରଭୁ ହେଉଛନ୍ତି ମାଲିକ। ଉତ୍କଳ ବା କଳିଙ୍ଗ ସାମ୍ରାଜ୍ୟର ସବୁ କିଛି ତାଙ୍କର। ଏହି ଭାବନାଟା ଭାରତ ସ୍ୱାଧୀନ ହେଲା ପରେ ବୋଧେ ଆଉ ରହିଲା ନାହିଁ। ଆଉ ଯାହା ଆମେ କହିଲୁ ଆମେ ଗୋଟେ secular, democratic, socialist republic ତେଣୁ ଆମର ସରକାରମାନେ ଚାଲିଲେ ଭୌତିକ ପ୍ରଗତି ଆଡ଼କୁ ଯେଉଁଟାକି ନିହାତି ଦରକାର। କିନ୍ତୁ ଭାରତର ଆଉ ବିଶେଷ କରି ଉତ୍କଳର ଯେଉଁ ଧାର୍ମିକ, ଆଧ୍ୟାତ୍ମିକ ଆଉ ସାଂସ୍କୃତିକ ପ୍ରାଧାନ୍ୟତା ଟା ଥିଲା ସେ ବୋଧେ ହଜିଗଲା।

**■ ଆମେ କହିପାରିବା ସରକାର ହାତକୁ ନେବା ପରେ ଯେଉଁ ସୁବିଧା ସୁଯୋଗ ବା ଯେଉଁ ପ୍ରକାର ସୁବିଧା ଆମକୁ ହେଇଥାନ୍ତା ଯେଉଁଥିପାଇଁ କି ଆମେ ହାତକୁ ନେବାକୁ ସେଇ ସମୟରେ ଉଚିତ୍ ବୋଲି ଚିନ୍ତା କରୁଥିଲେ ହୁଏତ ପରବର୍ତ୍ତୀ ସମୟରେ ଆମର ରାଜନୈତିକ ସଂସ୍କାର ଏମିତି ହେଲା, ସବୁ କିଛିରେ ରାଜନୀତିକରଣ ହେଇଯାଉଛି ଆଉ ସେଥିରୁ ମୁକ୍ତି ପାଇବା ଏତେ ସହଜ ନୁହେଁ। ତେଣୁ ସେଇଟା ଗୋଟେ ଅନୁକୂଳ ନିଷ୍ପତ୍ତି ହୋଇନି ବୋଲି କହିହେବ କି?**

ମୁଁ ଭାବୁଛି ଶ୍ରୀମନ୍ଦିର ଭଳି ମହାନ୍ ଅନୁଷ୍ଠାନ କୌଣସି ବ୍ୟକ୍ତି ବା କୌଣସି ଘରୋଇ ସଂସ୍ଥା ପରିଚାଳନା କରି ପାରିବ ନାହିଁ। ଅସମ୍ଭବ! ମୂଳରୁ ହିଁ ଯିଏ ଥିଲେ ସର୍ବୋଚ୍ଚ ରାଜସତ୍ତା ଯାହାଙ୍କ ପାଖରେ ସମସ୍ତ କ୍ଷମତା ଥିଲା legislative, executive, judiciary, finance, କେବଳ ତାଙ୍କର ହିଁ ଶ୍ରୀମନ୍ଦିର ଭଳି ମହାନ୍ ସଂସ୍ଥାକୁ ଚଳେଇ ପାରିବାର କ୍ଷମତା ବା ଯୋଗ୍ୟତା ଥିଲା। ମହାପ୍ରଭୁଙ୍କ ନିଜ ଘର ଏଇଟା। ତେଣୁ ସେ ଦୃଷ୍ଟିରୁ ଦେଖିବାକୁ ଗଲେ ସ୍ୱାଧୀନତା ପରେ ଗଜପତି ହୋଇଗଲେ ଆପଣଙ୍କ ଭଳିଆ ଜଣେ ସାଧାରଣ ନାଗରିକ। ତାଙ୍କ ପାଖରେ କୌଣସି ପ୍ରକାରର executive, legislative କି ଅନ୍ୟ କୌଣସି ପ୍ରକାର କ୍ଷମତା ନଥିଲା। ଯେହେତୁ ରାଜ୍ୟ ସରକାରଙ୍କ ପାଖରେ ସେ କ୍ଷମତାଟା ଥିଲା , ରାଜ୍ୟ ସରକାର ହିଁ ତାକୁ ଚଳେଇ ପାରିବେ। କିନ୍ତୁ ଆପଣ ଯେଉଁ ପ୍ରଶ୍ନଟି କରୁଛନ୍ତି ସେଇଟା ପୁଣି ମୁଁ ଆପଣଙ୍କୁ ମନେ ପକେଇ ଦେବାକୁ ଚାହେଁ ଯେ ରାଜତନ୍ତ୍ରରେ ଓଡ଼ିଶାର ଇତିହାସରେ ମହାପ୍ରଭୁଙ୍କ ସ୍ଥାନ ଥିଲା ପ୍ରଧାନ ଓ ପ୍ରଥମ। ସରକାର ୧୯୬୦ରେ ଦାୟିତ୍ୱ ନେଲା ପରେ ହୁଏତ ସରକାରଙ୍କର ବୃହତ୍ କର୍ତ୍ତବ୍ୟ ରହିଛି ଭୌତିକ କ୍ଷେତ୍ରରେ ସମାଜ ଓ ରାଜ୍ୟର ସେବା। ସେଥିରେ ବୋଧେ ମହାପ୍ରଭୁଙ୍କ ଓ ଶ୍ରୀମନ୍ଦିରର ପ୍ରଥମ ସ୍ଥାନଟି ଆଉ ରହି ପାରିଲା ନାହିଁ। ହଁ ଏତିକି ଯେ ରଥଯାତ୍ରା ବେଳକୁ ସମ୍ପୂର୍ଣ୍ଣ ଭାବରେ ଆପଣ ଜାଣିଛନ୍ତି ଯେ ଆମ ରାଜ୍ୟ ସରକାର ସେଥିରେ ଯୋଗଦାନ କରନ୍ତି ଯାହାଦ୍ୱାରା ରଥଯାତ୍ରା ଭଳିଆ ଏ ମହାନ୍ ବିଶ୍ୱସ୍ତରୀୟ ଯାତ୍ରା ସଫଳ ହୁଏ କିନ୍ତୁ ତା ପରେ,..... (ହସ)... ସରକାର ତାଙ୍କ ଘରେ ଏବଂ ମହାପ୍ରଭୁ ତାଙ୍କ ଘରେ।

**■ ଉତ୍କଳୀୟ ପରମ୍ପରାରେ ଯିଏ ଆମର ସର୍ବସ୍ୱ, ଯାହାକୁ ସମସ୍ତେ ସ୍ୱୀକାର କରନ୍ତି ତାଙ୍କର ସବୁକିଛିର, ତାଙ୍କ ସମ୍ପତ୍ତି ହେଉ, ତାଙ୍କ ଘର ହେଉ, ତାଙ୍କ ନୀତିକାନ୍ତି ହେଉ, ତାଙ୍କର ପରମ୍ପରା ହେଉ ସେ ସବୁ ଗୋଟେ ପରିଚାଳନା ପାଇଁ ଯେଉଁ ସରକାରୀ ବ୍ୟବସ୍ଥା ଅଛି ସେ ବ୍ୟବସ୍ଥାକୁ ସରକାର ଗୁରୁତ୍ୱ ସହ ନେଲାଭଳି ମନେ ହେଉନି। ଯେମିତି ପରିଚାଳନା କମିଟି ଆପଣଙ୍କ ଏଯାଏଁ ସ୍ଥାୟୀ ହେଇନି, ଆପଣ ତାର ମୁଖ୍ୟ ହୋଇପାରନ୍ତି, କିନ୍ତୁ ମୁଖ୍ୟ ହିସାବରେ ଆପଣଙ୍କ ହାତ ଗୋଡ଼ ବନ୍ଧା ହେଲା ପରି କେବେ ଅନୁଭବ କରିଛନ୍ତି?**

ହାତ ଗୋଡ଼ ବନ୍ଧା ହୋଇନାହିଁ। କିନ୍ତୁ ଗଜପତିଙ୍କର ଯେଉଁ ପ୍ରଶାସନିକ ସ୍ତରରେ ଯୋଗଦାନ ଉତ୍ତମ ଭାବରେ ଆମ ବ୍ୟବସ୍ଥା ରହିଛି ଆଇନରେ ଆଉ ତାହା କରାଯାଉଛି। କିନ୍ତୁ ଆମେ ଯେଉଁ କଥାଟି କହିଲୁ ଆପଣଙ୍କୁ ୧୯୬୦ ପରଠାରୁ ଏଥିରେ କେତେ ସରକାର ଆସିଲେଣି ଗଲେଣି ସବୁଠି ସେଇ କାହାଣୀ। ଯଦି ଆମ ସରକାରମାନେ ମହାପ୍ରଭୁଙ୍କୁ, ମହାପ୍ରଭୁଙ୍କର ଘର ଶ୍ରୀମନ୍ଦିରକୁ, ମହାପ୍ରଭୁଙ୍କ ସଂସ୍କୃତି ଓ ପରମ୍ପରାକୁ ଏବଂ ମହାପ୍ରଭୁଙ୍କ ସେବକମାନଙ୍କୁ ଯଦି ସେଇ ଭଳି ଗୁରୁତ୍ୱ ଓ ପ୍ରାଧାନ୍ୟ ଦେଇ ପାରନ୍ତେ ତାହେଲେ ଯେଉଁ ଅସୁବିଧା ଗୁଡ଼ାକ ଆପଣ ଇଙ୍ଗିତ କରୁଛନ୍ତି ବା କହୁଛନ୍ତି ବର୍ତ୍ତମାନର ଦର୍ଶନର ବ୍ୟବସ୍ଥା ହେଲା ବା ଶ୍ରୀମନ୍ଦିରର ଜମିଜମା କଥା ହେଲା ବା ଯାତ୍ରାଗୁଡ଼ିକ ଉତ୍ତମ ଭାବରେ ପରିଚାଳନା ହେଲା ଇତ୍ୟାଦି ବହୁତ୍ ଗୁଡାଏ କଥା ଅଛି। ସେ ଗୁଡ଼ିକରେ ଯେଉଁ ଅସୁବିଧା ଆମେ ଦେଖି ଆସୁଛେ ମଝିରେ ମଝିରେ ଦୁର୍ଘଟଣା ହେଉଛି ସେଥିପାଇଁ commission commitee ବସୁଛନ୍ତି କିନ୍ତୁ ତା ସତ୍ତ୍ୱେ ଏ ସବୁ ଚାଲିଛି। ଏଗୁଡାକ ହେଉଛି କାହିଁକି? ଅସୁବିଧା ମଝି ମଝିରେ ଦେଖା ଦେଉଛି କାହିଁକି? ଆମର ସିଧା ଭାବନା ହେଉଛି ଏଇଟା ହେଉଛି Loss of Priority। ଉତ୍କଳରେ ମହାପ୍ରଭୁଙ୍କ ସ୍ଥାନ ଶ୍ରୀମନ୍ଦିରର ସ୍ଥାନ ପ୍ରଥମ ଆଉ ପ୍ରଧାନ। ଠିକ୍ ଅଛି ଆମର ଭୌତିକ ପ୍ରଗତି ଇତ୍ୟାଦି ହେବା ନିହାତି ଦରକାର କିନ୍ତୁ ତା ଭିତରେ ଆମେ ମହାପ୍ରଭୁଙ୍କୁ କେଉଁ ସ୍ଥାନରେ ରଖିଲେ ଏ ହେଉଛି ଗୋଟେ ବଡ଼ ପ୍ରଶ୍ନ।

**■ ଆମ ପାଖରେ ତ ସମୟ ବହୁତ୍ କମ୍ ତଥାପି ଆପଣଙ୍କର ଦୀର୍ଘ ୫୪ର ଅନୁଭୂତିକୁ ମୋଟାମୋଟି ଭାବରେ ଗୋଟେ ଦୁଇଟି ପ୍ରଶ୍ନରେ ମୁଁ ସୀମିତ କରିବାକୁ ଚାହିଁବି। ତାହେଲେ ଆପଣଙ୍କ ଜୀବନର ସବୁଠାରୁ ସୁଖଦ ଅନୁଭୂତିଟି କ'ଣ ହୋଇଛି?**

ଆପଣଙ୍କ ସାଙ୍ଗରେ ଏଇଠି ବସି କଥା ହେଉଛୁ। (ହସ) ଦେଖନ୍ତୁ ପ୍ରତ୍ୟେକ ମୁହୂର୍ତ୍ତ ସୁଖଦ। ତେଣୁ ସେଥିରେ ଆମେ ବାଛିବା କାହିଁକି? ମହାପ୍ରଭୁ ଯେଉଁ ସମୟ ଦେଉଛନ୍ତି ବଞ୍ଚିବା ପାଇଁ, ସେବା ଦେବା ପାଇଁ ସମାଜକୁ ହଉ କିମ୍ବା ସଂସ୍କୃତିକୁ ହଉ ବା ମହାପ୍ରଭୁଙ୍କୁ ହେଉ ସେ ସୁଖଦ....

**■ କିନ୍ତୁ ଅପରପକ୍ଷରେ ଦୁଃଖଦ ଅନୁଭୂତି ଗୁଡ଼ିକ କଣ ପରେ ଯାହାପାଇଁ ଆପଣ ପଶ୍ଚାତାପ କରିଛନ୍ତି ବା ତାହା ନହୋଇଥିଲେ ଭଲ ହୋଇଥାନ୍ତା ବୋଲି ଭାବୁଛନ୍ତି?**

ନାହିଁ! ନାହିଁ!

**■ ଦୁଃଖଦ ଅନୁଭୂତି ବି ନାହିଁ?**

ନାହିଁ! କାହିଁକି ନାହିଁ? ଯାହା ହେଉଛି ମହାପ୍ରଭୁଙ୍କ କରୁଣାରୁ, ମହାପ୍ରଭୁଙ୍କର ଆଦେଶରୁ, ମହାପ୍ରଭୁଙ୍କର ବରାଦରୁ ହେଉଛି। ଯଦି ଆମେ କହିବା ଏଇଟା ଦୁଃଖ ହେଲା, ତାହେଲେ କଣ ମହାପ୍ରଭୁଙ୍କର ଏଇଟା ପ୍ରସାଦ ନୁହଁ? ଯଦି ଏଇଟା ଆମେ ଦୁଃଖୀ ହେଲୁ ତା ମାନେ ମହାପ୍ରଭୁଙ୍କୁ ଆମେ challenge କଲୁ, ଯେ ତମେ ଯାହା କଲ ଭୁଲ କଲ..(ହସ)... ଏମିତି ହେବା କଥା ନୁହେଁ।

**■ ଯଦି ସବୁ କିଛି ମହାପ୍ରଭୁଙ୍କର ଆଦେଶରେ, ଦୟାରେ ବା ତାଙ୍କର କରୁଣାରୁ ହଉଛି ତା' ହେଲେ ଆମେ କଣ କିଛି ନିଜେ କରିବାର ଦାୟିତ୍ୱ କିମ୍ବା କର୍ତ୍ତବ୍ୟ ନାହିଁ?**

ନିଶ୍ଚିତ ଭାବରେ ଅଛି। ପୁରୁଷାର୍ଥ ଅଛି। ଭଲ ଫଳ ଆସିବ, ଖରାପ ଫଳ ଆସିବ। ଭଲ ଫଳ ଆସିଲେ ବି ମହାପ୍ରଭୁଙ୍କ ପ୍ରସାଦ, ଖରାପ ଫଳ ଆସିଲେ ବି ମହାପ୍ରଭୁଙ୍କ ପ୍ରସାଦ। ଯଦି ଆମେ ପ୍ରସାଦ ଭାବରେ ଗ୍ରହଣ କରିବା ଦୁଃଖ କାହିଁକି? ଆପଣ ଯିଏ ଶିଖେଇବକୁ ଚେଷ୍ଟା କରୁଛନ୍ତି ତାକୁ ଶିକ୍ଷା ଭାବରେ ନେବା ଦୁଃଖ ଆଉ ସୁଖ ଏ ସଂସାରର ଦୁଇଟି ଦିଗ, ଯେମିତି ଦିନ ରାତି। ଆପଣ କହିବେ ଖାଲି ସୁଖ ହି ଜୀବନରେ ଆସିବ, ଅସମ୍ଭବ! ଖାଲି ଦୁଃଖ ହିଁ ଆସିବ ଅସମ୍ଭବ! ଦୁଇଟି ଯାକ କୁ ଆମକୁ ଗ୍ରହଣ କରିବାକୁ ପଡ଼ିବ। ମହାପ୍ରଭୁଙ୍କ ପ୍ରସାଦ ଭାବରେ।

**■ ମହାପ୍ରଭୁଙ୍କ ଆଶୀର୍ବାଦରୁ ହେଉ କିମ୍ବା କୌଣସି କାରଣରୁ ହେଉ ଯଦି ଆପଣଙ୍କୁ କିଛିଦିନ ପାଇଁ କ୍ଷମତା ଦିଆଯାଏ, ସରକାରୀ ବା ଗଣତାନ୍ତ୍ରିକ କ୍ଷମତା, ତା' ହେଲେ ସେଇ କ୍ଷମତାକୁ ଆପଣ ମହାପ୍ରଭୁଙ୍କ ପାଇଁ କିଭଳି ବିନିଯୋଗ କରିବେ?**

ହିଁ! ସେ ଗୋଟେ ହିଂସା ଆମେ କହି ପାରିବା ଆମର ମହାନ ସନାତନ, ବୈଦିକ ସଂସ୍କୃତିକୁ ପୁନର୍ବାର କିପରି ଆମ ଜୀବନରେ ପ୍ରତିଷ୍ଠା ହେବ। ବ୍ୟକ୍ତିଗତ ଜୀବନରେ, ସାମାଜିକ ଜୀବନରେ ଏବଂ ରାଷ୍ଟ୍ର ଜୀବନରେ। ଯା ପାଇଁ ଯଦି ଆମେ ଉଦ୍ୟମ କରିପାରିବା ତାହେଲେ ସେ ସବୁଠୁ ମୂଲ୍ୟବାନ ସେବା ହେବ।

**ବହୁତ୍ ବହୁତ୍ ଧନ୍ୟବାଦ।**



# ମୋଦୀ ଓ ନେତାନ୍ୟାହୁ ଗୋଟିଏ ନାଆର ଯାତ୍ରୀ

ନଳିନୀ ରଞ୍ଜନ ମହାନ୍ତି

ବର୍ଣ୍ଣବୈଷମ୍ୟ ଓ ଉପନିବେଶବାଦର ପ୍ରତୀକ ଇସ୍ରାଏଲ ପ୍ରତି ମୋଦୀଙ୍କ ଭାରତର ସମର୍ଥନ ଦେଖି ମହାତ୍ମା ଗାନ୍ଧୀଙ୍କ ଆତ୍ମା ନିଶ୍ଚୟ ଅସ୍ଥିର ହେଉଥିବ ।

ଆଜିର ଭାରତରେ ଯଦି କୌଣସି ଭାରତୀୟ ୨୦୦୨ ମସିହାରେ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ କାଳରେ ହୋଇଥିବା ମୁସଲମାନ ମାନଙ୍କର ଗଣହତ୍ୟା ସମ୍ପର୍କରେ ମୁହଁ ଖୋଲେ ତେବେ ତାକୁ ହିନ୍ଦୁ ବିରୋଧୀ ଏବଂ/କିମ୍ବା ଦେଶଦ୍ରୋହୀ ଅଭିହିତ କରାଯିବ । ସେହିପରି ଆଜିର ଆମେରିକାରେ ଯଦି କୌଣସି ଆମେରିକୀୟ ନାଗରିକ ଗାଜାରେ ନରସଂହାର ଚଳାଇଥିବା ଇସ୍ରାଏଲର ଗଣହତ୍ୟାକାରୀ ବେଞ୍ଜାମିନ ନେତାନ୍ୟାହୁ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ଆସ୍ପର୍ଦ୍ଧା କରେ, ତେବେ ତା ବିରୁଦ୍ଧରେ ଇହୁଦୀ ବିରୋଧୀ ମନୋଭାବ ପୋଷଣ କରିବାର ଗୁରୁତର ଅଭିଯୋଗ ଆସିବା ନିଶ୍ଚିତ । କହିବା ବାହୁଲ୍ୟ ଏଭଳି ଅଭିଯୋଗ ଯେ କୌଣସି ଆମେରିକୀୟ ନାଗରିକର ଜୀବନକୁ ଦୁର୍ବିସହ କରି ପକାଇବ । ଏଭଳି କିଛି କହୁଥିବା ବ୍ୟକ୍ତିଟି ଯଦି ଜଣେ ଛାତ୍ର/ଛାତ୍ରୀ ହୋଇଥିବେ, ତେବେ ତାଙ୍କୁ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଯିବ । ଯଦି ସେ ଜଣେ ପ୍ରଫେସର, ତେବେ ତାଙ୍କୁ ବାହାର କରି ଦିଆଯିବ । ଯଦି ସେ ଜଣେ ବ୍ୟବସାୟୀ ତେବେ ତାଙ୍କୁ ଆଉ ଋଣ ମିଳିବ ନାହିଁ ।

ଏହା ହିଁ ହେଉଛି ବିଶ୍ୱର ଦୁଇଟି ସବୁଠାରୁ ଅଧିକ ଚର୍ଚ୍ଚିତ ଗଣତନ୍ତ୍ରର ନିଷ୍ଠୁର ବାସ୍ତବତା । ସେଥି ମଧ୍ୟରୁ ଗୋଟିଏ ହେଉଛି ପୃଥିବୀର ସବୁଠାରୁ ଅଧିକ ଲୋକସଂଖ୍ୟା ବିଶିଷ୍ଟ ଗଣତନ୍ତ୍ର ଓ ଅନ୍ୟଟି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର ।

ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ନରେନ୍ଦ୍ର ମୋଦୀ ଓ ବେଞ୍ଜାମିନ ନେତାନ୍ୟାହୁ ପରସ୍ପରକୁ ଗଭୀର ଆଶ୍ଲେଷରେ ଜଡ଼େଇ ଧରିଛନ୍ତି ଓ ସେମାନଙ୍କର ଏହି ସମ୍ପର୍କକୁ ଆମେରିକାର ଆଶୀର୍ବାଦ ମିଳୁଛି । ଲକ୍ଷ୍ୟ କରିବାର କଥା ଯେ ଗତ ୨୦ ମାସ ଧରି ଇସ୍ରାଏଲ ପାଲେଷ୍ଟିନୀୟ ଜନତାଙ୍କ ବିରୁଦ୍ଧରେ ତାଙ୍କରି ମାଟିରେ ସଂହାର ଲୀଳା ଚଳାଇଥିବା ବେଳେ ଭାରତ ଜାତିସଂଘରେ ବା ଅନ୍ୟ କୌଣସି ଠାରେ ଇସ୍ରାଏଲ ବିରୁଦ୍ଧରେ ପାଟି ଖୋଲିନାହିଁ । ମୋଦୀଙ୍କ ଭାରତ ଫାସିବାଦୀ ଇସ୍ରାଏଲର ହିଟଲରୀ ଶାସକ ନେତାନ୍ୟାହୁଙ୍କର ଦୃଢ଼ ସମର୍ଥନ କରିବା ଅତ୍ୟନ୍ତ ଦୁଃଖଦ ।

ଇତିହାସ ସାକ୍ଷୀ ଅଛି ଯେ ୧୯୪୮ ମସିହାରେ ଇସ୍ରାଏଲ ଦେଶର ସ୍ଥାପନା ଏକ ଉପନିବେଶବାଦୀ ଓ ବର୍ଣ୍ଣବୈଷମ୍ୟବାଦୀ ଷଡ଼ଯନ୍ତ୍ରର ଅଂଶବିଶେଷ ଥିଲା । ଉପନିବେଶବାଦୀ ପାଶ୍ଚାତ୍ୟ ଶକ୍ତିମାନେ ପାଲେଷ୍ଟାଇନର ବିଭାଜନ କରି ଓ ସାଢ଼େ ସାତ ଲକ୍ଷ ପାଲେଷ୍ଟିନୀୟ ନାଗରିକଙ୍କୁ ତାଙ୍କ ମାଟିରୁ ବିତାଡ଼ିତ କରି ଇସ୍ରାଏଲ ଦେଶ ସୃଷ୍ଟି କରିଥିଲେ । ପାଲେଷ୍ଟିନୀୟମାନଙ୍କର ସାମୂହିକ ସାମ୍ପ୍ରଦାୟିକ ଉଚ୍ଛେଦର ବାର୍ତ୍ତା ଥିଲା ସ୍ପଷ୍ଟ: ମୁସଲମାନ ଆରବ ଉପରେ ଗୋରା ଖିରସ୍ତାନିଙ୍କର ଆଧିପତ୍ୟ ।

ଇସ୍ରାଏଲ ଯେ ଏକ ବର୍ଣ୍ଣ ବୈଷମ୍ୟବାଦୀ ଏବଂ ଉପନିବେଶ ବାଦୀ ଉପକ୍ରମ, ଏହା କେବଳ ବାମପନ୍ଥୀ ପ୍ରଚାର ନୁହେଁ । ଏହା ୧୯୬୭ ମସିହାରେ ପ୍ରମାଣିତ ହୋଇଥିଲା ଯେତେବେଳେ ପାଶ୍ଚାତ୍ୟ ଶକ୍ତିମାନଙ୍କ ସମର୍ଥନ ଓ ସହଯୋଗରେ ଇସ୍ରାଏଲ ଆରବମାନଙ୍କ ଉପରେ ଆକ୍ରମଣ କରି ଏବଂ ମାତ୍ର ଛଅ ଦିନ ମଧ୍ୟରେ ଗୋଲାନ ହାଇଟ୍ସ, ଜୋର୍ଡାନ ନଦୀର ପଶ୍ଚିମ ତଟ, ପୂର୍ବ ଜେରୁସେଲମ, ଗାଜା ଷ୍ଟ୍ରିପ ଏବଂ ସିନାଇ ପେନିନ୍ସୁଲାକୁ ନିଜ ନିୟନ୍ତ୍ରଣକୁ ନେଇଗଲା।

ଏହି ଉପନିବେଶବାଦୀ ଓ ବର୍ଣ୍ଣବୈଷମ୍ୟବାଦୀ ଅଭିଯାନ "ହୋଲୋକଷ୍ଟ" (ନାଜି ଜର୍ମାନୀ ଦ୍ୱାରା ଇହୁଦୀ ମାନଙ୍କର ଗଣହତ୍ୟା)ର ଭୟାବହ ସ୍ମୃତିକୁ ତାଜା କରି ଦେଇଛି । ହିଟଲର ଷାଠିଏ ଲକ୍ଷ ଇହୁଦୀଙ୍କୁ ହତ୍ୟା କରିଥିଲେ। ଫାସିବାଦୀ ନେତାନ୍ୟାହୁ ସରକାର ପଚାଶ ଲକ୍ଷ ପାଲେଷ୍ଟିନୀୟଙ୍କୁ ହତ୍ୟା କରିବା ପାଇଁ ବଦ୍ଧପରିକର। ଏହି ସରକାର ଗାଜାରେ ପ୍ରାୟ ଏକ ଲକ୍ଷ ଲୋକଙ୍କୁ ହତ୍ୟା କରି ସାରିଛି, ଯାହାଙ୍କ ମଧ୍ୟରେ ଅଧିକାଂଶ ଥିଲେ ମହିଳା ଓ ଶିଶୁ । ଗତ ୨୦ ମାସ ମଧ୍ୟରେ ଆହୁରି ବହୁ ଲକ୍ଷ ଲୋକ ଗଭୀର ଭାବେ ଆହତ ବା ଅକ୍ଷମ ହୋଇଛନ୍ତି।

**ଆଜିର ଆମେରିକାରେ ଯଦି କୌଣସି ଆମେରିକୀୟ ନାଗରିକ ଗାଜାରେ ନରସଂହାର ଚଳାଇଥିବା ଇସ୍ରାଏଲର ଗଣହତ୍ୟାକାରୀ ବେଞ୍ଜାମିନ ନେତାନ୍ୟାହୁ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ଆସ୍ପର୍ଦ୍ଧା କରେ, ତେବେ ତା ବିରୁଦ୍ଧରେ ଇହୁଦୀ ବିରୋଧୀ ମନୋଭାବ ପୋଷଣ କରିବାର ଗୁରୁତର ଅଭିଯୋଗ ଆସିବା ନିଶ୍ଚିତ ।**

ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କ ସମର୍ଥନ ଓ ସାହାଯ୍ୟରେ ନେତାନ୍ୟାହୁଙ୍କ ଇସ୍ରାଏଲ ଯୋଜନାବଦ୍ଧ ଭାବେ ଗାଜାର ସମସ୍ତ ବେସାମରିକ ଭିତ୍ତିଭୂମିକୁ ଧ୍ୱଂସ କରି ଚାଲିଥିଲା ବେଳେ ମୋଦୀଙ୍କ ଭାରତ ଏହାର ନୀରବଦ୍ରଷ୍ଟା ସାଜିଛି । ଗାଜାର ବିଭିନ୍ନ ଜନବସତି ଅଞ୍ଚଳ, ଘରଦ୍ୱାର, ରାସ୍ତା, ଟାୱାର, ଜଳ ଓ ପରିମଳ ବ୍ୟବସ୍ଥା, ସମସ୍ତ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ମାଟିରେ ମିଶାଇ ସାରିବା ପରେ ଇସ୍ରାଏଲ ଏବେ ଜାତିସଂଘ ଦ୍ୱାରା ପ୍ରେରିତ ଖାଦ୍ୟ ବୋଝେଇ ଗାଡ଼ି ଗୁଡ଼ିକୁ ଅଟକାଇ ପାଲେଷ୍ଟିନୀୟ ନାଗରିକଙ୍କୁ ଅନାହାରରେ ମୃତ୍ୟୁବରଣ କରିବା ପାଇଁ ବାଧ୍ୟ କରୁଛି ।

ଏହା ୨୦ ମାସ ତଳେ ହୋଇଥିବା ଭୟାବହ ଆତଙ୍କବାଦୀ ଆକ୍ରମଣ (ଯେଉଁଥିରେ ୧୨୦୦ ଇସ୍ରାଏଲୀ ନାଗରିକ ନିହତ ହୋଇଥିଲେ) ପରେ ଆତ୍ମରକ୍ଷା ପାଇଁ ଇସ୍ରାଏଲ ତରଫରୁ ଆରମ୍ଭ ହୋଇଥିବା ଯୁଦ୍ଧର ଅନିଚ୍ଛାକୃତ ଫଳ ନୁହେଁ; ବରଂ ସମ୍ପୂର୍ଣ୍ଣ ଭାବେ ଗଣହତ୍ୟା। ଏହାର ଲକ୍ଷ୍ୟ ହେଉଛି ମଧ୍ୟ ପ୍ରାଚ୍ୟର ମାନଚିତ୍ରରୁ ପାଲେଷ୍ଟାଇନ ଦେଶକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିଦେବା ଏବଂ ବଞ୍ଚିଥିବା ଅବଶିଷ୍ଟ ପାଲେଷ୍ଟିନୀୟଙ୍କୁ ତାଙ୍କ ଭିଟାମାଟିରୁ ଉଚ୍ଛେଦ କରି ସମଗ୍ର ଅଞ୍ଚଳରେ ଇହୁଦୀ ଆଧିପତ୍ୟ ଜାହିର କରିବା । ସାମାନ୍ୟ ମାନବିକ ମୂଲ୍ୟବୋଧ ଥିବା ଯେକୌଣସି ବ୍ୟକ୍ତି ଗାଜାରେ ଚାଲିଥିବା ଗଣହତ୍ୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବ । ଆନ୍ତର୍ଜାତିକ ଆଇନ ପ୍ରତି ସମ୍ମାନ ଥିବା ଯେ କୌଣସି ଦେଶ ଆନ୍ତର୍ଜାତିକ ନ୍ୟାୟାଳୟର ରାୟକୁ ମାନି ନେତାନ୍ୟାହୁଙ୍କୁ ଯୁଦ୍ଧ ଅପରାଧୀ ଘୋଷଣା କରିବ ।

କିନ୍ତୁ ଏଭଳି ଜଣେ ଅପରାଧୀକୁ ନରେନ୍ଦ୍ର ମୋଦୀଙ୍କ ଭାରତ ଆପଣେଇ ନେବା ଅତ୍ୟନ୍ତ ଦୁଃଖଦ । ଏହା ମହାତ୍ମା ଗାନ୍ଧୀଙ୍କ ଭାରତର ପ୍ରତ୍ୟେକ ଆଦର୍ଶର ପରିପନ୍ଥୀ। ୧୯୪୭ ମସିହାରେ ଗାନ୍ଧିଜୀ ସ୍ପଷ୍ଟ ଭାବେ କହିଥିଲେ ଯେ ବନ୍ଧୁକ ମୂନରେ ପାଲେଷ୍ଟିନୀୟ ଭୂମିରେ ଇସ୍ରାଏଲ ଦେଶ ସ୍ଥାପିତ ହେବା ଉଚିତ ନୁହେଁ । ନିଜ ସାମରିକ ଶକ୍ତିର ବ୍ୟବହାର କରି ଇସ୍ରାଏଲ ପାଲେଷ୍ଟାଇନକୁ କବ୍ଜା କରିବାରେ ଭାରତର ସହମତି ଦେଖି ସେ ନିଜ କବର ଭିତରେ ନିଶ୍ଚୟ ଛଟପଟ ହେଉଥିବେ ।

*(ଦିଲ୍ଲୀରେ ଅବସ୍ଥାପିତ ଶ୍ରୀ ମହାନ୍ତି ଜେଏନ୍‌ୟୁ ଛାତ୍ର ସଂସଦର ପୂର୍ବତନ ସଭାପତି ଏବଂ ସେ ଦି' ଟାଇମ୍‌ସ ଅଫ୍ ଇଣ୍ଡିଆ ତଥା ହିନ୍ଦୁସ୍ତାନ ଟାଇମ୍‌ସର ରେସିଡେଣ୍ଟ ଏଡିଟର୍ ଭାବେ କାର୍ଯ୍ୟ କରିଛନ୍ତି। ଫୋନ୍: ୯୮୯୯୨୯୮୮୫୧ )*

## କଥା ଓ ଗାଥା-୨

# ପୁରୁଷୋତ୍ତମ ପୁରାଣ

ଅସିତ ମହାନ୍ତି

ଶ୍ରୀ ଜଗନ୍ନାଥଙ୍କ କଥା ଓ ଗାଥା ସଂପର୍କରେ ଜାଣିବାପାଇଁ କେଉଁ ପୁରାଣ ସର୍ବୋତ୍କୃଷ୍ଟ ? ଏ ପ୍ରଶ୍ନର ଉତ୍ତର ହେଉଛି- ‘ସ୍କନ୍ଦପୁରାଣ’। ଏହା ବ୍ୟାସଦେବ ବିରଚିତ ଏବଂ ‘ଅଷ୍ଟାଦଶ ପୁରାଣ’ର ଅନ୍ତର୍ଗତ। ଏହାର ରହିଛି ବିଭିନ୍ନ ଖଣ୍ଡ। ସେଥିମଧ୍ୟରୁ ‘ଶ୍ରୀପୁରୁଷୋତ୍ତମକ୍ଷେତ୍ର-ମାହାତ୍ମ୍ୟମ୍’ ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥାର ମହାଗ୍ରନ୍ଥ। ଏହାର ଲୋକପ୍ରିୟ ନାମ ‘ଉତ୍କଳଖଣ୍ଡ’।

ତେବେ, ସେଥିରେ ବର୍ଣ୍ଣିତ ଶ୍ରୀପୁରୁଷୋତ୍ତମ ବା ଶ୍ରୀଜଗନ୍ନାଥଙ୍କ ପ୍ରସଙ୍ଗକୁ ଯିବା ପୂର୍ବରୁ, ପ୍ରଥମେ ପୁରାଣ କ’ଣ ଏବଂ ଅଷ୍ଟାଦଶ ପୁରାଣ କେଉଁ ୧୮ଟି ତାହା ଜାଣିବା ଆବଶ୍ୟକ।

ଆମ ଦେଶର ସଂସ୍କୃତ ସାହିତ୍ୟରେ ପୁରାଣର ସଂଜ୍ଞା ନିରୂପଣ କରାଯାଇଛି। ସେହି ସଂଜ୍ଞା ହେଉଛି- ‘ପୁରା ନବଂ ଭବତି’। ‘ନିରୁକ୍ତ’ ନାମକ ବିଖ୍ୟାତ ବୈଦିକ ବ୍ୟାଖ୍ୟାଗ୍ରନ୍ଥର ପ୍ରଣେତା ‘ଯାସ୍କ’ ଏହା କହିଛନ୍ତି। ଏହାର ଅର୍ଥ- ଯାହା ଏକାଧାରରେ ପୁରାତନ ଓ ନୂତନ, ତାହା ପୁରାଣ। ଅର୍ଥାତ୍, ପୁରାଣରେ ବର୍ଣ୍ଣିତ ପ୍ରସଙ୍ଗ ପୂର୍ବକାଳର କଥା ହେଲେ ମଧ୍ୟ, ତାହାର ପ୍ରାସଙ୍ଗିକତା ସର୍ବକାଳର। ଏହି ଦୃଷ୍ଟିରୁ ପୁରାଣକୁ କୁହାଯାଏ- ପ୍ରାଚୀନ ଜ୍ଞାନ ଓ ବିଦ୍ୟା ପରମ୍ପରାର ବାହକ।

ସଂସ୍କୃତ ସାହିତ୍ୟରେ ପୁରାଣର ଯେଉଁ ଲକ୍ଷଣ ବର୍ଣ୍ଣିତ ହୋଇଛି- ସେଥି ମଧ୍ୟରେ ପାଞ୍ଚଟି ଲକ୍ଷଣ ଅଛି ଏବଂ ଦଶଟି ଲକ୍ଷଣ ମଧ୍ୟ ଅଛି। ପାଞ୍ଚ ଲକ୍ଷଣ ହେଉଛି- ୧. ସ୍ମୃତ- ଅର୍ଥାତ୍, ଯାହା ମନେ ରହିଛି ; ୨. ଅନୁଶ୍ରୁତମ- ଅର୍ଥାତ୍, ଯେଉଁପରି ଶୁଣାହୋଇ ଆସିଛି ବା ଲୋକସମାଜରେ ପ୍ରଚଳିତ ଅଛି ; ୩. ଇତିନଶ୍ରୁତମ୍- ଅର୍ଥାତ୍ ଯେପରି ଶୁଣାଯାଇଛି ; ୪. ଯସ୍ୟ ଶ୍ଳୋକ ଅଦ୍ୟାପି ଗୀୟତେ- ଅର୍ଥାତ୍, ଏବେ ବି ଯାହାର ଶ୍ଳୋକ ଗାନ କରାଯାଉଛି ; ଏବଂ ୫. ଅତ୍ରାନୁବଂଶ ଶ୍ଳୋକ- ଅର୍ଥାତ୍, ପୁରୁଷାନୁକ୍ରମେ ଯେଉଁ ଶ୍ଳୋକ ରହିଆସିଛି।

ସଂସ୍କୃତ ସାହିତ୍ୟରେ ପୁରାଣର ଯେଉଁ ଲକ୍ଷଣ ବର୍ଣ୍ଣିତ ହୋଇଛି- ସେଥି ମଧ୍ୟରେ ପାଞ୍ଚଟି ଲକ୍ଷଣ ଅଛି ଏବଂ ଦଶଟି ଲକ୍ଷଣ ମଧ୍ୟ ଅଛି। ପାଞ୍ଚ ଲକ୍ଷଣ ହେଉଛି- ୧. ସ୍ମୃତ- ଅର୍ଥାତ୍, ଯାହା ମନେ ରହିଛି ; ୨. ଅନୁଶ୍ରୁତମ- ଅର୍ଥାତ୍, ଯେଉଁପରି ଶୁଣାହୋଇ ଆସିଛି ବା ଲୋକସମାଜରେ ପ୍ରଚଳିତ ଅଛି ; ୩. ଇତିନଶ୍ରୁତମ୍- ଅର୍ଥାତ୍ ଯେପରି ଶୁଣାଯାଇଛି ; ୪. ଯସ୍ୟ ଶ୍ଳୋକ ଅଦ୍ୟାପି ଗୀୟତେ- ଅର୍ଥାତ୍, ଏବେ ବି ଯାହାର ଶ୍ଳୋକ ଗାନ କରାଯାଉଛି ; ଏବଂ ୫. ଅତ୍ରାନୁବଂଶ ଶ୍ଳୋକ- ଅର୍ଥାତ୍, ପୁରୁଷାନୁକ୍ରମେ ଯେଉଁ ଶ୍ଳୋକ ରହିଆସିଛି।

ଏହି ପାଞ୍ଚଟି ଲକ୍ଷଣ ପରେ, ଅନ୍ୟ ପାଞ୍ଚ ଲକ୍ଷଣ ହେଉଛି- ଯାହା ପୁରାଣ, ସେଥିରେ ସର୍ଗ, ପ୍ରତିସର୍ଗ, ବଂଶ, ବଂଶାନୁଚରିତ ଓ ମନ୍ୱନ୍ତରର ବିଷୟ ସ୍ଥାନ ପାଇବ। ଅର୍ଥାତ୍, ଏହା ସର୍ଗ ଓ ପ୍ରତିସର୍ଗରେ ବିଭକ୍ତ ହୋଇ ବର୍ଣ୍ଣିତ ହେବ ; ଏଥିରେ ବଂଶ ଓ ବଂଶାନୁଚରିତ ରହିବ ; ଏବଂ ଏଥିରେ ମନ୍ୱନ୍ତରର କଥା ମଧ୍ୟ ବର୍ଣ୍ଣିତ ହେବ। ମନ୍ୱନ୍ତର ହେଉଛି ବିଭିନ୍ନ ମନୁଙ୍କର ଶାସନକାଳ। ମନୁମାନେ  ହେଉଛନ୍ତି ବ୍ରହ୍ମାଙ୍କର ମାନସପୁତ୍ର। ପୁରାଣ ଅନୁସାରେ, ମନୁଙ୍କର ସଂଖ୍ୟା ୧୪ ଏବଂ ସେମାନେ ଏହି ପୃଥିବୀରେ ବିଭିନ୍ନ ସମୟରେ ଶାସନ କରିଥିଲେ। ସେମାନଙ୍କର ନାମ ହେଉଛି- ୧. ସ୍ୱାୟଂଭୁବ, ୨. ସ୍ୱାରୋଚିଷ, ୩. ଉତ୍ତମ. ୪. ତାମସ, ୫. ରୈବତ, ୬. ଚାକ୍ଷୁଷ, ୭. ବୈବସ୍ୱତ, ୮. ସାବର୍ଣ୍ଣି, ୯. ଦକ୍ଷସାବର୍ଣ୍ଣି, ୧୦. ବ୍ରାହ୍ମସାବର୍ଣ୍ଣି, ୧୧. ଧର୍ମସାବର୍ଣ୍ଣି, ୧୨. ରୁଦ୍ରସାବର୍ଣ୍ଣି, ୧୩. ଦେବସାବର୍ଣ୍ଣି ଓ ୧୪. ଇନ୍ଦ୍ରସାବର୍ଣ୍ଣି।

ଏହି ଦଶଲକ୍ଷଣ ସମନ୍ୱିତ ପ୍ରସିଦ୍ଧ ପୁରାଣ ହେଉଛି- ଅଷ୍ଟାଦଶ ପୁରାଣ। ମହର୍ଷି ବ୍ୟାସଦେବ ଏହାର ରଚୟିତା। ଏହି ୧୮ଟି ପୁରାଣର ନାମ ସ୍ମରଣ କରିବାପାଇଁ ଗୋଟିଏ ସୂତ୍ର ମଧ୍ୟ ସଂସ୍କୃତରେ ରହିଛି। ସେହି ସୂତ୍ରଟି ହେଉଛି-

‘‘ମଦ୍ୱୟଂ ଭଦ୍ୱୟଂ ଚୈବ ବ୍ରତ୍ରୟଂ ବ ଚତୁଷ୍ଟୟମ୍।
ଅନାପଲିଂଗକୂସ୍କାନି ପୁରାଣାନି ପ୍ରଚକ୍ଷତେ ॥’’

ଏହା ଅନୁସାରେ, ଦୁଇଟି ‘ମ’ ମଧ୍ୟରେ ରହିଛି- ‘ମତ୍ସ୍ୟପୁରାଣ’ ଓ ‘ମାର୍କଣ୍ଡେୟ ପୁରାଣ’। ଦୁଇଟି ‘ଭ’ ମଧ୍ୟରେ ରହିଛି- ‘ଭାଗବତ ପୁରାଣ’ ଓ ‘ଭବିଷ୍ୟ ପୁରାଣ’। ତିନିଟି ‘ବ୍ର’ ମଧ୍ୟରେ ରହିଛି- ‘ବ୍ରହ୍ମପୁରାଣ’, ‘ବ୍ରହ୍ମାଣ୍ଡପୁରାଣ’ ଓ ‘ବ୍ରହ୍ମବୈବର୍ତ୍ତ ପୁରାଣ’। ଚାରିଟି ‘ବ’ ମଧ୍ୟରେ ରହିଛି- ‘ବାୟୁପୁରାଣ’, ‘ବାମନ ପୁରାଣ’, ‘ବରାହପୁରାଣ’ ଓ ‘ବିଷ୍ଣୁ ପୁରାଣ’। ଏହି ୧୧ଟି ପୁରାଣ ସହିତ, ‘ଅନାପଲିଂଗକୂସ୍କାନି’ର ୭ଟି ପୁରାଣକୁ ମିଶାଇ ଅଷ୍ଟାଦଶ ପୁରାଣ। ‘ଅନାପଲିଂଗକୂସ୍କାନି’ ହେଉଛି- ‘ଅ’ରେ ‘ଅଗ୍ନିପୁରାଣ’, ‘ନା’ରେ ‘ନାରଦୀୟ ପୁରାଣ’, ‘ପ’ରେ ‘ପଦ୍ମପୁରାଣ’, ‘ଲିଂ’ରେ ‘ଲିଂଗପୁରାଣ’, ‘ଗ’ରେ ‘ଗରୁଡ଼ପୁରାଣ’, ‘କୂ’ରେ ‘କୂର୍ମପୁରାଣ’ ଓ ‘ସ୍କ’ରେ ‘ସ୍କନ୍ଦପୁରାଣ’। ଏହିପରି ଭାବରେ ‘ସ୍କନ୍ଦପୁରାଣ’ ଅଷ୍ଟାଦଶ ପୁରାଣର ଅନ୍ତର୍ଗତ।




ବେଦ ଜ୍ଞାନର ଭଣ୍ଡାର ହେଲେ ମଧ୍ୟ ତାହା ସମସ୍ତଙ୍କ ପାଇଁ ବୋଧଗମ୍ୟ ନୁହେଁ। ସେଥିପାଇଁ ଉପନିଷଦ୍‌ମାନଙ୍କର ସୃଷ୍ଟି ହୋଇଥିଲା। କିନ୍ତୁ ତାହା ମଧ୍ୟ ସର୍ବଜନବୋଧ୍ୟ ହେଲା ନାହିଁ। ସେଥିପାଇଁ ପୁରାଣର ପ୍ରୟୋଜନ ପଡ଼ିଲା। ମହର୍ଷି ବ୍ୟାସଦେବ ମଙ୍ଗଳମୟୀ ଓ ଜ୍ଞାନପ୍ରଦାୟିନୀ ଅଷ୍ଟାଦଶ ପୁରାଣ ରଚନା କଲେ। ତାହାର ଆଧାରରେ ପୁରାଣ ପଠନ, ପୁରାଣ ଶ୍ରବଣ ଓ ପୁରାଣ ମନନର ପରମ୍ପରା ଆରମ୍ଭ ହେଲା। ତାହା ଫଳରେ ଜନସାଧାରଣ ସେହି ଦିବ୍ୟ ଅମୃତମୟ ଆଖ୍ୟାନମାନଙ୍କ ସହିତ ପରିଚିତ ହେଲେ। ଏ ସଂପର୍କରେ ‘ମହାଭାରତ’ର ‘ଆଦିପର୍ବ’ରେ କୁହାଯାଇଛି- ‘‘ପୁରାଣସଂହିତାଃ ପୁଣ୍ୟାଃ  କଥା ଧର୍ମାର୍ଥସଂଶ୍ରିତାଃ।’’ ଏହାର ଅର୍ଥ- ପୁରାଣର ପବିତ୍ର କଥା ଧର୍ମ ଓ ଅର୍ଥ ପ୍ରଦାନକାରୀ। ଏହାର ଅନୁଶୀଳନ ଫଳରେ ବ୍ୟକ୍ତିର ଆଧ୍ୟାତ୍ମିକ ବିକାଶ ହୁଏ। ସେଥିପାଇଁ ‘ଶ୍ରୀମଦ୍‌ଭାଗବତ’ରେ ପୁରାଣକୁ କୁହାଯାଇଛି ‘ପଞ୍ଚମବେଦ’। ବ୍ରହ୍ମା ନିଜର ସମସ୍ତ ମୁଖରେ ଏହା କହିଛନ୍ତି ବୋଲି ମଧ୍ୟ ସେଥିରେ ଉଲ୍ଲେଖ ରହିଛି।

ଅଷ୍ଟାଦଶ ପୁରାଣ ମଧ୍ୟରେ ‘ସ୍କନ୍ଦପୁରାଣ’ ବୃହତ୍ତମ। ତେବେ ଏହାକୁ ମିଶାଇ ଅଷ୍ଟାଦଶ ପୁରାଣ ବିଶାଳ। କଥିତ ଅଛି, ଯେ ଏସବୁର ଶ୍ଳୋକସଂଖ୍ୟା ଥିଲା ଶହେ କୋଟି। ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗରେ ମନୁଷ୍ୟମାନଙ୍କର ଆୟୁକାଳ ଯଥାକ୍ରମେ କମି କମି ଚାଲିବା ସହିତ, ସେ ସବୁର ଶ୍ରବଣ ଓ ମନନ ସମ୍ଭବପର ହେଲା ନାହିଁ। ଫଳରେ ଭଗବାନ ସ୍ୱୟଂ ବ୍ୟାସଦେବଙ୍କ ରୂପରେ ଅବତୀର୍ଣ୍ଣ ହୋଇ ତାହାକୁ ସଂକ୍ଷିପ୍ତ ଆକାରରେ ଚାରିଲକ୍ଷ ଶ୍ଳୋକରେ ସୀମିତ କଲେ। ଏବେ ଉପଲବ୍ଧ ଅଷ୍ଟାଦଶ ପୁରାଣ ହେଉଛି ସେହି ସଂକ୍ଷିପ୍ତ ରୂପ। ଏହା ମଧ୍ୟ କଥିତ ଅଛି, ଯେ ଏହି ଭୂଲୋକ ବ୍ୟତୀତ, ସ୍ୱର୍ଗାଦି ଅନ୍ୟ ଲୋକମାନଙ୍କରେ ଶହେ କୋଟି ଶ୍ଳୋକ ବିଶିଷ୍ଟ ସେହି ମୂଳ ଅଷ୍ଟାଦଶ ପୁରାଣ ଆଜି ବି ବିଦ୍ୟମାନ ଅଛି। ଏ ଦୃଷ୍ଟିରୁ ବେଦ ପରି ଏହି ଅଷ୍ଟାଦଶ ପୁରାଣକୁ ମଧ୍ୟ ଅନାଦି ବୋଲି କୁହାଯାଏ।

ଭଗବାନ ସ୍କନ୍ଦ ବା ଶ୍ରୀକାର୍ତ୍ତିକେୟଙ୍କ ଦ୍ୱାରା କଥିତ ହୋଇଥିବାରୁ ଏହାର ନାମ ‘ସ୍କନ୍ଦପୁରାଣ’। ଏହା ଖଣ୍ଡାତ୍ମକ ଓ ସଂହିତାତ୍ମକ- ଦୁଇ ରୂପରେ ଉପଲବ୍ଧ। ଏହି ଦୁଇ ରୂପରେ ୮୧ ହଜାର ଲେଖାଏଁ ଶ୍ଳୋକ ସନ୍ନିବିଷ୍ଟ। ଖଣ୍ଡାତ୍ମକ ସ୍କନ୍ଦପୁରାଣ ସାତଖଣ୍ଡ। ସେହି ସାତଖଣ୍ଡ ହେଉଛି- ୧. ମାହେଶ୍ୱର ଖଣ୍ଡ, ୨. ବୈଷ୍ଣବ ଖଣ୍ଡ, ୩. ବ୍ରାହ୍ମଖଣ୍ଡ, ୪. କାଶୀଖଣ୍ଡ, ୫. ଅବନ୍ତୀ (ତାପ୍ତି ଓ ରେବା) ଖଣ୍ଡ, ୬. ନାଗର ଖଣ୍ଡ ଓ ୭. ପ୍ରଭାସ ଖଣ୍ଡ। ସଂହିତାତ୍ମକ ସ୍କନ୍ଦପୁରାଣରେ ରହିଛି ଛଅ ସଂହିତା। ତାହା ହେଉଛି- ୧. ସନତ୍‌କୁମାର ସଂହିତା, ୨. ଶଙ୍କର ସଂହିତା, ୩. ବ୍ରାହ୍ମ ସଂହିତା, ୪. ସୌର ସଂହିତା, ୫. ବୈଷ୍ଣବ ସଂହିତା ଓ ୬. ସୂତସଂହିତା। ସେଥିରେ ବଦରିକାଶ୍ରମ, ଅଯୋଧ୍ୟା, ଜଗନ୍ନାଥପୁରୀ, ରାମେଶ୍ୱର, କନ୍ୟାକୁମାରୀ, ପ୍ରଭାସ, ଦ୍ୱାରକା, କାଶୀ ଓ କାଞ୍ଚି ଆଦି ତୀର୍ଥର ମହିମା ବର୍ଣ୍ଣିତ ଅଛି। ତା’ ସହିତ ବର୍ଣ୍ଣିତ ଅଛି- ଗଙ୍ଗା,  ଯମୁନା, ନର୍ମଦା, ସରସ୍ୱତୀ ଆଦି ନଦୀଙ୍କର ଉଦ୍‌ଗମର ମନୋରମ କଥା ଓ ଗାଥା। ଭାଗବତ ଆଦି ଗ୍ରନ୍ଥର ମାହାତ୍ମ୍ୟ, ବିଭିନ୍ନ ମାସର ବ୍ରତଗୁଡ଼ିକର ମାହାତ୍ମ୍ୟ ଆଦି ଅତ୍ୟନ୍ତ ରୋଚକ ଶୈଳୀରେ ସେଥିରେ ବର୍ଣ୍ଣିତ ହୋଇଛି। ବିଭିନ୍ନ କଥା ପ୍ରସଙ୍ଗରେ ପ୍ରାଚୀନ ଭୂଗୋଳ ଓ ଇତିହାସର ବର୍ଣ୍ଣନା ମଧ୍ୟ ଏହାର ଅନ୍ୟତମ ବିଶେଷତ୍ୱ। ଆଜି ବି ସେହି ପୁରାଣରେ ବର୍ଣ୍ଣିତ ବ୍ରତ ଆଦି ଲୋକସମାଜରେ ପାଳିତ ହେଉଛି।

‘ସ୍କନ୍ଦପୁରାଣ’ର ‘ବୈଷ୍ଣବଖଣ୍ଡ’ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ, ଏହାର ଅନ୍ତର୍ଗତ ‘ଉତ୍କଳ ଖଣ୍ଡ’ରେ ବର୍ଣ୍ଣିତ ହୋଇଛି ଶ୍ରୀଜଗନ୍ନାଥଙ୍କର କଥା ଓ ଗାଥା। ଏହା ‘ଶ୍ରୀପୁରୁଷୋତ୍ତମକ୍ଷେତ୍ରମାହାତ୍ମ୍ୟମ୍’ ନାମରେ ପରିଚିତ ଓ ପ୍ରସିଦ୍ଧ। କାରଣ, ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରର ନାମ ‘ଶ୍ରୀପୁରୁଷୋତ୍ତମ କ୍ଷେତ୍ର’ ଏବଂ ତାଙ୍କର ନାମ ମଧ୍ୟ ‘ଶ୍ରୀପୁରୁଷୋତ୍ତମ’। ଏଣୁ ଏହି ପୁରାଣକୁ ଆମେ ‘ପୁରୁଷୋତ୍ତମ ପୁରାଣ’ ମଧ୍ୟ କହିପାରିବା।

*(ଆରଥରକୁ)*

ମୋ: ୯୪୩୭୦୩୪୮୦୪
mohanty.asit@gmail.com


ଅଣମୌସୁମୀରେ ହୀରାକୁଦ ଜଳଭଣ୍ଡାରର ସ୍ଥିତି

# ମହାନଦୀର 'ଅପମୃତ୍ୟୁ', ଦାୟୀ କିଏ ?

ମହାନଦୀର ତ୍ରିକୋଣଭୂମି ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା କରିବା, ପଶ୍ଚିମ ଓଡ଼ିଶାରେ ସବୁଜ ବିପ୍ଳବ ସମେତ ଜଳ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ୧୯୪୮ରେ ହୀରାକୁଦ ବନ୍ଧର ଶୁଭ ଦେଇଥିଲେ। ବିଶ୍ୱର ଏହି ଦୀର୍ଘତମ ନଦୀ ବନ୍ଧ ପାଇଁ ବିସ୍ଥାପିତ ହୋଇଥିଲେ ୨୨ ହଜାରରୁ ବେଶି ପରିବାର, ଏବେ ବି ୩ ହଜାରରୁ ଊର୍ଦ୍ଧ୍ୱ ପରିବାର କ୍ଷତିପୂରଣ ଅପେକ୍ଷାରେ। ଏହି ଜାତୀୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା ୧୯୫୬ରେ ଏବଂ ଓଡ଼ିଶା ସରକାରଙ୍କୁ ହସ୍ତାନ୍ତରିତ ହେଲା ୧୯୬୩ରେ। ପ୍ରକଳ୍ପର ଆୟୁ ଧାର୍ଯ୍ୟ ହୋଇଥିଲା ୧୦୦ ବର୍ଷ। ଉଭୟ ପ୍ରାକୃତିକ ଓ ରାଜନୈତିକ କାରଣରୁ ହୀରାକୁଦ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି, କେବଳ ସେତିକି ନୁହେଁ ଅର୍ଦ୍ଧେକ ଓଡ଼ିଶାର ଜୀବନରେଖା ମହାନଦୀ ବସ୍ତୁତଃ ଅକାଳ ମୃତ୍ୟୁ ଅପେକ୍ଷାରେ। ଓଡ଼ିଶା ସରକାରଙ୍କ ଉଦାସୀନତାରୁ ଫାଇଦା ଉଠାଇ ମହାନଦୀ ଅବବାହିକାରେ ଛତିଶଗଡ଼ର ଶିଳ୍ପାୟନ ଓ ବ୍ୟାରେଜ୍ ନିର୍ମାଣ ଯୋଗୁଁ ପଟୁମାଟିରେ ପୋତି ହେଉଥିବା ହୀରାକୁଦ ଜଳଭଣ୍ଡାର କ୍ଷମତା ପ୍ରାୟ ୨୫% ହ୍ରାସ ପାଇଲାଣି। ପୁଣି ଅଣମୌସୁମୀ ସମୟରେ ହୀରାକୁଦକୁ ଜଳ ପ୍ରବାହ ୩୦%ରୁ ଅଧିକ କମିଯାଇଥିବାରୁ ନିମ୍ନ ଅବବାହିକାରେ ହାହାକାର ପରିସ୍ଥିତି। ଓଡ଼ିଶାରେ ମହାନଦୀର ଅକାଳ ମୃତ୍ୟୁ ପାଇଁ ଦାୟୀ କିଏ ?

ନୂଆ ଶତାବ୍ଦୀର ପ୍ରାରମ୍ଭରେ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାରଙ୍କ କ୍ଷୁଦ୍ର ରାଜ୍ୟ ଗଠନ କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ବିହାର ବିଭାଜନରେ ଜନ୍ମ ନେଇଥିଲେ ୩ଟି ନୂଆ ରାଜ୍ୟ; ଛତିଶଗଡ଼, ଉତ୍ତରାଖଣ୍ଡ ଓ ଝାରଖଣ୍ଡ। ସାମାଜିକ ଓ ଆର୍ଥିକ ବିକାଶ ନାମରେ ନବଗଠିତ ଶିଳ୍ପାୟନକୁ ଗୁରୁତ୍ୱ ଦେଇ ଦ୍ରୁତ ଅଗ୍ରସର ହୋଇଥିଲା ଛତିଶଗଡ଼। ରାଜ୍ୟରେ ଗଚ୍ଛିତ କୋଇଲା ଓ ଲୁହାପଥର ଆଦି ଖଣିଜ ସମ୍ପଦର ମୂଲ୍ୟଯୁକ୍ତ ଉପଯୋଗ ଲକ୍ଷ୍ୟରେ କ୍ଷମତାସୀନ ବିଜେପି ସରକାର ଉଦାର ଶିଳ୍ପ ନୀତି ଘୋଷଣା କରି ଆଖିବୁଜା ପୁଞ୍ଜି ଆକର୍ଷଣକୁ ଗୁରୁତ୍ୱ ଦେଇଥିଲେ। ଏହି ପ୍ରକ୍ରିୟାରେ ଛତିଶଗଡ଼ ସରକାର ୫୦ ହଜାର ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ କ୍ଷମତାବିଶିଷ୍ଟ କୋଇଲାଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ର ସ୍ଥାପନ ସକାଶେ ଘରୋଇ ସଂସ୍ଥାଙ୍କ ସହ ୬୧ଟି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଲେ। ସେଥିରୁ ୩୭ଟି ପ୍ରକଳ୍ପର ପ୍ରସ୍ତାବ ଚୂଡ଼ାନ୍ତ କରାଯାଇଥିଲା ମହାନଦୀ ପ୍ରଣାଳୀର ଅବବାହିକା ଜାଞ୍ଜଗିରି ଓ ଚମ୍ପା ଜିଲ୍ଲାରେ। ଯେହେତୁ ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ସର୍ବାଧିକ ଜଳ ଆବଶ୍ୟକ କରନ୍ତି, ସମ୍ପୃକ୍ତ ଶିଳ୍ପଗୁଡ଼ିକର ଜଳ ଚାହିଦା ପୂରଣ ଲକ୍ଷ୍ୟରେ ଛତିଶଗଡ଼ ସରକାର ସମଗ୍ର ମହାନଦୀ ପ୍ରଣାଳୀର ଜଳରାଶିକୁ ବସ୍ତୁତଃ ଘରୋଇ କମ୍ପାନିଙ୍କୁ ଟେକିଦେବା ପାଇଁ ଚୁକ୍ତି କଲେ। ପରିଣାମସ୍ୱରୂପ ଆମ ଜଳ ଉତ୍ସର ସଦୁପଯୋଗ ସକାଶେ ନିର୍ଦ୍ଧାରିତ ଜାତୀୟ ଜଳ ନୀତି କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଠାରେ ଯୁକ୍ତି ଉଠିବା ସ୍ୱାଭାବିକ ଯେ ହୀରାକୁଦ ଉପରମୁଣ୍ଡ ମହାନଦୀରେ ଛତିଶଗଡ଼ ସରକାରଙ୍କ ଯାବତୀୟ ଓଡ଼ିଶା-ବିରୋଧୀ କାର୍ଯ୍ୟକଳାପ ସତ୍ତ୍ୱେ ଆମ ସରକାର ନୀରବ ରହିଲେ କାହିଁକି? ଛତିଶଗଡ଼ ରାଜ୍ୟ ଗଠନ ପୂର୍ବରୁ ମହାନଦୀ ଜଳର ସୁଷମ ବଣ୍ଟନ ସକାଶେ ଓଡ଼ିଶା-ମଧ୍ୟ ପ୍ରଦେଶ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ମାତ୍ର ଛତିଶଗଡ଼ ଗଠନ ପରେ ଏଭଳି ଏକ ଚୁକ୍ତି ପ୍ରତି ନବୀନ ସରକାରଙ୍କ ଦୂରଦୃଷ୍ଟି ନଥିଲା। ଚକି ଗୁଡ଼ କହୁଣୀକୁ ବହିଯିବା ପରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗଲା ଦୀର୍ଘ ୧୬ ବର୍ଷ ପରେ। ବିଶେଷଜ୍ଞଙ୍କ ମତରେ ଛତିଶଗଡ଼ରେ ମାତ୍ର ୬ଟି ଶିଳ୍ପଭିତ୍ତିକ ବ୍ୟାରେଜ୍ କାର୍ଯ୍ୟକ୍ଷମ ହେବା ପରେ ହୀରାକୁଦ ଶୁଷ୍କ। ସେ ରାଜ୍ୟରେ ନିର୍ମାଣାଧୀନ ଆହୁରି ଅଧଡ଼ଜନେ ବ୍ୟାରେଜ ଓ ଶତାଧିକ କ୍ଷୁଦ୍ର ସେଚ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ଅଣମୌସୁମୀ ସମୟରେ ହୀରାକୁଦ ତଳକୁ ପାଣି ଆସିବ ତ ?

ନିର୍ଦ୍ଧାରିତ 'ଜାତୀୟ ଜଳ ନୀତି'ରେ ସାଧାରଣ ଲୋକଙ୍କ ଜଳ ବ୍ୟବହାରକୁ ଦିଆଯାଇଥିବା ବେଳେ ଏହା ପରେ ଚାଷ ପାଇଁ ଜଳ, ଜଳ ବିଦ୍ୟୁତ ଏବଂ ଶେଷରେ ଅଛି ଶିଳ୍ପକୁ ଜଳ ଯୋଗାଣ। ମାତ୍ର ମହାନଦୀ ପ୍ରଣାଳୀରେ ଜାତୀୟ ଜଳ ନୀତିର ପରିପନ୍ଥୀ ସାଜି ଛତିଶଗଡ଼ ଶିଳ୍ପକୁ ଜଳ ଯୋଗାଣ ପାଇଁ ଅଗ୍ରାଧିକାର ଦେଇଛି। ମୋଟାମୋଟି ଭାବେ ଛତିଶଗଡ଼ ସରକାର ଉପରୋକ୍ତ କୌଶଳରେ ରାଜକୋଷରୁ ଟଙ୍କାଟିଏ ଖର୍ଚ୍ଚ ନକରି ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକର ଜଳ ଚାହିଦା ପୂରଣ ନିମନ୍ତେ କମ୍ପାନିଙ୍କ ଅର୍ଥରେ ନିର୍ମାଣ ତଥା କାର୍ଯ୍ୟକ୍ଷମ କରିଛନ୍ତି ସାତଟିରୁ ଅଧିକ ବ୍ୟାରେଜ୍, ଆନିକଟ୍। ଏଭଳି ଆଉ ଦୁଇଟି ପ୍ରକଳ୍ପ ବି କାର୍ଯ୍ୟକ୍ଷମ ହେବା ଅପେକ୍ଷାରେ। ଏହା ଦ୍ୱାରା ମହାନଦୀର ମୁଖ୍ୟ ସ୍ରୋତକୁ ପ୍ରବାହିତ ପ୍ରମୁଖ ଉପନଦୀଗୁଡ଼ିକର ଜଳ ରାଶିକୁ ରୋକି ଦିଆଗଲା। ଛତିଶଗଡ଼ ସରକାରଙ୍କ ଏଭଳି ଯୋଜନାବଦ୍ଧ ଦୁରଭିସନ୍ଧିରେ ଅଣମୌସୁମୀ କାଳରେ ୧୩ଟି ପ୍ରମୁଖ ଉପନଦୀରୁ ମୁଖ୍ୟ ମହାନଦୀକୁ ଜଳ ପ୍ରବାହ ପ୍ରାୟତଃ ବନ୍ଦ ରହୁଛି। ଏହାର ଦାରୁଣ ପରିଣାମ ହେଲା-ଅର୍ଦ୍ଧେକ ଓଡ଼ିଶାର ଜୀବନ ରେଖା ମହାନଦୀ ଏବେ ଅକାଳମୃତ୍ୟୁ ଅପେକ୍ଷାରେ। ଅଥଚ ରାଜ୍ୟ ସ୍ୱାର୍ଥର ଦ୍ୱାହିଦେଇ ୨୪ ବର୍ଷ କାଳ କ୍ଷମତା ଉପଭୋଗ କରିଥିବା ନବୀନ ପଟ୍ଟନାୟକଙ୍କ ସରକାର ଏଭଳି ଐତିହାସିକ ବିପତ୍ତି ପ୍ରତି କେବେ ନିଘା ଦେବା ଦୂରେଥାଉ ବରଂ କୁମ୍ଭକର୍ଣ୍ଣ ନିଦ୍ରା ଯିବାକୁ ଶ୍ରେୟ ମଣିଥିଲେ।

ବନ୍ଧ ରାଜନୀତିରୁ ବିବାଦ.......

ମୁଖ୍ୟତଃ ଶିଳ୍ପକୁ ଜଳ ଯୋଗାଣ, ଏହା ପରେ ରାଜ୍ୟର ପାନୀୟ ଜଳ ଓ ସେଚ ଚାହିଦା ପୂରଣ ଲକ୍ଷ୍ୟରେ ଛତିଶଗଡ଼ ସରକାର ମହାନଦୀ ସମେତ ବିଭିନ୍ନ ନଦୀରେ ୪୯୫ଟି କ୍ଷୁଦ୍ର, ମଧ୍ୟମ ଓ ବୃହତ ନଦୀ ବନ୍ଧର ପରିକଳ୍ପନା କରିଥିଲେ। ସେଥିରୁ ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ଏବଂ ଆଉ କେତେକ ନିର୍ମାଣାଧୀନ। ତେବେ ମହାନଦୀର ପ୍ରମୁଖ ଉପନଦୀଗୁଡ଼ିକରେ ନିର୍ମିତ ବ୍ୟାରେଜ୍ ଓ ଆନିକଟ୍‌ଗୁଡ଼ିକର

**ଅର୍ଦ୍ଧେକ ଓଡ଼ିଶାର ଜୀବନ ରେଖା ମହାନଦୀର ପ୍ରମୁଖ ଉପନଦୀଗୁଡ଼ିକରେ ଶିଳ୍ପପତିଙ୍କ ଟଙ୍କାରେ ବ୍ୟାରେଜ୍ ନିର୍ମାଣ କରିଛି ଛତିଶଗଡ଼। ସେମାନଙ୍କ ଶିଳ୍ପସଂସ୍ଥାକୁ ବର୍ଷ ତମାମ ଜଳ ଯୋଗାଣ ପାଇଁ ଶିଳ୍ପ ବ୍ୟାରେଜ୍‌ଗୁଡ଼ିକର ପୂର୍ଣ୍ଣ କ୍ଷମତା ଜଳ ଦେବାକୁ ଛତିଶଗଡ଼ ସରକାର ଚୁକ୍ତି କରିଛନ୍ତି। ଫଳରେ ବର୍ଷା ଋତୁରେ ଉଦ୍‌ଭୃତ୍ତ ଜଳ ଆସି ଓଡ଼ିଶାରେ ବନ୍ୟା ସୃଷ୍ଟି କରୁଛି। ଅନ୍ୟ ଋତୁରେ ମହାନଦୀର ମୁଖ୍ୟ ସ୍ରୋତକୁ ପାଣି ଝରୁ ନାହିଁ। ତେଣୁ ବର୍ଷର ୯ ମାସ ସମଗ୍ର ହୀରାକୁଦ ପ୍ରଣାଳୀ ଶୁଖିଲା ପଡୁଛି। ଡବଲ୍ ଇଞ୍ଜିନ୍ ସରକାର ଆସିବା ପରେ ମହାନଦୀ ଜଳ ବିବାଦର ସମାଧାନ ହେବ ବୋଲି ଯାହା ଆଶା କରାଯାଉଥିଲା, ବର୍ଷେ ପରେ ବି ସେଭଳି କୌଣସି ସଂଙ୍କେତ ମିଳିନାହିଁ।**

ଜଳଧାରଣ କ୍ଷମତା ଏବଂ ସେଥିରୁ ଘରୋଇ କମ୍ପାନିଙ୍କୁ ଜଳ ଆବଣ୍ଟନ ନିମନ୍ତେ ସ୍ୱାକ୍ଷରିତ ତର୍ଜମା ଏଠାରେ ପ୍ରଣିଧାନଯୋଗ୍ୟ। ଚୁକ୍ତିପତ୍ରଗୁଡ଼ିକରୁ ଉପଲବ୍ଧ ସୂଚନା ଅନୁଯାୟୀ ସାରଡ଼ିହି ବ୍ୟାରେଜ୍‌ର ଜଳ ଧାରଣ କ୍ଷମତା ୫୪.୨୪ ନିୟୁତ ଘନମିଟର (ଏମ୍‌ସିଏମ୍)। ଏହାର ନିର୍ମାଣ ଲାଗି ୩୯୯ କୋଟି ୩ ଲକ୍ଷ ଟଙ୍କା ପୁଞ୍ଜି ବିନିଯୋଗ କରିଥିବା ୮ଟି ଘରୋଇ କମ୍ପାନି ସେଥିରୁ ବାର୍ଷିକ ୨୩୨.୩୩ ଏମ୍‌ସିଏମ୍ ପାଣି ନେବେ। ଏପରିକି ଗ୍ରୀଷ୍ମ ଋତୁରେ ଏହି ବ୍ୟାରେଜ୍‌ରୁ ୫୪.୨୪ ଏମ୍‌ସିଏମ୍ ଜଳ ଯୋଗାଇବାକୁ ଛତିଶଗଡ଼ ସରକାର ଚୁକ୍ତିବଦ୍ଧ। ଏଥିରୁ ସ୍ପଷ୍ଟ ଯେ କେବଳ ମୌସୁମୀ ଋତୁ ବ୍ୟତୀତ ସାରଡିହି ବ୍ୟାରେଜ୍ ଜଳ ଭଣ୍ଡାରରେ ପୂର୍ଣ୍ଣ କ୍ଷମତାର ଜଳ ଗଚ୍ଛିତ ରହିବ। ସେହିଭଳି ଶେଓରିନାରାୟଣ ବ୍ୟାରେଜ୍‌ର ସର୍ବାଧିକ ଜଳଧାରଣ କ୍ଷମତା ୩୭ ଏମ୍‌ସିଏମ୍। ଏହାର ନିର୍ମାଣ ଲାଗି ୧୨୨ କୋଟି ୬୧ ଲକ୍ଷ ଟଙ୍କା ବିନିଯୋଗ କରିଥିବା ୩ଟି ସଂସ୍ଥା ବର୍ଷ ସାରା ପୂର୍ଣ୍ଣ ଜଳଭଣ୍ଡାର କ୍ଷମତାର ପାଣି ନେବା ସହ ଗ୍ରୀଷ୍ମ ଋତୁରେ ବି ୩୭ ଏମ୍‌ସିଏମ୍ ଜଳ ନେବେ। ସର୍ବାଧିକ ୫୦.୬୨ ଏମ୍‌ସିଏମ୍ ଜଳଧାରଣ କ୍ଷମତାର ବସନ୍ତପୁର ବ୍ୟାରେଜ୍‌ରୁ ନିୟମିତ ପାଣି ନେବାକୁ ଚୁକ୍ତିବଦ୍ଧ ୭ଟି ସଂସ୍ଥା ଏହାର ନିର୍ମାଣ ସକାଶେ ବ୍ୟୟ କରିଛନ୍ତି ୧୨୨ କୋଟି ୬୧ ଲକ୍ଷ ଟଙ୍କା। ସେସବୁ କମ୍ପାନିଙ୍କୁ ବର୍ଷସାରା ୨୫୯ ଏମ୍‌ସିଏମ୍ ଏବଂ ଗ୍ରୀଷ୍ମ ଋତୁରେ ବି ୫୦.୬୨ ଏମ୍‌ସିଏମ୍ ପାଣି ଯୋଗାଇବାକୁ ସରକାର ଚୁକ୍ତି କରିଛନ୍ତି। ମହାନଦୀ ପ୍ରଣାଳୀର ମିରୌନିଠାରେ ନିର୍ମିତ ବ୍ୟାରେଜ୍‌ର ଜଳଭଣ୍ଡାର କ୍ଷମତା ସର୍ବାଧିକ ୫୨.୬୫ ଏମ୍‌ସିଏମ୍। ଏହି ପ୍ରକଳ୍ପ ନିର୍ମାଣରେ ୩୪୮.୩୭ କୋଟି ଟଙ୍କା ନିବେଶ କରିଥିବା ୭ଟି ସଂସ୍ଥା ବର୍ଷ ତମାମ ଜଳଭଣ୍ଡାର କ୍ଷମତା (୫୨.୬୫ ସିଏମ୍‌ସି)ଠାରୁ ଅଧିକ ପାଣି ନେବାକୁ ଚୁକ୍ତି କରିଛନ୍ତି। ଉପନଦୀ ହସ୍‌ଦେଓରେ କୁଦାରି ଠାରେ ନିର୍ମିତ ବ୍ୟାରେଜ୍‌ର ଜଳ ଭଣ୍ଡାର କ୍ଷମତା ସର୍ବାଧିକ ୧୫.୬୦ ଏମ୍‌ସିଏମ୍। ଏହାର ନିର୍ମାଣ ଲାଗି ୧୧୮ କୋଟି ୮୧ ଲକ୍ଷ ଟଙ୍କା ବିନିଯୋଗ କରିଥିବା ୩ଟି କମ୍ପାନି ବର୍ଷସାରା ୭୬.୭୫ ଏମ୍‌ସିଏମ୍ ଓ ଗ୍ରୀଷ୍ମରେ ନେବେ ୧୩.୪୪ ଏମ୍‌ସିଏମ୍ ପାଣି। ଏହାର ନିକଟବର୍ତ୍ତୀ କୁଦୁରମାଲ୍ ଆନିକଟ୍ ନିର୍ମାଣରେ ବିନିଯୋଗ କରିଥିବା ଲାନ୍‌କୋ ପାୱାର୍‌କୁ ବର୍ଷସାରା ଜଳଭଣ୍ଡାର କ୍ଷମତା (୩୮ ଏମ୍‌ସିଏମ୍)ର ପାଣି ଯୋଗାଇବାକୁ ସରକାର ଚୁକ୍ତିବଦ୍ଧ। ରାୟଗଡ଼ରେ ନିର୍ମିତ କଲମା ବ୍ୟାରେଜ୍‌ର ସର୍ବାଧିକ ଜଳଧାରଣ କ୍ଷମତା ୫୦.୩୦ ଏମ୍‌ସିଏମ୍। ଏହି ପ୍ରକଳ୍ପ ପାଇଁ ୧୮୨ କୋଟି ଟଙ୍କାରୁ ଅଧିକ ବ୍ୟୟ କରିଥିବା ୧୨ଟି ସଂସ୍ଥାଙ୍କୁ ଗ୍ରୀଷ୍ମ ଋତୁରେ ବି ପୂର୍ଣ୍ଣ କ୍ଷମତା (୫୦.୧୪ ସିଏମ୍‌ସି)ର ପାଖାପାଖି ପାଣି ଦେବାକୁ ଚୁକ୍ତି କରାଯାଇଛି। ସର୍ବାଧିକ ୩୬ ଏମ୍‌ସିଏମ୍ ଜଳଧାରଣ କ୍ଷମତାର ସାମୋଡ଼ା ବ୍ୟାରେଜ୍ ପାଇଁ ୧୫୯ କୋଟି ୨ ଲକ୍ଷ ଟଙ୍କା ବିନିଯୋଗ କରିଥିବା ଜିଏମ୍‌ଆର୍ ଏନର୍ଜି ସେଥିରୁ ବର୍ଷ ସାରା ଜଳଭଣ୍ଡାର କ୍ଷମତାର ଜଳ ନେବ। ସେହିପରି ଚିଚ୍‌ପୋଲ୍ ବ୍ୟାରେଜ୍ ପାଇଁ ୧୨୭ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ କରିଥିବା ଆଧୁନିକ୍ ପାୱାର ଋତୁ ନିର୍ବିଶେଷରେ ବର୍ଷ ତମାମ ପୂର୍ଣ୍ଣ ଜଳଭଣ୍ଡାରର ପୂର୍ଣ୍ଣ କ୍ଷମତାର ପାଣି ନେବାକୁ ଚୁକ୍ତି କରିଛି।

ଏସବୁ ଚୁକ୍ତିରୁ ସ୍ପଷ୍ଟ ଯେ ଘରୋଇ ସଂସ୍ଥାଙ୍କୁ ଜଳଯୋଗାଣ ଅବ୍ୟାହତ ରଖିବା ଲାଗି କେବଳ ମୌସୁମୀ ଋତୁ ବ୍ୟତୀତ ଅନ୍ୟ ସମୟରେ ଏସବୁ ବ୍ୟାରେଜ୍/ଆନିକଟ୍‌ରୁ ମହାନଦୀକୁ ପାଣି ଆସିବ ନାହିଁ। ତତ୍କାଳୀନ ଜଳ ସଂପଦ ମନ୍ତ୍ରୀ ନିରଂଜନ ପୂଜାରୀ ବିଧାନସଭାରେ ରଖିଥିବା ଉତ୍ତରରେ କହିଥିଲେ ୨୦୧୭-୧୮ ମୌସୁମୀରେ ହୀରାକୁଦକୁ ଜଳ ପ୍ରବାହ ୩୪% ହ୍ରାସପାଇ ୨୦୧୮ ଅପ୍ରେଲ ବେଳକୁ ଥିଲା ମାତ୍ର ୯୮ କ୍ୟୁସେକ୍; ଯାହା ସ୍ୱାଭାବିକ ପ୍ରବାହଠାରୁ ୭୮% କମ୍। ଫଳରେ କେନାଲକୁ ଜଳ ସମେତ ଜଳ ବିଦ୍ୟୁତ ଉତ୍ପାଦନ ହ୍ରାସ ପାଇଥିଲା। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଯଦି ଓଡ଼ିଶାର ଜଳ ଚାହିଦାକୁ ଗୁରୁତ୍ୱ ନଦେଇ ଜଳ ବଣ୍ଟନ କରନ୍ତି, ତେବେ ଆଗାମୀ ଦିନରେ ମହାନଦୀ ଓ ଏହାର ଅବବାହିକା ବିସ୍ତୀର୍ଣ୍ଣ ମରୁଭୂମି ପାଲଟିବା ବିଚିତ୍ର ନୁହେଁ।

ନବୀନ ସରକାରଙ୍କ ଦାୟିତ୍ୱହୀନତାର ପରିଣାମ.....


ଜାତୀୟ ପ୍ରକଳ୍ପ ଭାବେ ମହାନଦୀରେ ସ୍ୱାଧୀନ ଭାରତର ପ୍ରଥମ ବୃହତ ନଦୀ ବନ୍ଧର ପରିକଳ୍ପନା ତଥା ନିର୍ମାଣ ଆରମ୍ଭ ହୋଇଥିଲା ୧୯୪୮ରେ। ୧୯୫୬ ବେଳକୁ ନିର୍ମାଣ ଶେଷ ହେବା ସହ କେନ୍ଦ୍ର ସରକାର ତାହାକୁ ହସ୍ତାନ୍ତର କରିଥିଲେ ୧୯୬୩ରେ। ହୀରାକୁଦର ୧୫ କିଲୋମିଟର (କିମି) ଉପରମୁଣ୍ଡକୁ ସମ୍ପ୍ରସାରିତ ୭୪୩ ବର୍ଗ କିମି ବ୍ୟାପୀ ଏହାର ଜଳଭଣ୍ଡାର ପାଲଟିଥିଲା ଏସିଆ ମହାଦେଶର ସର୍ବବୃହତ କୃତ୍ରିମ ହ୍ରଦ। ସେଥିରେ ବୁଡ଼ିଯାଇଥିଲା ୧ଲକ୍ଷ ୨୩ ହଜାର ୩୦୩ ଏକର ଚାଷ ଜମି। ସରକାରୀ ହିସାବରେ ବିସ୍ଥାପିତ ହୋଇଥିଲେ ୨୨ ହଜାର ୧୪୪ ପରିବାର। ସେମାନଙ୍କ ମଧ୍ୟରୁ ଏବେ ବି ୩,୫୪୦ ପରିବାର କ୍ଷତିପୂରଣ ପାଇବାକୁ ବାରଦ୍ୱାର ବୁଲୁଛନ୍ତି। ଏହାର ମୋଟ ଜଳଗ୍ରହଣ ଅଞ୍ଚଳର ୫୩% ଥିଲା ପ୍ରାକ୍ତନ ମଧ୍ୟ ପ୍ରଦେଶ ତଥା ଏବର ଛତିଶଗଡ଼ରେ। ଭବିଷ୍ୟତରେ ଆନ୍ତଃରାଜ୍ୟ ଜଳ ବଣ୍ଟନ ବିବାଦକୁ ଏଡ଼ାଇବା ଲାଗି ଓଡ଼ିଶା-ଛତିଶଗଡ଼ ମଧ୍ୟରେ ସ୍ପଷ୍ଟ ରାଜିନାମା ଏକାନ୍ତ ଅପରିହାର୍ଯ୍ୟ ଥିଲା। ଭବିଷ୍ୟତକୁ ଦୃଷ୍ଟିରେ ରଖି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ମହାନଦୀର ଉପନଦୀ ଇବ୍, କୁରନାଲ୍ଲା, ଅପର ଯୋଙ୍କ୍, ଲୋୟର ଯୋଙ୍କ୍, ଅଙ୍ଗ, ଜିରା, ତେଲ୍, ଅପର ଉଦନ୍ତୀ ଆଦିରେ ପ୍ରକଳ୍ପ ନିର୍ମାଣ ଲାଗି ମଧ୍ୟ ପ୍ରଦେଶ ସରକାରଙ୍କ ସହ ଜଳ ବଣ୍ଟନ ଚୁକ୍ତି କରିଥିଲେ। ମାତ୍ର ଛତିଶଗଡ଼ ଗଠନ ପରେ ଓଡ଼ିଶାରେ କ୍ଷମତାସୀନ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ଆନ୍ତଃରାଜ୍ୟ ନଦୀ ଜଳ ବଣ୍ଟନ ଚୁକ୍ତିକୁ ଆଦୌ ଗୁରୁତ୍ୱ ଦେଇ ନଥିଲେ; ଯଦିଓ ସେତେବେଳେ ଏଭଳି ଚୁକ୍ତି ବେଶ୍ ସହଜ ହୋଇଥାନ୍ତା-କାରଣ ଛତିଶଗଡ଼ରେ କ୍ଷମତାସୀନ ଥିଲା ମୁଖ୍ୟମନ୍ତ୍ରୀ ରମଣ ସିଂହଙ୍କ ବିଜେପି ସରକାର। ଯଦି ସେତେବେଳେ ଉଭୟ ସରକାର ମଧ୍ୟରେ ଜଳ ବଣ୍ଟନ ଚୁକ୍ତି ସଂପାଦିତ ହୋଇଥାନ୍ତା, ତେବେ ଆଜି ହୁଏତ ଓଡ଼ିଶାବାସୀଙ୍କୁ ମହାନଦୀର ଅପମୃତ୍ୟୁ ଭଳି ଘୋର ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ି ନଥାନ୍ତା। ଅଧିକ ପରିତାପର ବିଷୟ ହେଲା- ମହାନଦୀର ମୁଖ୍ୟସ୍ରୋତକୁ ଜଳ ପ୍ରବାହ ରୋକିବା ଲାଗି ଛତିଶଗଡ଼ ସରକାର ଏହାର ପ୍ରମୁଖ ଉପନଦୀଗୁଡ଼ିକରେ ଗୋଟିକ ପରେ ଗୋଟିଏ ବ୍ୟାରେଜ୍ ନିର୍ମାଣ କରି ଚାଲିଥିଲେ ମଧ୍ୟ ନବୀନ ସରକାର ୨୦୧୭ ପର୍ଯ୍ୟନ୍ତ କେବେ ପ୍ରତିବାଦ କିମ୍ବା ଅପତ୍ତି କରି ନଥିଲେ। ଏପରିକି ବିଧାନସଭାରେ ବିରୋଧୀ ଦଳ ଏହି ପ୍ରସଙ୍ଗରେ ଘୋର ପ୍ରତିବାଦ କରିବା ବେଳେ ଦୀର୍ଘ କାଳ ଧରି ଜଳ ସଂପଦ ବିଭାଗକୁ ନିଜ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀଙ୍କ ଅଭିଯୋଗକୁ ଏଡ଼ାଇ ଦେଇଥିଲେ। ଏହି ପ୍ରସଙ୍ଗରେ ଆଉ ପାଦେ ଆଗେଇ ଜଳ ସଂପଦ ବିଭାଗର ତତ୍କାଳୀନ ପ୍ରମୁଖ ସଚିବ (ପରେ ମୁଖ୍ୟ ସଚିବ) ସୁରେଶ ମହାପାତ୍ର ତାଚ୍ଛଲ୍ୟ କରି କହିଥିଲେ, " ଛତିଶଗଡ଼ରେ ହଜାରେ ବନ୍ଧ ହେଲେ ବି ଓଡ଼ିଶାରେ କିଛି ବି ଫରକ ପଡ଼ିବ ନାହିଁ। ଅର୍ଦ୍ଧେକ ଓଡ଼ିଶାର (ମହାନଦୀରେ ନିର୍ଭରଶୀଳ ୧୫ଟି ଜିଲ୍ଲାର ଲୋକଙ୍କ) ସ୍ୱାର୍ଥକୁ ଘୋର ବିପର୍ଯ୍ୟୟ ମଧ୍ୟକୁ ଠେଲି ଦେଇଥିବା ନବୀନ ସରକାର ବରଂ ଚକିଗୁଡ଼ କହୁଣୀକୁ ଗଡ଼ିଯିବା ପରେ " ମହାନଦୀ ବଞ୍ଚାଅ" ନାମରେ ବିଜେପି-ବିରୋଧୀ ନାରାଦେଇ ୨୦୧୯ ନିର୍ବାଚନ ଜିତି ଯାଇଥିଲେ।



ଅଣମୌସୁମୀରେ ନରାଜ ଶୁଖିଲା

## ଖେଳରେ ଓଡ଼ିଶା

# ବହୁ ଆଡ଼ମ୍ବର, ଲଘୁ କ୍ରିୟା



ସନାତନ ପାଣି



ଭାରତରେ କ୍ରୀଡା ପ୍ରଶାସନ/ପରିଚାଳନା ବ୍ୟବସ୍ଥାର ଉନ୍ନତି ପାଇଁ କେନ୍ଦ୍ର ସରକାର ଲୋକସଭାରେ ଆଗତ କରିଛନ୍ତି ରାଷ୍ଟ୍ରୀୟ କ୍ରୀଡା ବିଧେୟକ ୨୦୨୫ । ରାଷ୍ଟ୍ରୀୟ କ୍ରୀଡା ମହାସଂଘ ଗୁଡିକର କାର୍ଯ୍ୟକଳାପକୁ ନିୟମାଧୀନ କରିବା, ସେଗୁଡିକୁ ସ୍ୱୀକୃତି ଦେବା ଓ ଉତ୍ତରଦାୟୀ କରିବା, କ୍ରୀଡା ସମ୍ପର୍କିତ ମାଲିମୋକଦ୍ଦମା ହ୍ରାସ କରିବା ଏବଂ କ୍ରୀଡାବିତଙ୍କ ଅଧିକାରକୁ ସୁରକ୍ଷା ଦେବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଏହାକୁ କାର୍ଯ୍ୟକାରୀ କାରିବା ଲାଗି ରାଷ୍ଟ୍ରୀୟ କ୍ରୀଡା ଅଦାଲତ, ରାଷ୍ଟ୍ରୀୟ କ୍ରୀଡା ବୋର୍ଡ ଏବଂ ରାଷ୍ଟ୍ରୀୟ କ୍ରୀଡା ନିର୍ବାଚନ ପାନେଲ ଗଠନ କରିବାକୁ ବିଲରେ ପ୍ରସ୍ତାବ ଦିଆଯାଇଛି ।

କଂଗ୍ରେସ ସରକାର ଅମଳରେ ମଧ୍ୟ ରାଷ୍ଟ୍ରୀୟ କ୍ରୀଡା ନୀତି ପ୍ରଣୀତ ହୋଇଥିଲା । ତତ୍କାଳୀନ କ୍ରୀଡା ନୀତି କ୍ରୀଡା ସଂଗଠନ ପରିଚାଳନା ବ୍ୟବସ୍ଥାରେ କିଛିଟା ସଂସ୍କାର ଆଣିଥିଲେ ହେଁ ଏହାକୁ ଆଶାନୁରୂପକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିପାରିନଥିଲା। କ୍ରୀଡା ସଂଗଠନ ଗୁଡିକର ମୁଖ୍ୟ ପଦପଦବୀରେ ଥିବା ବ୍ୟକ୍ତି, ବେଶେଷକରି ନେତା, ସରକାରୀ ପଦାଧିକାରୀ ଏବଂ ପୁଞ୍ଜିପତିଙ୍କ ମନମୁଖୀ ଶାସନ ଓ ଦୁର୍ନୀତି ଯୋଗୁ ଦେଶ କ୍ରୀଡା କ୍ଷେତ୍ରରେ ଏବେ ମଧ୍ୟ ପଛୁଆ ରହିଛି । ନୂତନ ରାଷ୍ଟ୍ରୀୟ କ୍ରୀଡା ବିଧେୟକ କେତେଦୂର ଫଳପ୍ରଦ ହେବ ତାହା ସମୟ କହିବ । କିନ୍ତୁ ଆଇନ ପ୍ରଣୟନ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ମଧ୍ୟରେ ରହିଆସିଥିବା ତଫାତକୁ ସରକାର କେତେ ଦୂର କରିପାରିବେ ତାହାହିଁ ପ୍ରମାଣ କରିବ ନୂତନ କ୍ରୀଡା ବିଧେୟକର ଉପାଦେୟତା ।

ଓଡ଼ିଶାରେ ଏକ ବିଧିବଦ୍ଧ କ୍ରୀଡ଼ନୀତି ପ୍ରଣୟନ ଏବଂ ଏହାକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାର ତିରିଶ ବର୍ଷରୁ ଉର୍ଦ୍ଧ ସମୟ ନେବା ସତ୍ତ୍ୱେ ଏପର୍ଯ୍ୟନ୍ତ ସଫଳ ହୋଇପାରି ନାହାନ୍ତି । ରାଜ୍ୟର କ୍ରୀଡା ଦୃଶ୍ୟପଟ୍ଟ ଉପରେ ନଜର ପକାଇଲେ ଅବଶ୍ୟ ଏହା ଖୁବ ସୁନ୍ଦର ଲାଗିବ। ମୁଖ୍ୟ ସହର ଗୁଡିକର ଶୋଭା ପାଉଛି ଆନ୍ତର୍ଜାତିକ ସ୍ତରର ଷ୍ଟାଡିଅମ । ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଛି ଶତାଧିକ ମିନି ଷ୍ଟାଡିଅମ ଓ ଇଣ୍ଡୋର ହଲ ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ କାମ କରୁଛି ବିଭିନ୍ନ ଖେଳର ଉଚ୍ଚ ପ୍ରଦର୍ଶନ କେନ୍ଦ୍ର । ଆୟୋଜିତ ହେଉଛି ବଡ ବଡ ଜାତୀୟ ଓ ଆନ୍ତର୍ଜାତିକ ପ୍ରତିଯୋଗିତା, ପ୍ରଶିକ୍ଷଣ ଶିବିର, କର୍ମଶାଳା ଓ ଆଲୋଚନାଚକ୍ର ଇତ୍ୟାଦି ବହୁ କାର୍ଯ୍ୟକ୍ରମ । ଗଣମାଧ୍ୟମ ଜରିଆରେ କରାଯାଉଛି ବ୍ୟାପକ ପ୍ରଚାର ପ୍ରସାର । ଏସବୁ ପାଇଁ ଖର୍ଚ୍ଚ ହେଉଛି କରଦାତାଙ୍କ ହଜାର ହଜାର କୋଟି ଟଙ୍କା ।

ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ହାତୀର ଦାନ୍ତ ପରି ଦେଖିବାକୁ ଗୋଟେ, ଖାଇବାକୁ ଅନ୍ୟ ଗୋଟେ । ସିଧା କହିବାକୁ ଗଲେ ପୁଞ୍ଜି ନିବେଶ ଓ ଭିତ୍ତିଭୂମି ପ୍ରତିଷ୍ଠା ଅନୁପାତରେ ରାଜ୍ୟର ପ୍ରଦର୍ଶନ ଓ ସଫଳତା ଅର୍ଜନ ବୃଦ୍ଧି ପାଇବା ପରିବର୍ତ୍ତେ ନିମ୍ନଗାମୀ ହୋଇଛି ।

ରାଜ୍ୟ କ୍ରୀଡା ଛାତ୍ରାବାସ କିମ୍ବା ସାଇ ପ୍ରଶିକ୍ଷଣ କେନ୍ଦ୍ରରୁ ବାହାରିଥିବା ଅନୁରାଧା ବିଶ୍ୱାଳ, ରଚିତା ପଣ୍ଡା, ପ୍ରଣତି ମିଶ୍ର, ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଦିଲୀପ ତିର୍କି, ଇଗ୍ନେସ ତିର୍କି, ଲାଜାରୁସ ବାର୍ଲା, ଅମିତ ରୋହିଦାସ, ଜ୍ୟୋତି ସୁନିତା କୁଲ୍ଲୁ, ଦୀପ ଗ୍ରେସ ଏକ୍କା, ପ୍ରତିମା ପୁହାଣ, ପ୍ରମିଳା ପ୍ରଭା ମିଂଜ୍ ଏବଂ ନିଜ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିବା ସନତ ମିଶ୍ର, ଦେବାଶିଷ ମହାନ୍ତି, ଶିବ ସୁନ୍ଦର ଦାସ, କେ ରବିକୁମାର, ଅମୀୟ ମଲ୍ଲିକ, ପଦ୍ମିନୀ ରାଉତ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ରାକେଶ ପାତ୍ର, ଭାଲେନା ଭାଲେନ୍ତିନାଙ୍କ ପରି ତାରକା ଖେଳାଳିଙ୍କ ସ୍ଥାନ ପୂରଣ ହୋଇପାରୁନି । ଜାତୀୟ ଦଳରେ ଓଡିଶା ଖେଳାଳିଙ୍କ ପ୍ରତିନିଧିତ୍ୱ ହ୍ରାସ ପାଇବାରେ ଲାଗିଛି ।

ତୃଣମୂଳ ସ୍ତରରେ ଭିତ୍ତିଭୂମି ଓ ସହାୟତା ବ୍ୟବସ୍ଥାର ଅଭାବ ଯୋଗୁ ନୂତନ ପ୍ରତିଭା ଲୋକଲୋଚନକୁ ଆସିପାରୁନାହାନ୍ତି। କ୍ରୀଡା ଉପକରଣ, ତାଲିମ, ପ୍ରଶିକ୍ଷଣ ଓ ପ୍ରତିଯୋଗିତାରେ ଅଂଶଗ୍ରହଣ ବାବଦ ଖର୍ଚ୍ଚ ବହନ କରିବା ଲାଗି ସାମର୍ଥ୍ୟ ନଥିବାରୁ ଗରିବ ଓ ମଧ୍ୟବିତ୍ତ ପରିବାରର ପିଲାମାନେ ଖେଳକୁ ଆପଣାଇ ପାରୁନାହାନ୍ତି କିମ୍ବା ଖେଳରୁ ଦୂରେଇ ଯାଇଛନ୍ତି । ଯେଉଁ କିଛି ଖେଳାଳି ସଂଘର୍ଷ କରି ରାଜ୍ୟ ଓ ଦେଶର ପ୍ରତିନିଧିତ୍ୱ ପାଇଁ ଆଶା ସୃଷ୍ଟି କରୁଛନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କୁ ମନୋନୟନରେ ପାତରଅନ୍ତରର ଶିକାର ହେବାକୁ ପଡୁଛି।

ରାଜ୍ୟରେ କ୍ରୀଡା ପ୍ରଶିକ୍ଷକମାନଙ୍କ ଦୁର୍ଦ୍ଦଶା କହିଲେ ନସରେ। ଜାତୀୟ ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଖେଳାଳି ଗଢ଼ିଥିବା ନିଜ ମାଟିର ଏହି ପ୍ରଶିକ୍ଷକମାନେ ଏବେ ଅଲୋଡ଼ା ହୋଇପଡିଛନ୍ତି । ସେମାନଙ୍କ ଦକ୍ଷତା ବଢାଇବା ପାଇଁ ମିଳୁନି ସୁଯୋଗ ଓ ସହାୟତା । ଅବସର ନେଇଥିବା ପ୍ରଶିକ୍ଷକଙ୍କ ସ୍ଥାନ ପୂରଣ ହେଉନାହିଁ । ଯେଉଁମାନେ କାର୍ଯ୍ୟରତ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରଶିକ୍ଷଣ ଦେବା ପରିବର୍ତ୍ତେ ଫାଇଲ ଚାଷ କିମ୍ବା ପ୍ରଶିକ୍ଷଣ ସହ କୌଣସି ସମ୍ପର୍କ ନଥିବା କାମ କରିବାକୁ ପଡୁଛି । ଅନ୍ୟପକ୍ଷରେ, ପଟିଆରା ବଢାଇବା ପାଇଁ ରାଜ୍ୟ ବାହାରୁ ଖେଳାଳି ଓ ପ୍ରଶିକ୍ଷକ ଆମଦାନୀ କରି ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହିତ ପୁରସ୍କୃତ କରାଯାଉଛି ।

ଓଡ଼ିଶାରେ କ୍ରୀଡା ସାକ୍ଷରତା ଅତି ନଗଣ୍ୟ । ଶହେ ଜଣଙ୍କ ମଧ୍ୟରୁ ଖେଳ ସହ ପ୍ରତ୍ୟକ୍ଷ ଭାବେ ଜଡିତଥିବା ବ୍ୟକ୍ତିଙ୍କ ସଂଖ୍ୟା ୨ କିମ୍ବା ୩ ରୁ ଅଧିକ ହେବନାହିଁ । ଗଣ ସମ୍ପୃକ୍ତିର ଅଭାବ ଯୋଗୁ ରାଜ୍ୟରେ କ୍ରୀଡା ଜୀବନର ଏକ ଅଙ୍ଗରେ ପରିଣତ ହୋଇପାରି ନାହିଁ । ସୁସ୍ଥ ଜୀବନ ପାଇଁ କ୍ରୀଡା ଏକ ମୌଳିକ ଆବଶ୍ୟକତା ବୋଲି ଏପର୍ଯ୍ୟନ୍ତ ଆମର ହୃଦବୋଧ ହୋଇନାହିଁ ।

କ୍ରୀଡା ଆଉ ସଉକ ନରହି ସମ୍ମାନଜନକ ପେଷାରେ ପରିଣତ ହେଲାଣି । କିନ୍ତୁ ରୋଜଗାରର ଗ୍ୟାରେଣ୍ଟି ଏବଂ ନିଯୁକ୍ତି ସୁଯୋଗର ଅଭାବ ଯୋଗୁ ଓଡ଼ିଶାରେ ଏହାକୁ ବୃତ୍ତି ଭାବେ ଗ୍ରହଣକରିବା ସମ୍ଭବ ହେଉନାହିଁ । କ୍ରୀଡା ବ୍ୟବସ୍ଥାର ପରିଚାଳନା ପାଇଁ ଆମକୁ ରାଜ୍ୟ ବାହାରୁ ପେଷାଦାର ସେବା ପ୍ରଦାନକାରୀଙ୍କୁ ନିୟୋଜିତ କରିବାକୁ ପଡୁଛି ।

କ୍ରୀଡ଼ାରେ କ୍ରୀଡ଼ାବିତ ଓ ପ୍ରଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଓଡ଼ିଶାରେ ସେମାନେ ସବୁବେଳେ କ୍ରୀଡା ସଂସ୍ଥା ଓ ସଂଗଠନର ଉଚ୍ଚ ପଦପଦବୀରେ ଥିବା ନେତା, ସରକାରୀ ପଦାଧିକାରୀ ଓ ପୁଞ୍ଜିପତିଙ୍କ ଦୟା ଉପରେ ନିର୍ଭରଶୀଳ। ଏହି ମୁଷ୍ଟିମେୟ ମାଲିକଙ୍କ ପାଇଁ ନା ଅଛି ଯୋଗ୍ୟତାର କୌଣସି ମାପକାଠି ନା ଉତ୍ତରଦାୟୀ ହେବାର ଆବଶ୍ୟକତା । କାଗଜକଲମରେ ଏମାନେ ଅବୈତନିକ, କିନ୍ତୁ ଜୀବନଶୈଳୀ ରାଜକୀୟ ।

ଓଡ଼ିଶାରେ ରାଜ୍ୟସ୍ତରୀୟ କ୍ରୀଡା ସଂଗଠନ ଗୁଡିକର ସଂଖ୍ୟା ଶହେ ଛୁଇଁବାକୁ ବସିଲାଣି । ଏସବୁ ସଂଗଠନ ପାଖରେ ରହିଛି ବିଭିନ୍ନ ଖେଳକୁ ନିୟନ୍ତ୍ରଣ ଓ ପରିଚାଳନା କରିବାର ଏକଚାଟିଆ ଅଧିକାର । କିଂନ୍ତୁ ଅଧିକାଂଶ ସଂଗଠନ ରାଜ୍ୟ ପ୍ରତିଯୋଗିତା ଆୟୋଜନ ଓ ଜାତୀୟ ପ୍ରତିଯୋଗିତାକୁ ରାଜ୍ୟ ଦଳ ପଠାଇବା ଭଳି ମୁଖ୍ୟ କାମ ନିୟମିତ ଭାବେ କରନ୍ତି ନାହିଁ ।

ଅଧିକାଂଶ ରାଜ୍ୟ ସଂଗଠନ ଖେଳ ଓ ଖେଳାଳିଙ୍କ ଉନ୍ନତି ପରିବର୍ତ୍ତେ ବ୍ୟାବସାୟିକ ଫାଇଦା ହାସଲରେ ଲିପ୍ତ ବୋଲି ଅଭିଯୋଗ ହୁଏ । ବହୁ ରାଜ୍ୟ ସଂଗଠନ ପଞ୍ଜିକୃତ ନୁହନ୍ତି ଏବଂ ନିଜ ନିଜର କାର୍ଯ୍ୟକଳାପ ବିଷୟରେ କୌଣସି ତଥ୍ୟ ପ୍ରକାଶ କରନ୍ତିନାହିଁ । ଅଧିକାଂଶ ରାଜ୍ୟ ସଂଗଠନର ମୁଖ୍ୟ କାର୍ପଟଦାର ଏକାଧିକ ଦଶନ୍ଧି ଧରି ଗାଦି ମାଡ଼ିବସିଛନ୍ତି ଏବଂ ଗାଦି ଛାଡିଲେ ସେଥିରେ ନିଜ ସନ୍ତାନକୁ ବସାଉଛନ୍ତି ।

କ୍ରୀଡା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ମୁଖ୍ୟତଃ ପ୍ରଚାରଧର୍ମୀ ବା ଲୋକଦେଖାଣିଆ ମନେହୁଏ । କ୍ରୀଡାର ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ପଛରେ ମନ୍ତ୍ରୀ ଓ ନେତାଙ୍କ ଭାବମୂର୍ତ୍ତି ଉଜ୍ଜ୍ୱଳ କରିବା, କମ୍ପାନୀମାନଙ୍କୁ ବ୍ୟବସାୟିକ ସୁବିଧା ଯୋଗାଇବା ଏବଂ କରଦାତାଙ୍କ ଅର୍ଥର ଦୁରୁପଯୋଗ କରିବା ଗନ୍ଧ ସ୍ପଷ୍ଟ ବାରିହୁଏ ।

ମୋଟାମୋଟି ଭାବେ କ୍ରୀଡା ଶାରୀରିକ ଉତ୍କର୍ଷ ହାସଲ ଏବଂ ସୁସ୍ଥ ଜୀବନଯାପନର ମୁଖ୍ୟ ଉଦ୍ଦେଶ୍ୟ ହେବା ପରିବର୍ତ୍ତେ ବ୍ୟବସାୟିକ ଫାଇଦା ହାସଲ ଓ ଆତ୍ମପ୍ରଚାରର ଏକ ସହଜ ସୁଲଭ ମାଧ୍ୟମ ପାଲଟିଛି କହିଲେ ଭୁଲ ହେବନାହିଁ । ସଂଗଠନ ପଞ୍ଜିକରଣ ଅଧିନିୟମ ୧୮୬୦ ଜରିଆରେ କ୍ଷମତାପ୍ରାପ୍ତ ହୋଇ କ୍ରୀଡା ବ୍ୟବସ୍ଥା ପରିଚାଳନା କରିବାର ଯୁଗ ଗଲାଣି । ଏବେ ଆବଶ୍ୟକ ହେଉଛି ଏକ ସ୍ୱତନ୍ତ୍ର ଆଇନ ଯାହା କ୍ରୀଡାର ଶାସନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣି କ୍ରୀଡା ସଂଗଠନ ଗୁଡିକର କାର୍ଯ୍ୟକଳାପକୁ ଅଧିକ ସ୍ୱଚ୍ଛ ଏବଂ ଏହାର ମୁଖ୍ୟ ପଦାଧିକାରୀଙ୍କୁ ଉତ୍ତରଦାୟୀ କରିବ।



## ୨୫ ଜୁଲାଇ ୨୦୨୫/ 'ଆମ ଓଡ଼ିଶା' ଆୟୋଜିତ ସଭାରେ ପଠିତ

# ଆଉ ଏକ 'କୋଣାର୍କ' ଗଢ଼ିବାର ସ୍ୱପ୍ନ



ଅନୀଲ ଦେ

ମଞ୍ଚାସୀନ ସୁଧୀ ବୃନ୍ଦ ଓ ସମ୍ମିଳିତ ଅତିଥି ସମୂହ, ମୋର କୋଣାର୍କ ସହିତ ପରିଚୟ ୧୮ ବର୍ଷ ବୟସରେ। ଇଞ୍ଜିନିଅରିଂ ମୋର ପେସା ହେଲେ ମଧ୍ୟ କୋଣାର୍କ ମୋର ପିଛା ଛାଡ଼େନା। ୧୯୯୦ରେ ଅବସର ନେବାପରେ ଗଭୀର ଭାବେ ବିଷୟଟିରେ ମନୋନିବେଶ କରେ । ସାଧନା , ଗ୍ରନ୍ଥରେ ରୂପାନ୍ୱିତ ହୁଅନ୍ତା ନାହିଁ ଯଦି ଅସିତ ବାବୁ ସକ୍ରିୟ ସହଯୋଗ ନ'କରନ୍ତେ ଏବଂ ସୌମ୍ୟ ବାବୁ ଦୂରଦୃଷ୍ଟିର ପରିଚୟ ନ'ରଖନ୍ତେ । ୨୦୧୨ରେ ଅର୍କକ୍ଷେତ୍ର କୋଣାର୍କ ପ୍ରକାଶିତ ହେବାର ମାତ୍ର ପାଞ୍ଚ ବର୍ଷ ଭିତରେ ତାହାର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୁଏ। ସାଫଲ୍ୟରେ ଉତ୍ସାହିତ ହୋଇ ଇଂରାଜୀରେ 'The Sun Temple Of Konark' ଲେଖେ, ଯାହା ୨୦୧୬ରେ ଦିଲ୍ଲୀରୁ ପ୍ରକାଶିତ ହୋଇ ଏବେ ମଧ୍ୟ Global Best Seller ହୋଇ ରହିଛି। ଅସିତ ବାବୁଙ୍କୁ ଏବଂ ସୌମ୍ୟ ବାବୁଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ ଯଥେଷ୍ଟ ହେବ ନାହିଁ।

ଗବେଷଣା ମାଧ୍ୟମରେ ଯେଉଁ ସବୁ ତଥ୍ୟ ବାହାରି ଆସେ ସେଥିରୁ ମନେ ହୁଏ କୋଣାର୍କର ଆଜିକାର ପରିଚିତି ଅସମ୍ପୂର୍ଣ୍ଣ ଏବଂ ସୃଷ୍ଟିର ଐଶ୍ୱର୍ଯ୍ୟ ଆଜିର ପରିଚିତିଠାରୁ କାହିଁ କେତେ ଗୁଣ ଉର୍ଦ୍ଧ୍ୱରେ। କୋଣାର୍କର ଆଜିକାର ପରିଚିତି ଗଢ଼ି ଉଠିଛି ୧୯୦୦ରୁ ୧୯୧୦ ମଧ୍ୟରେ ବାଲି ତଳୁ ଏହାର ଧ୍ୱଂସାବଶେଷ ଉଦ୍ଧାର କରାଯିବା ପରେ। ଆଜି ଏହାର ଶିଳ୍ପ ପରିଚିତି ତଳେ ମନ୍ଦିର ପରିଚିତି ଲୋପ ପାଇ ଯାଇଛି। ଏ ଶିଳ୍ପ ପରିଚିତି ମଧ୍ୟ ଅସମ୍ପୂର୍ଣ୍ଣ। "ଶିଳ୍ପ ପାଇଁ ମନ୍ଦିର ଅଥବା ମନ୍ଦିର ପାଇଁ ଶିଳ୍ପ"? ପ୍ରଶ୍ନ ଦୁଇଟିର ତାତ୍ପର୍ଯ୍ୟ ଭିନ୍ନ। ଏହା ନିଶ୍ଚିତ ରୂପେ ଗୋଟିଏ ମନ୍ଦିର ଥିଲା। ଦେବତାଙ୍କ ଆଳୟର ଅଳଂକରଣ ଦେବ ମହିମା ପ୍ରକାଶ କରିବା ପାଇଁ ହେବା ସ୍ୱାଭାବିକ। ବେଦ ଓ ଉପନିଷଦର ବହୁ ଉଚ୍ଚକୋଟୀର ଦର୍ଶନ ଏହାର ଶିଳ୍ପରେ ପ୍ରସ୍ଫୁଟିତ । ମୁଁ ମୋର ଏକାଧିକ ସନ୍ଦର୍ଭରେ ଏହାକୁ ନେଇ ବିସ୍ତୃତ ଆଲୋଚନା କରିଛି।

ଆଉ ଗୋଟିଏ ପ୍ରଶ୍ନ ସମାଧାନ ଖୋଜିଲା। ଯେତେବେଳେ ଜଗନ୍ନାଥ ଗଙ୍ଗବଂଶର କୁଳ ଦେବତା, ନରସିଂହଦେବଙ୍କ ପିତା ତୃତୀୟ ଅନଙ୍ଗଭୀମଦେବ, ଜଗନ୍ନାଥଙ୍କୁ ଦେଶର ରାଜା ଏବଂ ନିଜକୁ ତାଙ୍କର ଚାକର ବୋଲାଉଛନ୍ତି। ନରସିଂହଦେବ କାହିଁକି ଅମାପ ଅର୍ଥ ବ୍ୟୟ କରି ଏପରି ଏକ ମନ୍ଦିର ଗଢ଼ିଲେ, ଯାହା ରାଜକୀୟ ଜଗନ୍ନାଥ ମନ୍ଦିରଠାରୁ ପ୍ରାୟ ଅଧିକ ୧୫ ଫୁଟ ଉଚ୍ଚ, ସମକାଳୀନ ସମସ୍ତ ମନ୍ଦିରଠାରୁ ସୁନ୍ଦର ଏବଂ ସେଥିରେ ଏପରି ଏକ ଦେବତାଙ୍କୁ ପ୍ରତିଷ୍ଠା କରିଲେ ଯାହାଙ୍କ ଭକ୍ତ ବିଶେଷ କେହି ନ ଥିଲେ? ଇତିହାସରୁ ମିଳୁଛି, ସେ ସମୟରେ ସମଗ୍ର ଭାରତବର୍ଷ ଶୈବ ବୈଷ୍ଣବ କଳହରେ ମଥିତ ଥିଲା। ଦକ୍ଷିଣରୁ ଆଗତ ଚୋଡ଼ ଗଙ୍ଗଦେବ ନିଜ ବଂଶଗତ ଶୈବ ଧର୍ମ ତ୍ୟାଗ କରି ଜଗନ୍ନାଥଙ୍କୁ ଆଦରି ନେଇ ଆଜି ଆମେ ଦେଖୁଥିବା ବିଶାଳ ଜଗନ୍ନାଥ ମନ୍ଦିର ନିର୍ମାଣ କରିଲେ। ଗଙ୍ଗବଂଶ ରାଜତ୍ୱର ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବରୁ ଓଡ଼ିଶାରେ ଶିବ ଏବଂ ଶକ୍ତିଙ୍କ ପ୍ରାଧାନ୍ୟ ଥିଲା। ଚୋଡ଼ ଗଙ୍ଗଦେବ କେବଳ ଧର୍ମ ପରିବର୍ତ୍ତନ କରି କ୍ଷାନ୍ତ ହୋଇ ନ ଥିଲେ। ମାଦଳାପାଞ୍ଜିର ଗୋଟିଏ ଲେଖା ଅନୁଯାୟୀ ସେ ଶକ୍ତିପୀଠଗୁଡ଼ିକୁ ଉଚ୍ଛେଦ କରିବାର ଯୋଜନା ମଧ୍ୟ କରିଥିଲେ। ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ ରାଜାନୁଗ୍ରହରେ ଅଭ୍ୟସ୍ତ ଶୈବ ଅନୁଷ୍ଠାନଗୁଡ଼ିକ ନିଜକୁ ବଞ୍ଚିତ ମଣିଲେ। ଫଳତଃ, ସମାଜ ଜୀବନ ଶୈବ-ଶକ୍ତି ଓ ବୈଷ୍ଣବ କଳହରେ ତିକ୍ତ ଥିଲା। ସୁ- ଶାସକ ନରସିଂହଦେବ ବୁଝିପାରିଥିଲେ ସାମାଜିକ ସ୍ଥିରତା ବିନା ଦେଶର କୌଣସି ଉନ୍ନତି ହେବନାହିଁ। ସେ ଚାହିଁଥିଲେ କଳହମାନ ତିନି ଗୋଷ୍ଠୀଙ୍କୁ ଏକତ୍ର ବସେଇ ଶାସ୍ତ୍ର ଆଲୋଚନା ମାଧ୍ୟମରେ ସାମାଜିକ ସ୍ଥିରତା ଫେରାଇ ଆଣିବାକୁ, ଏହାର ପ୍ରମାଣ ମଧ୍ୟ ମିଳୁଛି। ଧ୍ୱଂସସ୍ତୁପରୁ ତିନିଟି ପଟ ମିଳିଛି , ଯେଉଁଥିରେ ଶିବଲିଙ୍ଗ, ଜଗନ୍ନାଥ ଓ ମା- ଭବାନୀଙ୍କୁ ଗୋଟିଏ ଆସନରେ ବସାଇ, ରାଜା ଜୋଡହସ୍ତେ ଛିଡା ହୋଇଛନ୍ତି । ନରସିଂହଦେବଙ୍କ ଏପରି ଧର୍ମ ସମନ୍ୱୟ ଚିନ୍ତା ତାଙ୍କର ଅନ୍ୟାନ୍ୟ କୀର୍ତ୍ତିରେ ମଧ୍ୟ ପ୍ରତିଫଳିତ ହୋଇଛି, ଯାହାର ବିସ୍ତୃତ ଆଲୋଚନା ମୋ ପୁସ୍ତକରେ କରିଛି। ଏପରି ଧର୍ମ-ସମନ୍ୱୟର ପୀଠ ରୂପେ ସେ ସୌର-ମନ୍ଦିର ଚୟନ କରିଥିଲେ,କାରଣ ସୂର୍ଯ୍ୟ ଏକମାତ୍ର ଦେବତା ଯାହାଙ୍କ କରୁଣା, ଜାତି, ଧର୍ମ, ବର୍ଣ୍ଣ ଏବଂ ଦେଶର ବିଭାଜିକା ଅମାନ୍ୟ କରି ସଭିଙ୍କ ଉପରେ ସମଭାବେ ବିତରିତ ହୋଇଥାଏ। ସର୍ବଧର୍ମ ସମନ୍ୱୟର ବୀଜ ଏ ତ୍ରୟୋଦଶ ଶତାବ୍ଦୀର ମନ୍ଦିରରେ ପୋଥିତ ଅଛି, ଯାହା ଆଜିକାର କଳହମତ୍ତ ସମୟରେ ମଧ୍ୟ ସମ ଭାବେ ପ୍ରଯୋଜ୍ୟ।

ଆଲୋଚିତ ଦୁଇଟି କାରଣରୁ ଗୋଟିଏ ନୂତନ ସୂର୍ଯ୍ୟ ମନ୍ଦିର ଗଢ଼ିବାର ପ୍ରୟୋଜନୀୟତା ବୋଧ କରିଲି - ଶିଳ୍ପ ମାଧ୍ୟମରେ ବେଦାନ୍ତ ଦର୍ଶନର ପ୍ରଚାର ଏବଂ ଧର୍ମ ମାଧ୍ୟମରେ ଧର୍ମ-ସମନ୍ୱୟ ଜନ୍ମ ନେଲା Kalinga Heritage Preservation Trust (KHPT) ୨୦୧୨ରେ। ସେ ସମୟରେ ଏବଂ ତାହା ପୂର୍ବେ ମଧ୍ୟ ଦ୍ୱିତୀୟ କୋଣାର୍କ ନିର୍ମାଣର ଚେଷ୍ଟା ହୋଇଛି କିନ୍ତୁ ସଫଳ ହୋଇନାହିଁ, କାରଣ ଜନମାନସରେ ଗୋଟିଏ ଭୁଲ ଧାରଣା ଗଢ଼ି ଉଠିଛି - ଏହା ପ୍ରସ୍ତର ଶିଳ୍ପୀଙ୍କ କାର୍ଯ୍ୟ। ଭାସ୍କର୍ଯ୍ୟ, ମନ୍ଦିର ନିର୍ମାଣରେ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଭାସ୍କର ସ୍ଥପତି ନୁହନ୍ତି ଏବଂ ମନ୍ଦିର ନିର୍ମାଣ ଗୋଟିଏ Multi discipline task, ଏଥିରେ ଜଡ଼ିତ ଇଞ୍ଜିନିଅର - ବିଶେଷରୂପେ ଇଞ୍ଜିନିଅରିଂ ଗବେଷଣା, ପ୍ରସ୍ତର ବିଶେଷଜ୍ଞ, ସ୍ଥପତି, ଐତିହାସିକ, ବେଦଜ୍ଞ ଏବଂ ଅବଶ୍ୟ ଭାସ୍କର। ଦୁଃଖର ସହିତ କେତୋଟି କଥା କହିବାକୁ ବାଧ୍ୟ ହେଉଛି । ପୁରାତନ ମନ୍ଦିର ନିର୍ମାଣ ପଛରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ଥିଲା, ଯାହା ଲୋପ ପାଇ ଯାଇଛି। ଗବେଷଣା ମାଧ୍ୟମରେ ତାହାର ଉନ୍ମୋଚନ ସମ୍ଭବ। ଆଜି ଓଡ଼ିଆ ପୁଅ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ତୁଙ୍ଗକୁ ଉଠିଲେଣି ; କିନ୍ତୁ ଭୁବନେଶ୍ୱର IIT ଏବଂ ରାଉରକେଲା NITରୁ ଜଣେ ହେଲେ ବାହାରିଲେ ନାହିଁ ସେ ଗବେଷଣା କରିବାକୁ। ମାନ୍ଦ୍ରାଜ IIT ଆଗଭର ହୋଇ ଗୋଟିଏ ବିଷୟରେ ଗୋଟିଏ phD କରିଲେ, ଯାହାର ପ୍ରୟୋଗ ଆଉ ଗୋଟିଏ ଗବେଷଣା ପ୍ରୟୋଜନ କରୁଛି। ଓଡ଼ିଆ ଜାତି, ଧର୍ମପଦର ଅଳିକ ଗଳ୍ପରେ ଓଡ଼ିଆ ଅସ୍ମିତା ଖୋଜୁଛି! ଏପରି ପରିସ୍ଥିତିରେ ଆମେ, ଓଡ଼ିଶାର କେତେକ ଖ୍ୟାତନାମା ଇଞ୍ଜିନିଅର, ସ୍ଥପତି, ପ୍ରସ୍ତର ଶିଳ୍ପୀ, ପ୍ରସ୍ତର ବିଶେଷଜ୍ଞ ଓ ବୁଦ୍ଧିଜୀବିଙ୍କୁ ଏକତ୍ରିତ କରି ଗୋଟିଏ Team ଗଢ଼ିଲୁ। ବହୁ ପରିଶ୍ରମ କରି ୪୦୦ କୋଟିର ଗୋଟିଏ ଯୋଜନା ଗଢ଼ିଲୁ। ଏହା ହେବ ବିଶ୍ୱର ଅନ୍ୟତମ ଆକର୍ଷଣ ବିନ୍ଦୁ-କୋଣାର୍କର ଧ୍ୱସ୍ତ ସୂର୍ଯ୍ୟମନ୍ଦିରର ଆତ୍ମିକ ଉତ୍ତରଣ - କପି ନୁହେଁ।

ଏଠାରେ ଗୋଟିଏ କଥା ସ୍ପଷ୍ଟ କରିଦେବାକୁ ଚାହେଁ, ସମଗ୍ର ବିଶ୍ୱରୁ ପର୍ଯ୍ୟଟକ ଆକର୍ଷଣ କରିବାକୁ ହେଲେ ଦ୍ୱାର ଖୋଲିବାକୁ ପଡିବ। ବିଦେଶୀ ପର୍ଯ୍ୟଟକ ଆଉ ସାପ, ବେଙ୍ଗ, ମ୍ୟାଜିକରେ ସନ୍ତୁଷ୍ଟ ନୁହେଁ। ସେ ଜାଣିବାକୁ ଚାହୁଁଛି ଭାରତ ଭଳି ଏକ ପୁରାତନ ଦେଶର ଧର୍ମାଚରଣରେ କି ଐଶ୍ୱର୍ଯ୍ୟ ଅଛି ଯାହା ଯୁଗ ଯୁଗ ଧରି ସମାଜକୁ ବାନ୍ଧି ରଖିଛି। ଏ ପ୍ରସଙ୍ଗରେ ଅଯୋଧ୍ୟାରେ ଗଠିତ ନୂତନ ରାମ ମନ୍ଦିର କଥା କହିବି। ସେଠାରେ ଅଣହିନ୍ଦୁଙ୍କର ପ୍ରବେଶ ନିଷେଧ ନାହିଁ । ମନ୍ଦିର ପ୍ରତିଷ୍ଠା ହୁଏ ୨୨ ଜାନୁଆରୀ ୨୦୨୪ରେ। ଜୁଲାଇ ମଧ୍ୟରେ ପର୍ଯ୍ୟଟକ ଆସିଛନ୍ତି ସାଢ଼େ ୩୧ କୋଟି, ବିଦେଶୀ ପର୍ଯ୍ୟଟକ ୩୧୫୩। ଓଡ଼ିଶାର ବର୍ଷକୁ ପର୍ଯ୍ୟଟକ ସଂଖ୍ୟା ସାଧାରଣତଃ କୋଟିରୁ କମ୍। ପରିକଳ୍ପିତ ନୂତନ ସୂର୍ଯ୍ୟମନ୍ଦିର ଆଣିପାରିବ ବିଶାଳ ପରିବର୍ତ୍ତନ ଯାହା ବିକଶିତ ଓଡ଼ିଶା ସ୍ୱପ୍ନକୁ ଶକ୍ତି ଯୋଗେଇବ।

ଆପଣମାନେ ଶୁଣି ଖୁସି ହେବେ, ପ୍ରକଳ୍ପଟି ମୁଖ୍ୟମନ୍ତ୍ରୀ ଶୁଣିଛନ୍ତି ଏବଂ ପସନ୍ଦ କରିଛନ୍ତି । ଅପେକ୍ଷାରେ ଅଛୁ,ସରକାର କେବେ ଆଗେଇବେ। ଧନ୍ୟବାଦ....।



# ଅପରାଧ, ରହସ୍ୟ ଓ ନ୍ୟାୟର ଅନନ୍ୟ କାହାଣୀ ଡେଲିଭରି ବୟ ୨

ଅ ଓଡ଼ିଆ ଫିଲ୍ମ ଜଗତରେ "ଡେଲିଭରି ବୟ"ର ସଫଳତା ପରେ ଏକ ଅନନ୍ୟ ରୋମାଞ୍ଚକ କାହାଣୀ ଆଣିଛି "ଡେଲିଭରି ବୟ ୨", ଏକ ଥ୍ରିଲର ଫିଲ୍ମ ଯାହା ଅନ୍ୟାୟ, ମିଡିଆ ହେରଫେର ଓ ଗଭୀର ରହସ୍ୟ ସହ ଦର୍ଶକଙ୍କ ମନ ଜିତିବ।

ପାର୍ଥ ଜଣେ ଡେଲିଭରି ବୟ ଯିଏ ନିଜର ଜୀବିକା ପାଇଁ କାମ କରୁଛନ୍ତି, ତାଙ୍କ ବାପା ହେଉଛନ୍ତି ଜଣେ ପୋଲିସ କନଷ୍ଟେବଲ। ପାର୍ଥଙ୍କ ପ୍ରେମିକା ଏକ ନ୍ୟୁଜ୍ ଚ୍ୟାନେଲରେ ରିପୋର୍ଟର ଭାବେ ଯୋଗ ଦେଇଛନ୍ତି, କିନ୍ତୁ ତାଙ୍କ ଉପରେ ଭାଇରାଲ ନ୍ୟୁଜ ଦେବା ପାଇଁ ଅଧିକାରୀଙ୍କ ଚାପ ଥାଏ। ଏକ ଦୁଷ୍ଟ ଓ ମୂର୍ଖ ରିପୋର୍ଟର ତାଙ୍କ ସହଯୋଗୀ, ଭ୍ରାମକ ଖବର ଦେଇ ଲୋକପ୍ରିୟତା ହାସଲ କରେ । ଏପଟେ ପାର୍ଥଙ୍କ ଏକ ଡେଲିଭରି ସ୍ଥାନରେ ହତ୍ୟା ଘଟେ। ସମାନ ଦୁଇଟି ଅନ୍ୟ ହତ୍ୟା ପରେ ଏକ ସ୍ପେସିଆଲ୍ ଅଫିସର ଏହି ସିରିଏଲ୍ କିଲିଂର ତଦନ୍ତ ଆରମ୍ଭ କରନ୍ତି। ପାର୍ଥଙ୍କ ପରିବାର ଓ ଘଟଣାସ୍ଥଳୀ ସହିତ ତାଙ୍କ ସଂଯୋଗ ଦେଖି ସନ୍ଦେହ ଉଠେ। ପ୍ରକୃତ ହତ୍ୟାକାରୀ କି ଧରାପଡ଼ିବେ ତ ? ତେବେ କାହାଣୀର ଆରମ୍ଭ ହୁଏ ଏହିଠାରୁ ।

ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜକ ଓ କାହାଣୀ ଲେଖିଛନ୍ତି ଜେଆରଏମ । ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଚ୍ଚିତା, ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ପ୍ରିୟମ୍ୱଦା, ଶ୍ରୀତମ ଦାସ, ଭୁପିନ୍ଦର, ବିଶେଷ ଭୂମିକାରେ ଭୂମିକା ଓ ସନ୍ତୁ ନିଜେ ତଥା କ୍ରିଏଟିଭ ହେଡ ଅଛନ୍ତି ପ୍ରଣୟ ଜେଠୀ । ଡ଼. ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀ ଙ୍କ ଗୀତଗୁଡିକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ କଣ୍ଠ ଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନନ୍ୟା ଶ୍ରୀତମ ନନ୍ଦ, ଅନ୍ତରା ଓ ମଣ୍ଟୁ ଛୁରିଆ ।

ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ଏହି ଫିଲ୍ମର ପରବର୍ତ୍ତୀ ଭାଗ ବୋଲି ଆଶା କରିଛନ୍ତି ଫିଲ୍ମର ପ୍ରଡକ୍ସନ ଟିମ ଓ କ୍ରିଏଟିଭ ହେଡ ପ୍ରଣୟ ଜେଠୀ ।

# ଅଭିନେତା ଅର୍ଦ୍ଧେନ୍ଦୁଙ୍କ ଦଶହରା ଭେଟି ନୂଆ ଓଡ଼ିଆ ଚଳଚ୍ଚିତ୍ର ଚ୍ୟାଲେଞ୍ଜ

ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଚର୍ଚ୍ଚିତ ନାଁ । ଅଭିନୟ ସହିତ ପ୍ରଯୋଜନା କ୍ଷେତ୍ରରେ ପାଦ ରଖି ଓଡ଼ିଆ ଚଳଚ୍ଚିତ୍ର ଜଗତର ଗାରିମାକୁ ସେ ବଢ଼େଇବାରେ ସହାୟ ହୋଇଛନ୍ତି । ପୂର୍ବରୁ ବ୍ଲାକମେଲ, ଅ ଆ ହର୍ଷଇ ସହିତ ଭିଲେନ୍ ଭଳି ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରି ଓଡ଼ିଆ ଦର୍ଶକଙ୍କୁ ବହୁତ ମନୋରଞ୍ଜନ ଯୋଗାଇଛନ୍ତି । ଗତକାଲି ଅର୍ଦ୍ଧେନ୍ଦୁ ଙ୍କର ଆଗାମୀ ଚଳଚ୍ଚିତ୍ର ଚ୍ୟାଲେଞ୍ଜର ଫାଷ୍ଟ ଲୁକ୍ ମୁକ୍ତିଲାଭ କରିଛି । ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର ରେ ଏହା ହେଉଛି ୬ଷ୍ଠ ଅବଦାନ । ସବୁବେଳେ କିଛି ନୂଆ କରିବା ପାଇଁ ଚେଷ୍ଟା କରଥାନ୍ତି ଅର୍ଦ୍ଧେନ୍ଦୁ । ଚ୍ୟାଲେଞ୍ଜରେ ମଧ୍ୟ କିଛି ନୂଆ କରିବା ପାଇଁ ମହାଭାରତର ସେଇ ନାମୀ ଦାମୀ ଚରିତ୍ରରେ ଅଭିନୟ କରିଥିବା ପୁନିତ ଇସାର ଓରଫ ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ । ଅଭିନେତ୍ରୀ ଚୁଲବୁଲି ନାୟିକା ଏଲିନା ସାମନ୍ତରାୟ ଙ୍କୁ ଦର୍ଶକେ ଚ୍ୟାଲଞ୍ଜ ରେ ଦେଖିବାକୁ ପାଇବେ । ନୂଆ କଥା ମ୍ୟୁଜିକ୍ ଭିଡିଓ ଜାଇଫୁଲ ର ସଫଳ ଯୋଡ଼ି ଲିପି ଓ ପୁପିନ୍ଦର ସିଂହ ଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ । ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚ୍ୟାଲେଞ୍ଜ ଚଳଚ୍ଚିତ୍ର ର ନିର୍ଦ୍ଦେଶନା ଭାର ନେଇଥିବା ବେଳେ, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ଚିତ୍ରତୋଳନ କରିଛନ୍ତି ପ୍ରତାପ ରାଉତ, ପ୍ରଚାର ପ୍ରସାର ଓ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ । ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ନାୟକ।ଚଳଚ୍ଚିତ୍ରଟି ଆସନ୍ତା ଦଶହରାରେ ସାରା ଓଡ଼ିଶାରେ ପ୍ରକାଶ ଫିଲ୍ମସ ଡିଷ୍ଟ୍ରିବ୍ୟୁସନ ବ୍ୟାନରରେ ମୁକ୍ତିଲାଭ କରିବ।



ଭରତ ଚନ୍ଦ୍ର ବାରିକ

ଦିଗହରା ଯାତ୍ରା ଜଗତ



# ନାଟକ କାନ୍ଦୁଛି, ବିବାଦ ତେଜୁଛି

ଯଲିଉଡ୍ ଭାବେ ସୁପରିଚିତ ଯାତ୍ରା ଜଗତ ଆମ ରାଜ୍ୟ ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଉଚ୍ଚ ମାନର ନାଟକ ଓ କଳାକାରଙ୍କ ନିଚ୍ଛକ ଅଭିନୟ ଦର୍ଶକମାନଙ୍କୁ ଭାବବିହ୍ୱଳ କରିବା ସହିତ ଯାତ୍ରା ପ୍ରତି ଆକର୍ଷିତ କରାଇ ଯଲିଉଡ୍ର ଟେକ ରଖିପାରିଛି । ବିଶେଷକରି ପ୍ରଯୋଜକମାନେ ନିଜ ନିଜ ଅଭିଜ୍ଞତା, ଦକ୍ଷତା ଓ ଅର୍ଥ କ୍ଷମତା ବଳରେ ଯାତ୍ରାନୁଷ୍ଠାନ ଗଢ଼ି ଆମ ରାଜ୍ୟର ଲକ୍ଷ ଲକ୍ଷ କଳାକାର, ନାଟ୍ୟକାର, ନିଦେ୍ର୍ଦଶକ, ସଂଗୀତ ନିଦେ୍ର୍ଦଶକ, ଟେକ୍ନିସିଆନ ଓ କର୍ମଚାରୀମାନଙ୍କୁ ନିୟୋଜିତ କରି ବେକାରୀ ସମସ୍ୟାରୁ ରକ୍ଷା କରିପାରିଛନ୍ତି । କିନ୍ତୁ ପରିସ୍ଥିତି ଏବେ ସମ୍ପୂର୍ଣ୍ଣ ବଦଳି ଯାଇଥିବାରୁ ଯଲିଉଡ୍ ପାଇଁ ସଂକଟ ମାଡ଼ି ଆସୁଛି । ପ୍ରଯୋଜକମାନଙ୍କ ମଧ୍ୟରେ ଏକତା ନଥିବାରୁ ଯାତ୍ରା ଜଗତର ସ୍ଥିତି ବେହାଲ ହୋଇପଡ଼ିଛି । ଯାତ୍ରାପାର୍ଟି ବଦଳି ଚାଲିଥିବା ବେଳେ ଯାତ୍ରା ମଂଚରୁ ଭଲ ନାଟକ ଅଦୃଶ୍ୟ ହୋଇଗଲାଣି । ସେଥିପାଇଁ ଲଂଗୁଳି ନୃତ୍ୟ ପରିବେଷଣକୁ ଗୁରୁତ୍ୱ ଦିଆଯାଉଛି, ଯାହା ଯାତ୍ରା ଜଗତ ପାଇଁ ନିନ୍ଦା ଅପବାଦର କାରଣ ହୋଇଛି । ଅଧିକାଂଶ କଳାକାର ପ୍ରତିବର୍ଷ ପାର୍ଟି ପରେ ପାର୍ଟି ବଦଳାଇ ମୋଟା ଅଂକର ଅର୍ଥ ହାସଲ କରିବାକୁ ଲାଗିପଡ଼ିଛନ୍ତି । ଏପରିକି କେତେକ କଳାକାର ପ୍ରଯୋଜକ ଓ ନାଟ୍ୟକାରମାନଙ୍କୁ କବ୍ଜା କରି ନିଜ ନିଜ ନାଁରେ ନାଟକ ପ୍ରସ୍ତୁତ କରି ଯାତ୍ରାଜଗତକୁ ନିନ୍ଦିତ କରିଚାଲିଛନ୍ତି ।

ନାଟକ ହେଉଛି ସମାଜର ଦର୍ପଣ । ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତ, ସଜାଗ ଓ ସଚେତନ କରାଯିବା ସହିତ ଉଲ୍ଲସିତ କରାଯାଏ । ଏଇ ଯେମିତି 'କିଏ କାହାର', 'ଦୁନିଆ ଟଙ୍କାର ଗୋଲାମ', 'ନର୍କରୁ ନିର୍ମାଲ୍ୟ', 'ଦେଢ଼ ଦିନର ସ୍ୱାମୀ', 'ଆ ଜହ୍ନ ମାମୁ ଶରଦ ଶଶୀ', 'ଜେଜେ ତୁମେ ମିଛ କହିଲ', 'ଜୀଅନ୍ତା ଶବ', 'ଭଲ ମଣିଷ ଖୋଜାଚାଲିଛି', 'କଉଡି ଖେଳ', 'ମୋ ପେଁକାଳୀ ବଜାଇଦେ', 'ଶାଗୁଣା ବସିଛି ଡେଣା ମେଲାଇ', 'ଅନ୍ଧ ଦେଶେ ଗଲି ଦର୍ପଣ ବିକି', 'ଖଜୁରି ଗଛର କି ଗୁଣ ଗାଇବି..' ଆଦି ବହୁ କାଳଜୟୀ ନାଟକ ଦର୍ଶକମାନଙ୍କୁ ଯାତ୍ରା ପ୍ରେମରେ ବାନ୍ଧି ରଖିବା ସହିତ ଯଲିଉଡକୁ ସମୃଦ୍ଧ କରିପାରିଛି । କିନ୍ତୁ ଏବେ ଏଭଳି ନାଟକ ଯାତ୍ରା ମଂଚରୁ ହଜିଗଲାଣି । କହିବାକୁ ଗଲେ ଯାତ୍ରା ମଂଚରେ ନାଟକ କାନ୍ଦୁଛି । ଯାତ୍ରାଜଗତ ଦିଗହରା ହୋଇଥିବାରୁ ଭଲ ନାଟ୍ୟକାର ଦୂରେଇଗଲେଣି । କେତେକ ନାଟ୍ୟକାର, ନିଦେ୍ର୍ଦଶକ ସେମାନଙ୍କ ଶିଷ୍ୟ ତୁଲ୍ୟ କଳାକାରଙ୍କ ପାଖରେ ଏକ ପ୍ରକାର ବନ୍ଧା ପଡିଛନ୍ତି । ସେମାନଙ୍କ ନାଁରେ ନାଟକ ପ୍ରସ୍ତୁତ କରାଯାଉଥିବାରୁ ସବୁଆଡ଼େ ନିନ୍ଦାର ନାଗରା ବାଜୁଛି । ଏଇ ଯେମିତି 'ଏକା ଲଢ଼ିବ ରାଣୀ ପଣ୍ଡା', 'ରାଣୀ ପଣ୍ଡାଙ୍କୁ ଖଣ୍ଡଗିରି ମନା', 'ଓଡିଶାର ମୁଖ୍ୟମନ୍ତ୍ରୀ ରାଣୀ ପଣ୍ଡା', 'କହ ଗୌର ଦାସ କାହାର ଦୋଷ', 'ହେ ଗୌରା କାଇଁ କାନ୍ଦୁଛୁ', 'କେତେ କାନ୍ଦିବୁରେ ଗୌର ଦାସ' ଆଦି ନାଟକ ଯାତ୍ରାଜଗତର ସ୍ଥିତିକୁ ହଲ୍‌ଚଲ୍ କରିଚାଲିଛି । ଉଲ୍ଲେଖଯୋଗ୍ୟ ଯେ ବହୁ ଆଗରୁ ସୁପରଷ୍ଟାର ଦୈତାରୀ ପଣ୍ଡାଙ୍କ ନାମରେ କୋଣାର୍କ ଗଣନାଟ୍ୟ ପକ୍ଷରୁ ନାଟକ 'ଦୈତାରୀ ପଣ୍ଡା ବାହାହଉଛି' ପ୍ରସ୍ତୁତ ହୋଇ ମଂଚସ୍ଥ ହେବା ପରେ 'ସୁରେଶ ପଣ୍ଡା ବନ୍ଧା ପଡ଼ିଛି', 'ସଂଜକୁ ଆସିବ ସଂଜୟ ଭୋଳ', 'ଉଷସୀ ମିଶ୍ର ଟାର୍ଗେଟରେ ରାଇମୋହନ' ଆଦି ନାଟକ ଯଲିଉଡ ପାଇଁ ନିନ୍ଦା, ସମାଲୋଚନା ଆଣିଛି । ସମ୍ପୃକ୍ତ କଳାକାର ପାର୍ଟି ବଦଳାଇବା ପରେ ସେହିସବୁ ନାଟକ ବି ବନ୍ଦ୍ ହୋଇଯାଉଛି ।

ବିଶେଷକରି ପ୍ରଯୋଜକ, ନାଟ୍ୟକାର, ନିଦେ୍ର୍ଦଶକ, କଳାକାରମାନଙ୍କ ମଧ୍ୟରେ ସମ୍ପର୍କର ଡୋର ଛିଡିଯାଇଥିବାରୁ ଯାତ୍ରା ବିବାଦ ରୋଚକ ମୋଡ଼ରେ ପହଂଚିଛି । ତୁଳସୀ ଗଣନାଟ୍ୟର ପ୍ରଯୋଜକ ଅନନ୍ତ ନାରାୟଣ ଧଳ (ନାଣ୍ଡୁବାବୁ)ଙ୍କ ବିରୋଧରେ ହାସ୍ୟାଭିନେତା ନରି ପଣ୍ଡାଙ୍କ ସମେତ କେତେକ କଳାକାରଙ୍କ ଅଭିଯୋଗ ବି ସଂକଟ ଆଣିଛି । ଖଳନାୟକ ପୀଉଷ ତ୍ରିପାଠୀ ଦୁଇ ଯାତ୍ରାପାର୍ଟିରୁ ଆଣିଥିବା କୋଟିଏ ୧୫ ଲକ୍ଷ ଟଙ୍କା ଫେରାଇବା ଖବର ବି କଳାକାରଙ୍କ ଅର୍ଥ ରୋଜଗାରର ଗୁମର ଖୋଲିଛି ।

ଏଭଳି ଜଟିଳ ପରିସ୍ଥିତିରେ ବି ୨୦୨୫-୨୬ ଯାତ୍ରା-ଋତୁ ପାଇଁ ଆଖଡ଼ା ଚାଲିଛି । ଅପେରା ଶ୍ରୀମନ୍ଦିର, ଅପେରା ରାଜ୍ ଦରବାର, ଅପେରା ପ୍ରମୋଦିନୀ, ଯାତ୍ରା ଓଁକାର ଆଦି ନୂତନ ଯାତ୍ରାନୁଷ୍ଠାନର ଆଖଡ଼ା ସରଗରମ ହେବାରେ ଲାଗିଛି । ଅଭିନେତ୍ରୀ ରାଣୀ ପଣ୍ଡା ନୂଆ ପାର୍ଟି ଯାତ୍ରା ନାଟ୍ୟ ମଣ୍ଡପ ଶୁଭାରମ୍ଭ କରି ରଅଭିନେତ୍ରୀରୁ ପ୍ରଯୋଜିକାର ପରିଚୟ ହାସଲ କରି ଚର୍ଚ୍ଚାଘେରରେ ଅଛନ୍ତି । ଯଲିଉଡର ଏଭଳି ନିନ୍ଦନୀୟ ପରିସ୍ଥିତି ପାଇଁ ଯାତ୍ରାପ୍ରେମୀ ଦର୍ଶକ ନିରୁତ୍ସାହିତ ହୋଇପଡ଼ିଥିବା ବେଳେ ବିଭିନ୍ନ ଯାତ୍ରା କମିଟି ମଧ୍ୟ ଯାତ୍ରା ବନ୍ଦ୍ ପାଇଁ ସତର୍କ କରାଇଲେଣି ।

କଥାଟିଏ କହୁଁ (୨)



ପ୍ରଶାନ୍ତ ନନ୍ଦ

# କୁକୁର ଦୌରାତ୍ମ୍ୟ



"ବାବୁଲାଲ ଦୋଷି"ଙ୍କ ପ୍ରଥମ ଚଳଚ୍ଚିତ୍ର 'ଅମଡାବାଟ' ହିଟ୍ ହୋଇଗଲା ପରେ ବହୁତ ପଇସାବାଲା କଟକିଆ, ଫିଲିମ୍ କରିବାକୁ ମାତିଗଲେ। ତାଙ୍କରି ଭିତରୁ ଜଣେ, ତାଙ୍କ ନାଁ ଚିନ୍ମୟ ପଟ୍ଟନାୟକ । ବେପାରଧନ୍ଦାରୁ ଭଲ ପଇସା କମେଇଥିଲେ। କଟକ ମ୍ୟୁନିସିପାଲିଟିଟା ପୁରା ତାଙ୍କ କବ୍‌ଜାରେ ଥିଲା। ତାଙ୍କର ପୁଳାଏ ଚାମଚା ତାଙ୍କୁ ମତେଇ ଦେଲେ, 'ଚିନୁ ବାବୁ' ତମେ ଗୋଟାଏ ଫିଲିମ୍ କାଢ଼ି ପକଉନ? ଓଡ଼ିଶା ସାରା ଚମକିଯିବ ତୁମେ ! ତା'ଛଡ଼ା ତୁମେ ତ ତୁମ ଗାଁ ନାଟରେ ପାର୍ଟ କରିଛ , ତମକୁ ତ ସବୁ ଜଣା ; କରୁନ ଗୋଟେ ଫିଲିମ୍!

ଚିନୁ ବାବୁ ମାତିଗଲେ। ହେଲେ ଫିଲିମ୍‌କୁ ଡାଇରେକ୍ଟର ଦରକାର। ଗୋଟାଏ ନୁହେଁ ତିନି ତିନିଟା ଡାଇରେକ୍ଟର ସାଙ୍ଗେ କଥା ହେଲେ । ଯାହା ସାଙ୍ଗରେ କଥା ହେଲେ ତାଙ୍କୁ ଡାଇରେକ୍ଟର ହେବେ ବୋଲି କହିଦେଲେ। ଆଉ ଡାଇରେକ୍ଟର ହବା କଥା ଶୁଣି ତିନି ଜଣ ଯା'କ ଚିନୁବାବୁଙ୍କ ସାଙ୍ଗରେ ଲେପେଟି ଗଲେ। କାହାଣୀ ଖୋଜା ହେଇ ହେଇ ଶେଷକୁ ଠିକଣା ହେଲା ଫିଲିମ୍‌ର ନାଁ ଟା "ଭାଇ ଭାଉଜ"। ଆମ ଓଡ଼ିଆ ଦର୍ଶକଙ୍କୁ ଏ ଟାଇଟଲ୍‌ଟା ଏକଦମ୍ ଫିଟ୍ ହେବ। ପୁଣି କହିଲେ ବୁଝିଲେ "ଚିନୁ ବାବୁ", ବନ୍‌ସି କଣ୍ଟା ଆଗରେ 'ଜିଆ' ଲଗେଇ ପୋଖରୀରେ ପକେଇଲେ, ଯେମିତି ମାଛମାନେ ତା'କୁ ଢୋକି ଘୋଷଡ଼ା ହୋଇ ହୁଡା ଉପରକୁ ଆସନ୍ତି, ଏ 'ଟାଇଟଲ୍' ଶୁଣି ସମସ୍ତେ ସିନେମା ହଲ୍‌ରେ ଜମା ହୋଇଯିବେ। ଫିଲିମ୍ ହୋଇଯିବ ସୁପର୍ ହିଟ୍ !!!

ତିନିଜଣ ଡାଇରେକ୍ଟର ହେଲେ ସାମୁଏଲ୍ ସାହୁ, (ବାବି), ବ୍ୟୋମକେଶ ତ୍ରିପାଠୀ ଆଉ ଗୋପାଳ ଘୋଷ। କାହାକୁ ନେବେ କାହାକୁ ନ ନେବେ ଭାବି ଭାବି ତିନିଜଣଙ୍କୁ ନେଇଗଲେ ସେ, ଆଉ ନାଁ ଦେଲେ "ସାରଥି"। ସେତେବେଳେକାର ମହାନ୍ କଥାକାର ଶ୍ରୀ ରାମଚନ୍ଦ୍ର ମିଶ୍ରଙ୍କ କାହାଣୀକୁ ଜବର କରି ଧଇଲେ "ସାରଥି"। ବମ୍ବେ ବି ପଳେଇଗଲେ, 'ମାନ୍ନା ଦେ'ଙ୍କ ଗଳାରେ ଗୀତଟିଏ କରିବା ପାଇଁ । କଟକ ପୁରା ଝାଇଁଝାଇଁ ହଉଥିଲା ଏ ଫିଲିମ୍ ଖବରରେ। ନୃତ୍ୟ ନିର୍ଦ୍ଦେଶନାରେ କେଳୁ ବାବୁ, ସଂଯୁକ୍ତା ପାଣୀଗ୍ରାହୀଙ୍କୁ ନିଆଗଲା। ନାଚ ପାଇଁ ଆଉ କଳାକାରମାନେ ରହିଲେ ଶରତ ପୁଜାରୀ, ବାବି, ମଣିମାଳା, ରାମଚନ୍ଦ୍ର ପ୍ରତିହାରୀ, ବ୍ୟୋମକେଶ ତ୍ରିପାଠୀ, ପୂର୍ଣ୍ଣ, କୃଷ୍ଣଚନ୍ଦ୍ର ପାଣ୍ଡେ ଇତ୍ୟାଦି ଇତ୍ୟାଦି। ପ୍ରାୟ ସବୁ ବଢ଼ିଆ ବଢ଼ିଆ କଳାକାର ଠେସି ହୋଇ ରହିଲେ ସେ ଫିଲିମ୍‌ରେ। ବାଳକୃଷ୍ଣ ବାବୁ ସଂଗୀତର ବୋଝକୁ ନିଜେ କାନ୍ଧେଇ ନେଲେ। ସବୁ ସଜବାଜ ସରିଲା ପରେ ସୁଟିଂ ଆରମ୍ଭ କରିବା ପାଇଁ ସମସ୍ତେ ଗଲେ ଚିନୁ ବାବୁଙ୍କ ଗାଁ'କୁ। ସବୁ କଳାକାର ଆଉ ଟେକ୍ନିସିଆନ୍‌ଙ୍କ ପାଇଁ ବଢ଼ିଆ ବନ୍ଦୋବସ୍ତ। ଗୋଟାଏ ପଟରେ ଗାଁ ଟା, ଆଉ ଗୋଟେ ପଟେ ବିଲ, ତା' ଆରପଟଟା ବୁଦବୁଦିଆ କିଆ ଜଙ୍ଗଲ, ଆଉ ଯୋଉ ପଟଟା ରହିଲା, ସେଇଟା ନଈବନ୍ଧ, ଆଉ ବନ୍ଧ ତଳେ ନଈ ପାଣି - ସୁର୍ ସୁର୍ ହୋଇ ବହିଯାଉଛି। ସମସ୍ତେ ପହଞ୍ଚିଗଲେ। 'ଚିନୁ ବାବୁ' ତ ତାଉ ଖାଇ ଯାଇଛନ୍ତି। ଶହେଟା ଖାସି ଆଣି ଖୁଆଡରେ ପୁରେଇ ଦେଇଛନ୍ତି। ଏକଦମ୍ 'ଚୋଖା' ଖାଇବାକୁ ଦେବେ ଚିନୁବାବୁ। କ୍ୟାମେରା ଆଉ ସାଉଣ୍ଡ ଭ୍ୟାନ୍ କଲିକତାରୁ ଆସୁଥିଲା। ଜଳେଶ୍ୱର ପାଖରେ ଭ୍ୟାନ୍‌ଟା ଖରାପ ହୋଇଗଲା। ତା'କୁ ସଜାଡ଼ିବାକୁ ପ୍ରାୟ ଦି'ଦିନ ଲାଗିଗଲା। ତେଣୁ ଏଠି ଚିନୁବାବୁଙ୍କ ଗାଁରେ ସମସ୍ତେ ଦିନକୁ ତିନିବେଳା ଖାସି ମାଉଁସ ଖାଇ ଅପେକ୍ଷା କରିଛନ୍ତି। 'ଚିନୁ' ବାବୁଙ୍କ ଦିଲ୍‌ଟା ବହୁତ ବଡ଼, ତେଣୁ ଗୋଟାଏ ଖାସି ଯାଗାରେ ଦିଇଟା ଖାସି କାଟି ଖୁଆଇଲେ। ଯେତିକି ଖାଇପାରିଲେ ଖାଇଲେ, ଆଉ ଯାହା ବଳିଲା, ଫୋପଡ଼ା ହେଲା ୟୁନିଟ୍ ରହିବା ଘର ପଛ ପଟକୁ। ଆସ୍ତେ ଆସ୍ତେ ଏ ଖବରଟା ବ୍ୟାପିଗଲା ଆଖପାଖ କୋଡ଼ିଏ ପଚିଶ ଖଣ୍ଡ ଗାଁ କୁକୁରଙ୍କୁ। ଚାହୁଁ ଚାହୁଁ ଯୁଆଡ଼େ ଚାହିଁବ, ସିଆଡ଼େ ଖାଲି କୁକୁର ହିଁ କୁକୁର। ଆମ କଟକ ବାଲିଯାତ୍ରା ପଡ଼ିଆରେ ଯେମିତି ଲୋକ ହାଉଯାଉ, ସେମିତି ସେ ଗାଁ ନଈବନ୍ଧ, ଜଙ୍ଗଲ ଯୁଆଡ଼େ ଚାହିଁବ ଖାଲି ମାଳ ମାଳ କୁକୁର। ତା'ଭିତରେ ନିଜ ନିଜ ଭିତରେ କଜିଆ ଝଗଡା କରି ଏମିତି ରଡି କଲେ ଯେ, ରାତିରେ ଶୋଇ ପାରିଲେ ନାହିଁ କଳାକାରମାନେ। ପରଦିନ ଆସି କ୍ୟାମେରା ଆଉ ସାଉଣ୍ଡ ଭ୍ୟାନ ପହଁଞ୍ଚିଲା। ସେତେବେଳେ ଡାଇଲଗ୍ ସେଇଠି ସୁଟିଂ ସାଙ୍ଗକୁ ରେକର୍ଡ଼ିଂ ହଉଥିଲା। ସେତେବେଳକୁ ଡବିଂ, ଫବିଂ କିଛି ନ ଥିଲା। କ୍ୟାମେରା ପହଁଞ୍ଚିଲା ପରେ ସମସ୍ତେ ଚଳଚଞ୍ଚଳ। ଯା'ହଉ, କାଲି ସକାଳୁ ସୁଟିଂ ହବ। ବହୁ ଅପେକ୍ଷାର ମୂଳପୋଛ ହୋଇଗଲା।

'ଚିନୁ' ବାବୁ ତାଙ୍କ ଗାଁ ବାଲାଙ୍କୁ ତାଗିଦ୍ କରିଥାଆନ୍ତି, "ସୁଟିଂ ଦେଖିବ, ହେଲେ ଚୁଁ ଚାଁ ବି ହେବନି"। ଗାଁ ବାଲା ଚିନୁବାବୁଙ୍କ କଥା ମାନି ମୁହଁରେ କୋଲପ ଦେଇ ଦେଖୁ ଥାଆନ୍ତି। ପ୍ରଥମ ସଟ୍ ଆରମ୍ଭ ପାଇଁ ସଜବାଜ ହେଲା। ଶରତ ପୁଝାରୀ ଆଉ ମଣିମାଳାଙ୍କ ସିନ୍ ରିହରସଲ୍ ହେଲା। ହେଲେ ଠିକ୍ ସଟ୍ ଆରମ୍ଭ ବେଳକୁ ଶହ ଶହ ସଂଖ୍ୟାରେ ଥିବା କୁକୁରମାନେ ତାଙ୍କର କାମୁଡା କାମୁଡ଼ି ଆରମ୍ଭ କରିଦେଲେ। ସେ ଯୋଉ ଶବ୍ଦ, ସେଥିରେ ସୁଟିଂ କ'ଣ ହେବ! 'ଚିନୁ'ବାବୁଙ୍କ ନିର୍ଦ୍ଦେଶନାରେ ଗାଁ ବାଲା କୁକୁର ଘଉଡେଇବାକୁ ପ୍ରବଳ ଚେଷ୍ଟା କଲେ, ହେଲେ ଏତେ ସଂଖ୍ୟାରେ କୁକୁର, ଜମାରୁ କିଛି ହୋଇପାରିଲାନି ସେଦିନ। ରାତି ସାରା ଗାଁ ବାଲା ଲାଗିଥିଲେ , ହେଲେ ଶହ ଶହ କୁକୁର ଖାଲି ଏପଟ ସେପଟ ହୋଇ ନାକେଇ ରହିଲେ , ଆଉ ସେମିତି କାମୁଡା କାମୁଡ଼ି ଆଉ ବିକଟାଳ ରଡି। ଏମିତି ହୋଇ ଦି'ଦିନ ବିତିଗଲା। ଚିନୁବାବୁ ତ କଟକ ମ୍ୟୁନିସିପାଲିଟିର ମୁଖିଆ , ସାଙ୍ଗେ ସାଙ୍ଗେ ଡକେଇଲେ କଟକ ମ୍ୟୁନିସିପାଲିଟି କୁକୁରଧରାବାଲାଙ୍କୁ। ହେଲେ କୁକୁରଙ୍କ ସଂଖ୍ୟା ଦେଖି , ସେମାନେ ବି ହାତ ଉପରକୁ ଟେକି ପଳେଇଗଲେ। ପାଞ୍ଚ ଛ'ଅଦିନ ବିତିଗଲାଣି । ଗୋଟାଏ ବି ସଟ୍ ହେଇନି। ଏତିକିବେଳେ କୃଷ୍ଣଚନ୍ଦ୍ର ପାଣ୍ଡେଙ୍କ କଥା ଶୁଭିଲା " ହଇଓ , ଏ କୁକୁରଙ୍କୁ ହଟେଇବା କଥା ତ! କାଲି ସକାଳୁ ମୁଁ ଯାଇ ସମାଧାନ କରିଦେବି, ମତେ ଖାଲି ଗୋଟେ ଗ୍ୟାଲନ୍ ପେଟ୍ରୋଲ ଆଉ ଶହେଟା ଷଢ଼େଇ ଆଜି ରାତିରେ ଦେଇଦିଅ"। ଡରିଗଲେ ଚିନୁବାବୁ, ତମେ କ'ଣ କୁକୁରଗୁଡ଼ାଙ୍କୁ ପୋଡ଼ି ମାରିଦେବ ? ହସି ହସି ପାଣ୍ଡେ କହିଲେ " ଆଲୋ ବାପାଲୋ, ଏତେ ବଡ଼ ପାପ କରିବି ? ତୁମେ ଚିନ୍ତା କରନି। କାଲି ସକାଳ ୧୦ଟା ବେଳେ ସୁଟିଂ ଆରମ୍ଭ ହୋଇଯିବ, ଗୋଟାଏ ବୋଲି କୁକୁର ଯଦି ଦେଖିବ , ତାହାଲେ ମତେ ଏ ସିନେମାରୁ ବାହାର କରିଦେବ"। ଚିନୁ ବାବୁ ଆଶ୍ଚର୍ଯ୍ୟ ହୋଇ ଚାହିଥାଆନ୍ତି ଖାଲି। ସକାଳୁ ସକାଳୁ ପାଣ୍ଡେଙ୍କର କାମ ଆରମ୍ଭ ହୋଇଗଲା। ପୁଝାରୀକୁ କହି ଅଧସେର ନାଲି ଲଙ୍କା ବାଟି ସେ ପେଟ୍ରୋଲ୍ ଡ୍ରମ ଭିତରେ ପୁରେଇ ପୁରା ଘୋଳି ଦେଲେ। ସବୁ ଟୋକାମାନଙ୍କୁ ଷଢ଼େଇରେ ସେ ପେଟ୍ରୋଲ ଦେଇ କହିଲେ "କୁକୁରମାନଙ୍କ ଲାଞ୍ଜ ଟେକି ତା'ଙ୍କ ପଛରେ ଏ ଷଢ଼େଇର ପେଟ୍ରୋଲକୁ ଛାଟି ଦେବ। ଯାଅ, ବୁଲି ବୁଲି ଏତିକି କାମ କରିଦିଅ"। ପିଲାମାନେ ତାଙ୍କ କାମରେ ଲାଗିଗଲେ। ଯୋଉ କୁକୁର ପଛରେ ପେଟ୍ରୋଲ ପଡ଼ିଲା, ସେ ଆଗ ବସିଗଲା , ଆଉ ତା'ପରେ ଖାଉଁ ଖାଉଁ ହେଇ ପଛକୁ ଘୋଷାରି ଘୋଷାରି ନଈ ବନ୍ଧକୁ ଉଠିଲେ। ଶହ ଶହ ସଂଖ୍ୟାରେ କୁକୁର ପିଚା ଘୋଷାଡ଼ି ଉଠିବା ଦୃଶ୍ୟ ଯେ ଦେଖିଛି ସେ ଭୁଲି ପାରିବି ନାହିଁ। ତା'ପରେ ପରେ ବନ୍ଧ ତଳକୁ ସେମିତି ଓହ୍ଲେଇ ନଈ ପାଣି ଭିତରେ ପଶିଗଲେ। ଘଣ୍ଟାକ ପରେ ପୁରା ସବୁ କୁକୁର ସଫା - ଆଉ ଗୋଟାଏ ଅଧେ ବି ମିଳିଲେ ନାହିଁ।

ତା'ପରେ 'ଭାଇ ଭାଉଜ' ଫିଲିମ୍‌ର ମହୁରତ ହେଲା। ସୁଟିଂ ହେଲା। ପୁରା ସୁପର୍ ହିଟ୍ ଫିଲିମ୍। ହେଲେ ଏମିତି ବାଧା ବିଘ୍ନ କ'ଣ ପୃଥିବୀରେ କୋଉ ଫିଲିମ୍ ତିଆରି ବେଳେ କେହି ଭୋଗିଥିବେ ? ? ଏ ହଉଛି ଆମ ଓଡ଼ିଆ ଚଳଚ୍ଚିତ୍ର ତିଆରିର ଅସଲ କାହାଣୀ।




**ଏମିତି ଆହୁରି କେତେ ପ୍ରକାରର ଅଛି – କହିବି, ଆର ଥରକୁ**

# ସିନ୍ଦୁର ଛଡ଼େଇ ନେଲା ସବୁ ସରାଗ

ନାରାୟଣ, ନାରାୟଣ। ପ୍ରଦେଶ କଂଗ୍ରେସର ସଭାପତି ବାବୁ ଭକ୍ତଚରଣ ଦାସ ବହୁ ସରାଗରେ ବିଜେଡ଼ିକୁ ମନମୋହନ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାଲାଗି ପରାମର୍ଶ ଦେଇଥିଲେ। ବରମୁଣ୍ଡା ପଡ଼ିଆର ଲୋକବାଡ଼ ସଂଖ୍ୟା ତାଙ୍କୁ ବହୁତ ଉତ୍ସାହ ଦେଇଥିଲା। ସେ ଜାଣିପାରୁଛନ୍ତି, କୋଉଠୁ କିଛି ଖଣି ଧନ ମିଳିଗଲେ ଯୁଦ୍ଧ ଆହୁରି ବ୍ୟାପକ ହୋଇପାରିବ। ଏଭଳି ସମୟରେ ରାଜ୍ୟସଭାରେ ଅପରେସନ ସିନ୍ଦୁର ଉପରେ ଆଲୋଚନା ସବୁ ବିଗାଡ଼ିଦେଲା। ଗଲା ୩୦ ତାରିଖରେ ଏହି ପ୍ରସଙ୍ଗ ଉପରେ ଜୋର୍ ଚର୍ଚ୍ଚା ହୋଇଥିଲା। ଆଲୋଚନାରେ ବିଜୁ ଜନତା ଦଳର ପାଞ୍ଚଜଣ ରାଜ୍ୟସଭା ମଧ୍ୟରେ ଭାଗ ଦେଇଥିଲେ। ବାବୁ ସସ୍ମିତ ପାତ୍ର ଓ ବାବୁ ଶୁଭାଶିଷ ଖୁଣ୍ଟିଆ ଯେଉଁଭଳି ଭାବରେ ଭାରତୀୟ ସେନାର ବୀରତ୍ୱକୁ ପ୍ରଶଂସା କଲେ ତାହା ଶୁଣି ଖୋଦ ପଦ୍ମଦଳିଆ ମଧ୍ୟ ଭାବିଥିଲେ ଯେ ବିଶେଷଣ ପ୍ରୟୋଗରେ ସେମାନେ ବିଶେଷତ୍ୱ ଦେଖାଇ ପାରି ନାହାନ୍ତି। ଏହି ଘଟଣା ସ୍ପଷ୍ଟ ସୂଚନା ଦେଲା ଯେ ଏଠି ମନ୍ତ୍ରୀରେ ଶଂଖ ଓ ପଦ୍ମ ଯେତେ ଝଗଡ଼ା ଲାଗନ୍ତି, ସେଠାରେ ତାହା ଅବଶ୍ୟ ବିଷ୍ଣୁଙ୍କ ଦୁଇ ହାତରେ ଏକତ୍ର ଶୋଭା ପାଉଛନ୍ତି। ଏହି କଥାଟି ଭକ୍ତଚରଣଙ୍କ ଆସ୍ଥାରୂପକ ଲଲାଟରୁ ଜାଣନ୍ତୁ ସିନ୍ଦୁରର ସମ୍ଭାବନାକୁ ପୋଛି ପକାଇଛି। ସେ ଭାବୁଛନ୍ତି, ଏତେସବୁ ଭିତରେ ଥରେ ହେଲେ ଶଂଖ ଦଳିଆ ଓଡ଼ିଶା ସରକାର ସମ୍ପର୍କରେ ପଦେ କିଛି କହିଥାନ୍ତେ କି? ହଁ, ସେଦିନ ଶୁଭାଶିଷ ଖୁଣ୍ଟିଆ ପୁରୀର ସୁରକ୍ଷା ପ୍ରସଙ୍ଗରେ ସୁଦୀର୍ଘ ଭାଷଣଟିଏ ଦେଇଥିଲେ। ଅନ୍ୟ ଯେଉଁ ତିନିଜଣ ରାଜ୍ୟସଭାରେ ଆଲୋଚନା କରିଥିଲେ ସେମାନେ ହେଲେ ବାବୁ ମାନସ ମଙ୍ଗରାଜ, ନିରଂଜନ ବିଶି ଓ ସୁଲତା ଦେଓ। ହଁ, ବିଜେଡ଼ି ତ ସବୁବେଳେ ଭାବେ ଯେ ସେହି ଦଳ ସାଢ଼େ ଚାରିକୋଟି ଓଡ଼ିଆଙ୍କର ପ୍ରତିନିଧିତ୍ୱ କରୁଛି, ତେଣୁ ରାଜ୍ୟସଭାରେ ମଧ୍ୟ ଜଣେ ବିଜେଡ଼ି ଏମ.ପି କହି ପକାଇଲେ ଖାଲି ଆମେ ନୁହେଁ, ଆପଣଙ୍କର ସିନ୍ଦୁରକୁ ସାଢ଼େ ଚାରିକୋଟି ଓଡ଼ିଆ ସମର୍ଥନ କରୁଛନ୍ତି। ଏହା ଭିତରେ ଗୃହମନ୍ତ୍ରୀ ଅମିତ ଶାହ ପୁଣି କହିଲେଣି, ତାଙ୍କ ଦଳ ପାକ୍ ଅଧିକୃତ କାଶ୍ମୀରକୁ ନିଶ୍ଚୟ ଛଡ଼େଇ ଆଣିବ। ତେଣୁ ସେ କଥା ନ ସରିଲାଯାଏ ରାଷ୍ଟ୍ରଭକ୍ତିର ପରିଚୟ ଦେଇଥିବା ବିଜେଡ଼ି ଭକ୍ତଙ୍କୁ ଆଉ କୌଣସି ଉପାୟରେ ସାହାଯ୍ୟ କରିବାର ଆଶା ଦିଶୁନାହିଁ। ସେ ବରଂ ଅନ୍ୟ ଦୋକାନ ଦେଖନ୍ତୁ।




# ଶେଉଳ ଲୁଚିଥିଲେ କୋଉଠି



ବିଜେଡ଼ି ସରକାର ସମୟରେ ଆମେ ଦେଖୁଥିଲୁ, ପ୍ରତିଦିନ କୋଉଠି କିଏ ଅଢ଼େଇ ହଜାର ତ କିଏ ପାଞ୍ଚହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିବା କଥା ଭିଜିଲାନ୍ସ ଜଣାଉଥିଲା। ଆମେ ଭାବୁଥିଲୁ, ଯାହାହେଉ, ବିଜେଡ଼ି ପାନିଆଁ ସବୁ ରାମ୍ପି ସଫା କରି ଦେଲାଣି, ଆଉ କୋଉଠି କେହି ବଡ଼ ଅପରାଧୀ ନାହାନ୍ତି। ମାତ୍ର ବାବୁ ମୋହନଚରଣ ମାଝୀ ସରକାର ଆସିବା ଦିନୁ ପ୍ରତି ସପ୍ତାହରେ ଗୋଟେ ଗୋଟେ ଦଶସେରିଆ ଶେଉଳ ଧରାପଡୁଛନ୍ତି। ତାଙ୍କ ଘରୁ ଦେଢ଼ କୁଇଣ୍ଟାଲ ସୁନା ତ କାହାଘରୁ ୧୨୫ ପ୍ଲଟ ଜବତ, ପୁଣି କାହାଘରୁ ଦେଢ଼କୋଟି ନଗଦ ଟଙ୍କା ତ ଆଉ କାହା ଘର ଛାତଉପରୁ ପଚାଶ ଲକ୍ଷର ନୋଟ। ଏତେ ରମ୍ପାରମ୍ପି ଭିତରେ ତ ପୁଲଫୁଟିଟେ ରହିବା କଥା ନୁହେଁ, ଏତେ ବଡ଼ ବଡ଼ ଶେଉଳ ଲୁଚି ରହିଥିଲେ କଉଠି? ତାହାହେଲେ କଣ ଭିଜିଲାନ୍ସ ଚଢ଼ାଉ ନାଆଁରେ କେବଳ ମନୋରଂଜନ କାର୍ଯ୍ୟ ଚାଲିଥିଲା? ଏହି ଗୋଟିଏ ବର୍ଷ ଭିତରେ ଯେତେ ବଡ଼ ବଡ଼ ଦୁର୍ନୀତି ଧରାପଡ଼ିଲାଣି ତହିଁରୁ ଲାଗୁଛି ଆହୁରି ଅନେକେ ଅଛନ୍ତି। ହୁଏତ ଏମାନେ ପୂର୍ବ ସରକାରଙ୍କୁ ଚାନ୍ଦାଭେଦା ଦେଇ ବା ଆଉ କିଛି କରି ବଂଚି ଯାଇଥିଲେ। ଓଡ଼ିଶା ପରି ଗୋଟେ ଗରିବ ରାଜ୍ୟରେ ଏ ଧରଣର କୋଟିପତିମାନଙ୍କର ଅବିଷ୍କାର ବାସ୍ତବରେ ଉଦ୍‌ବେଗ ଜନକ।


# ଶ୍ରୀରାମ ଦଳ ଓ ଶ୍ରୀରାମ କୌଶଳ

ଏହା ଭିତରେ ଆମେ ନୀଳାଦ୍ରି ବିହାର ପାର୍କ, ପୋଖରିପୁଟ ମଧୁସୂଦନ ପାର୍କ ଏବଂ ସ୍ୱସ୍ତି ପ୍ରିମିୟମ ପାଖେ ଥିବା ତିନିଟି ପାର୍କକୁ ଗୋଟିଏ ଗୋଟିଏ ଦିନ ଲାଗି ଯାଇଥିଲୁ। ସେଠାରେ ଦେଖିଲୁ ଯେ ସକାଳୁ ସକାଳୁ ଲୋକେ ସ୍ୱାସ୍ଥ୍ୟ କଥା କମ୍, ରାଜନୀତି କଥା ବେଶି ଆଲୋଚନା କରୁଛନ୍ତି। କେଉଁ ମନ୍ତ୍ରୀଙ୍କର ଗୁରୁତ୍ୱ ବଢ଼ୁଛି, କାହାର ଲୋକପ୍ରିୟତା କମୁଛି, ସରକାରଙ୍କର କୋଉ କଥାକୁ ଲୋକେ ଭଲ ଓ ଆଉ କୋଉ କଥାକୁ ଖରାପ କହୁଛନ୍ତି ଠାରୁ ନେଇ କେଉଁ ମନ୍ତ୍ରୀ ଯିବେ ଓ କେଉଁ ମନ୍ତ୍ରୀ ଆସିବେ ସବୁ ଆଲୋଚନା ହେଉଛି। ଏ କଥା ଶୁଣି ଆମ ମୁଣ୍ଡକୁ ଗୋଟେ ଆଇଡ଼ିଆ ଆସିଲା। ବର୍ତ୍ତମାନ ତ ଓଡ଼ିଶାର ଖବର କାଗଜ ଗୁଡ଼ିକ ଏକ ପ୍ରକାର 'ଯୁଦ୍ଧ ବିରତି' ଘୋଷଣା କରିଛନ୍ତି। ଛୋଟ ମୋଟ କାଗଜ ଟିକେ ଯାହା କିଛି ସରକାରଙ୍କୁ ଅପ୍ରିୟ ଲାଗିଲା ପରି ଲେଖୁଛନ୍ତି। ନହେଲେ ବଡ଼ ବଡ଼ କାଗଜ ସବୁ ଚୁପ୍। ମାତ୍ର ଏହା ସମାଜର ବାସ୍ତବ ଚିତ୍ର କି ନାହିଁ ମୋହନ ସରକାର ଜାଣିବେ କିପରି? ସିଏ ତ ଅବଶ୍ୟ ପଢ଼ିଛନ୍ତି, ଅଯୋଧ୍ୟାର ରାଜା ଶ୍ରୀରାମଚନ୍ଦ୍ର ବିଶ୍ୱସ୍ତ ଗୁଇନ୍ଦା ରଖିଥିଲେ, ବେଳେ ବେଳେ ନିଜେ ବି ଛଦ୍ମବେଶରେ ଯାଇ ଖବର ବୁଝୁଥିଲେ। ତାଙ୍କ ପାଖେ ଯୋଉ ଗୁଇନ୍ଦାମାନେ ଅଛନ୍ତି ସେମାନେ ଏପର୍ଯ୍ୟନ୍ତ ଶଂଖ ପ୍ରଭାବର ମୁକ୍ତ ହେଲାପରି ମନେ ହେଉନାହିଁ। ତେଣୁ ସେ କିଛି ବିଶ୍ୱସ୍ତ ଲୋକଙ୍କୁ ନେଇ ବିଭିନ୍ନ ସହରର ପାର୍କରେ ବୁଲୁଥିବା ଲୋକଙ୍କ କଥା ଶୁଣନ୍ତୁ। ସେମାନଙ୍କଠାରୁ ଭଲ ଫିଡ଼ବ୍ୟାକ୍ ମିଳିବ।



# କ୍ଷମତା ରାଜନୀତି ଓ ବନ୍ଧୁତ୍ୱ

ବିଖ୍ୟାତ ଲେଖକ ସୁରେନ୍ଦ୍ର ମହାନ୍ତି ଲେଖିଥିଲେ, ''ବେଶ୍ୟାର ପ୍ରଣୟ ଅଥବା ଜହ୍ନର ଛାଇରେ ବରଂ ସ୍ଥିରତା ଥାଇପାରେ, ମାତ୍ର କ୍ଷମତା ରାଜନୀତିରେ ବନ୍ଧୁତ୍ୱ ଓ ବୈରୀ ଚଲାମେଘ ପରି ଅସ୍ଥିର।'' ଏକଦା ବାବୁ ସଂଜୟ ଲେଙ୍କା ଥିଲେ ବିଜେଡ଼ି ନେତା ଅତନୁ ସବ୍ୟସାଚୀ ନାୟକଙ୍କର ଦକ୍ଷିଣହସ୍ତ। ମାତ୍ର ନିର୍ବାଚନରେ ବାବୁ ଅତନୁ ହାରିଗଲା ପରେ ବାବୁ ସଂଜୟ ମଧ୍ୟ ତାଙ୍କ ହାତ ଛାଡ଼ି ଚାଲିଯିବାକୁ ବାହାରିଛନ୍ତି। ମହାକାଳପଡ଼ାରେ ଏବେ ବାବୁ ଦୁର୍ଗାପ୍ରସନ୍ନଙ୍କ ସମୟ। ସେ ବିଧାୟକ ହେଲାପରେ ସେଠାକାର ବ୍ଲକ ମଧ୍ୟ ତାଙ୍କ ହାତକୁ ଚାଲିଯାଇଥିଲା। ମାର୍ଶାଘାଇ ବିଜେଡ଼ି ହାତରେ ଥାଇ ନଥିଲା ପରି। ସେ ବିଧାୟକଙ୍କୁ ସବୁ ପ୍ରକାର ସମର୍ଥନ କରୁଥିବାରୁ ତାଙ୍କୁ ବିଧାୟକ ଛାଡ଼ିଦେଇଛନ୍ତି। ଏପରି କ୍ଷେତ୍ରରେ ବାବୁ ଅତନୁ ପୁରୁଣା ସହଯୋଗୀ ସଂଜୟଙ୍କ ଜରିଆରେ କିଛି ରାଜନୈତିକ କାର୍ଯ୍ୟ କରିବାକୁ ଆଶା କରୁଥିଲେ। ମାତ୍ର ଗଲା ୨୩ ତାରିଖରେ, ଗୋପଠାରେ ଯୋଉ ସାମାଜିକ ନ୍ୟାୟ ଫୋରମ୍‌ର ସଭା ବସିଥିଲା ତାହାର ବିବରଣୀ ଜାଣିବାପରେ ସେ ବାବୁ ସଂଜୟଙ୍କୁ ନେଇ ଆଉ ବେଶି ଆଶାନ୍ୱିତ ହେବା ଅନୁଚିତ। ଲୋହିତ ପ୍ୟାଲେସରେ ବସିଥିବା ଏହି ବୈଠକରେ ପଦ୍ମଦଳର ଗୋଲାପୀ ନକ୍ସା ଅଙ୍କନ କରାଯାଇଥିଲା, ଯଦିଓ ସେଠାରେ ଉପସ୍ଥିତ ଲୋକଙ୍କ ଭିତରୁ ୯୦ ଭାଗ ଥିଲେ ଏକଦା ବିଜେଡ଼ିର ସ୍ଥାୟୀୟ ନେତା ଓ କର୍ମୀ।



# ଅଫିସର ସେହି, ବ୍ୟବହାର ନୂଆ

ନୟାଗଡ଼ ଜିଲ୍ଲାର ଚାରିଟା ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଦୁଇଟା ପଦ୍ମହାତରେ ଓ ଆଉ ଦୁଇଟା ଶଂଖ ହାତରେ। ଶଂଖ ହାତରେ ଥିବା ଦୁଇଆସନର ବିଧାୟକ ହେଲେ ନୟାଗଡ଼ର ବାବୁ ଅରୁଣ ସାହୁ ଓ ଦଶପଲ୍ଲାର ବାବୁ ରମେଶ ବେହେରା। ପଦ୍ମ ହାତରେ ଥିବା ଆସନ ଯୋଡ଼ିକ ହେଲା ରଣପୁର ଯୋଉଠୁ ବାଚସ୍ପତି ସୁରମା ପାଢ଼ୀ ଜିତିଛନ୍ତି ଓ ଆରଟି ଖଣ୍ଡପଡ଼ା, ଯୋଉଠୁ ଦୁଷ୍ମନ୍ତ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ଆଗରୁ ନୟାଗଡ଼ରେ ଯେଉଁ ଅଫିସରମାନେ ଥିଲେ ଏବେ ପ୍ରାୟ ସେହିମାନେ ଅଛନ୍ତି, ବେଶି ଅଦଳ ବଦଳ ହୋଇ ନାହାନ୍ତି। ମାତ୍ର ସେମାନେ କୁଆଡ଼େ ଶଂଖନେତାଙ୍କର କଥା ଆଉ ଶୁଣୁନାହାନ୍ତି। ଗଲା କିଛିଦିନ ତଳେ ନୂଆଗାଁ ବ୍ଲକ ଅଫିସରେ ଏକ ସରକାରୀ ବୈଠକ ବସିଥିଲା। ସେଇଠି ଦଶପଲ୍ଲା ବିଧାୟକ ବି.ଡ଼ି.ଓ.ଙ୍କ ଉପରକୁ ଫାଇଲ ଫିଙ୍ଗି କହିଥିଲେ, ମୁଁ କହୁଥିବା କୌଣସି କାମ ଗୋଟିଏ ହେଉନାହିଁ। ଏଥିରେ ବିକାଶ ହେବ କିପରି? ବାବୁ ଅରୁଣ ସାହୁ ମଧ୍ୟ କହିବୁଲୁଛନ୍ତି, ବର୍ଷେ ହେଲା ବିକାଶମୂଳକ କାମ ଠପ୍ ହୋଇଯାଇଛି। ଏଣୁ ଲୋକମାନେ ରାଗିଲେଣି। ଉଚିତ ସମୟରେ ତାହାର ଜବାବ ଦିଆଯିବ। ବିକାଶ କଥା ତ ଭିନ୍ନ, ତେବେ ଯେଉଁ ଅଫିସର ମାନେ ଗତ ବର୍ଷକତଳେ ଜଣଙ୍କର କଥା ଶୁଣୁଥିଲେ ସେହି ଅଫିସର ଏବେ ନଶୁଣିବାର କାରଣ କଣ? ସେତେବେଳେ କଣ ସେମାନେ ଭୟରେ ସବୁ କଥା କରୁଥିଲେ ନା କଣ?



# ବିବାଦ ନା ବିକାଶ

ଭୁବନେଶ୍ୱର ମହାନଗର ନିଗମର ନୂଆ କମିଶନର ବାବୁ ଚଞ୍ଚଳ ରାଣା ସ୍ଥିର କରିପାରୁ ନାହାନ୍ତି ଯେ ସେ ତାଙ୍କ କାର୍ଯ୍ୟାଳୟରେ ଥିବା ବିବାଦ କଥା ଆଗେ ବୁଝିବେ ନା ସହରର ବିକାଶ କଥା ଆଗେ ବୁଝିବେ। ଗଲା ମାସେ ହେଲା ମହାନଗର ନିଗମର କାରବାର ଯେମିତି, ତହିଁରେ ଫୌଜଦାରି ଦିଗ ବେଶି ଉକୁଟୁଛି, ବିକାଶ ନୁହେଁ। ପ୍ରଥମେ ଅଫିସରଙ୍କୁ ମାଡ଼, ତାପରେ କର୍ପୋରେଟରଙ୍କ ଗିରଫଦାରି, ବିଧାୟକ ପ୍ରାର୍ଥୀଙ୍କ ଗିରଫ, ଏବେ ଶଂଖଦଳିଆ କର୍ପୋରେଟର ଗିରଫ ଏବଂ ଗଲା ସପ୍ତାହରେ ବିକ୍ଷୋଭ- ବିବାଦ ଥମିବାର ନାହିଁ। ଶୁଣିବାକୁ ପାଇଲୁ, ବିବାଦ ନିୟନ୍ତ୍ରଣ କରି ନପାରିବା ଯୋଗୁଁ କାଳେ ପୂର୍ବ କମିଶନର ବାବୁ ରାଜେଶ ପ୍ରଭାକର ପାଟିଲ ଏଠାରୁ ସ୍ଥାନାନ୍ତରିତ ହେଲେ। ଏବେ ବାବୁ ଚଞ୍ଚଳ ରଣା କଣ କରିବେ? ଏହି କାମରେ ପୁଣି ମେୟର କହିଲେଣି, ଆମପାଖେ ଟଙ୍କା ନାହିଁ। ତାହାହେଲେ ପୂଜାପର୍ବକୁ ରାସ୍ତାଘାଟରେ ଯୋଉ ଗଣ୍ଡାଏ ଗଣ୍ଡା ମୋରମ, ଗୋଡ଼ି, ବାଲି ପଡ଼େ ସେତକ ପଡ଼ିବ ନା ନାହିଁ? ନା ସେତକ ପାଇଁ ମଧ୍ୟ ଅର୍ଥ ନାହିଁ। ରାଜ୍ୟ ସରକାର ତୁରନ୍ତ ବି.ଏମ୍.ସି. କାରବାରରେ ହସ୍ତକ୍ଷେପ କରିବା ରାଜନୈତିକ ଦୃଷ୍ଟିରୁ ଯଥାର୍ଥ ହେବ। ନହେଲେ ଚଞ୍ଚଳ ମଧ୍ୟ ଶୀଘ୍ର ସ୍ଥାଣୁ ପାଲଟିବେ ସିନା! ନାରାୟଣ, ନାରାୟଣ।



Printed, published and edited by Soumya Ranjan Patnaik, At Plot No. 185, VIP Area, Nayapalli, IRC Village, Bhubaneswar, Dist- Khurda, PIN-751015
Printed at Eastern Media Limited, B/27, Industrial Estate, Rasulgarh, Bhubaneswar, Dist- Khurda, PIN-751010
ସଂପାଦକ: ସୌମ୍ୟ ରଂଜନ ପଟ୍ଟନାୟକ
Editor: Soumya Ranjan Patnaik